ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

# THE DINALIPI

- Vol.- 45, Issue No. 348
- Sunday, 22 March 2026
- ରବିବାର, ୨୨ ମାର୍ଚ୍ଚ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com





## ନବରାତ୍ରୀରେ

# ଦେବୀ କୁଷ୍ମାଣ୍ଡା



ଦେବୀ କୁଷ୍ମାଣ୍ଡା ହେଉଛନ୍ତି ଦେବୀ ଦୁର୍ଗା (ନବଦୁର୍ଗାଙ୍କ)ଙ୍କ ଚତୁର୍ଥ ରୂପ, ଯିଏ ନବରାତ୍ରିର ଚତୁର୍ଥ ଦିନରେ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ଭାବରେ ପୂଜା ପାଆନ୍ତି। 'ହସୁଥିବା ଦେବୀ' ଭାବରେ ଜଣାଶୁଣା, ସେ ତାଙ୍କର ଦିବ୍ୟ ଶକ୍ତି ସହିତ ମହାଜାଗତିକ ଅଣ୍ଡା (ଅଣ୍ଡା) ସୃଷ୍ଟି କରି ବ୍ରହ୍ମାଣ୍ଡକୁ ଆଲୋକ ଆଣିଥିବା ବିଶ୍ୱାସ କରାଯାଏ।

କୁଷ୍ମାଣ୍ଡାଙ୍କୁ ଆଠରୁ ଦଶ ହାତରେ ଚିତ୍ରିତ କରାଯାଇଛି, ସେ ତ୍ରିଶୂଳ (ତ୍ରିଶୂଳ), ଚକ୍ର, ଖଣ୍ଡା, ଫାଶ, ଗଦା, ଧନୁ, ତୀର ଏବଂ ଦୁଇଟି ପାତ୍ର ଅମୃତ (ଅମୃତର ଅମୃତ) ଏବଂ ରକ୍ତ ଧରିଛନ୍ତି। ସେ ତାଙ୍କ ଗୋଟିଏ ହାତରେ ଅଭୟମୁଦ୍ରା ଇଙ୍ଗିତ ପ୍ରଦର୍ଶନ କରନ୍ତି, ଯାହା ଦ୍ୱାରା ସେ ତାଙ୍କର ସମସ୍ତ ଭକ୍ତଙ୍କୁ ଆଶୀର୍ବାଦ କରନ୍ତି।

ଏକ କିମ୍ବଦନ୍ତୀ ଅନୁସାରେ, ଅସୁର ଜାତୁକାସୁରର ପରାଜୟ ପରେ, ସୁକେଶଙ୍କ ପୁତ୍ର ମାଳି ଏବଂ ସୁମାଳି, ଦୁଇଜଣ ଅସୁର ଶିବଙ୍କୁ ପ୍ରସନ୍ନ କରିବା ପାଇଁ କଠୋର ତପସ୍ୟା କରିଥିଲେ। ସେମାନଙ୍କର ତପସ୍ୟା ଏତେ କଠୋର ହୋଇଥିଲା ଯେ ସେମାନଙ୍କ ଶରୀର ପୃଥିବୀରେ ଦୃଶ୍ୟମାନ ଆଲୋକ ବିକିରଣ କରିଥିଲା, ଯାହା ସୂର୍ଯ୍ୟ ଦେବତା ସୂର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କୌତୂହଳ ବଶତଃ ସୂର୍ଯ୍ୟ ସେମାନଙ୍କୁ ଦେଖିବା ପାଇଁ ତାଙ୍କ ସ୍ୱର୍ଗୀୟ ସ୍ଥିତିରୁ ପ୍ରସ୍ଥାନ କଲେ। ଯେତେବେଳେ ସେ ନିକଟତର ହେଲେ, ସୂର୍ଯ୍ୟର ଉତ୍ତାପ ଦୁଇ ଅସୁରଙ୍କୁ ପାଉଁଶ କରିଦେଲା।

ଏଥିରେ କ୍ରୋଧିତ ହୋଇ ଶିବ ସୂର୍ଯ୍ୟଙ୍କୁ ତାଙ୍କର ତ୍ରିଶୂଳରେ ଆଘାତ କଲେ, ଯାହା ତାଙ୍କୁ ଅଚେତ କରିଦେଲା। ସୂର୍ଯ୍ୟଙ୍କ ଅନୁପସ୍ଥିତି ବ୍ରହ୍ମାଣ୍ଡରେ ଅନ୍ଧକାର ଏବଂ ବିଶୃଙ୍ଖଳା ସୃଷ୍ଟି କଲା। ଋଷି କଶ୍ୟପ, ତାଙ୍କ ପୁତ୍ର ସୂର୍ଯ୍ୟଙ୍କ ଅବସ୍ଥା ପାଇଁ ଦୁଃଖ ପ୍ରକାଶ କରି, ଶିବଙ୍କୁ ଅଭିଶାପ ଦେଲେ ଯେ ସେ ଦିନେ ତାଙ୍କ ନିଜ ପୁତ୍ରକୁ ମାରିଦେବେ। ବ୍ରହ୍ମାଣ୍ଡକୁ ଶୃଙ୍ଖଳା ଫେରାଇ ଆଣିବା ପାଇଁ, ଶିବ ତାଙ୍କର ପତ୍ନୀ ପାର୍ବତୀଙ୍କୁ ଅନୁରୋଧ କଲେ, ଯିଏ ଅଗ୍ନି ଏବଂ ଆଲୋକର ଏକ ଗୋଲକ ସୃଷ୍ଟି କରି ବ୍ରହ୍ମାଣ୍ଡରେ ସୂର୍ଯ୍ୟଙ୍କ ସ୍ଥାନ ନେଇଥିଲେ। ଏହି ଗୋଲକରୁ ଉଦିତ ହୋଇ, ସେ କୁଷ୍ମାଣ୍ଡାର ଉଜ୍ଜ୍ୱଳ ରୂପରେ ପ୍ରକାଶିତ ହେଲେ।

ଦୁଃଖରେ ଆକ୍ରାନ୍ତ ହୋଇ ସୁକେଶ ଏବଂ କଶ୍ୟପ ଶିବଙ୍କ ନିକଟକୁ ଗଲେ। ଦେବତା ସେମାନଙ୍କୁ ପାର୍ବତୀଙ୍କ ମାର୍ଗଦର୍ଶନ ପାଇଁ ତାଙ୍କ ପାଖକୁ ଯିବାକୁ ନିର୍ଦ୍ଦେଶ ଦେଲେ। କଶ୍ୟପ, ଅଦିତିଙ୍କ ସହିତ ମିଶି ସୂର୍ଯ୍ୟଙ୍କ ପୁନର୍ଜୀବନ ପାଇଁ ତାଙ୍କୁ ନିବେଦନ କଲେ। ପାର୍ବତୀ ଦୁଇଟି ପାତ୍ର ବାହାର କଲେ, ଯେଉଁଥିରୁ ଗୋଟିଏ କଶ୍ୟପ ତାଙ୍କ ତପସ୍ୱୀ ଶକ୍ତି ଦ୍ୱାରା ରକ୍ତରେ ପୂର୍ଣ୍ଣ କରିଥିଲେ, ଯେତେବେଳେ ଅନ୍ୟଟି ଅମୃତରେ ପୂର୍ଣ୍ଣ ଥିଲା। ସେ କଶ୍ୟପଙ୍କୁ ସୂର୍ଯ୍ୟଙ୍କୁ ମିଶ୍ରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଲେ, ତାଙ୍କୁ ପୁନର୍ଜୀବିତ କଲେ। କୃତଜ୍ଞତା ସ୍ୱରୂପ, କଶ୍ୟପ ପାର୍ବତୀଙ୍କୁ ଆଶୀର୍ବାଦ କଲେ ଯେ ତାଙ୍କର ଏକ ପୁତ୍ର ହେବ ଯାହା ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେବ।

ସୁକେଶ ଏବଂ ତାଙ୍କ ପତ୍ନୀ ଦେବବତୀ ପାର୍ବତୀଙ୍କୁ ସେମାନଙ୍କ ପୁତ୍ର ମାଳି ଏବଂ ସୁମାଳିଙ୍କ ଭସ୍ମ ପ୍ରଦାନ କଲେ। ପାର୍ବତୀ ଦେବବତୀଙ୍କ ଗର୍ଭରେ ଏକ ଡିମ୍ବ ରଖିଲେ, ଯେଉଁଠାରୁ ତାଙ୍କର ଅସୁର ସନ୍ତାନ ପୁନର୍ଜୀବିତ ହେଲେ। ସୂର୍ଯ୍ୟ କୁଷ୍ମାଣ୍ଡାଙ୍କୁ ସୂର୍ଯ୍ୟଙ୍କ ମଧ୍ୟରେ ରହିବାକୁ ଅନୁରୋଧ କଲେ, ଯାହା ଦ୍ୱାରା ସେ ତେଜ ପ୍ରଦାନ କରି ତାଙ୍କ ଗତିବିଧିକୁ ନିର୍ଦ୍ଦେଶିତ କରିପାରିବେ।

ତେଣୁ ଏହି ଦେବୀ ସୂର୍ଯ୍ୟଙ୍କ ମୂଳରେ ବାସ କରନ୍ତି, ଏହାର ଆଲୋକକୁ ନିୟନ୍ତ୍ରଣ କରନ୍ତି ଏବଂ ସୌରମଣ୍ଡଳକୁ ଶକ୍ତି ପ୍ରଦାନ କରନ୍ତି।

ସ୍ୱାସ୍ଥ୍ୟ, ଶକ୍ତି ଏବଂ ସମୃଦ୍ଧିକୁ ଉନ୍ନତ କରିବା ପାଇଁ ନବରାତ୍ରିର ଚତୁର୍ଥ ଦିନରେ ତାଙ୍କୁ ପୂଜା କରାଯାଏ।

ନବରାତ୍ରୀ ଚତୁର୍ଥ ଦିନରେ ପୂଜିତ ମା କୁଷ୍ମାଣ୍ଡା ହେଉଛନ୍ତି ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ଏବଂ ଶକ୍ତି ଉତ୍ସ। ମୁଖ୍ୟ ମନ୍ତ୍ରଗୁଡ଼ିକରେ ସମୃଦ୍ଧି, ସ୍ୱାସ୍ଥ୍ୟ ଏବଂ ଜୀବନ ପାଇଁ ଆଶୀର୍ବାଦ ପାଇବା ପାଇଁ ସରଳ ଜପ "ଓଁ ଦେବୀ କୁଷ୍ମାଣ୍ଡାୟ ନମଃ" ।

# ଅଧିକ ଇଚ୍ଛା..
# ସୁଖ ପଥରେ ବାଧା



ହିନ୍ଦୀରେ ଗୋଟିଏ ପ୍ରସିଦ୍ଧ ରଢି ଅଛି 'ସନ୍ତୋଷୀ ନର ସଦା ସୁଖୀ' ଅର୍ଥାତ୍ ଯିଏ ସନ୍ତୁଷ୍ଟ ଥାଏ, ସେ ସୁଖୀ ଥାଏ । ସନ୍ତୁଷ୍ଟତା ମାନବ ଜୀବନର ଶୃଙ୍ଗାର ଅଟେ । ରାଜଯୋଗୀ ବହ୍ମାକୁମାର ନିକୁଂଜ କୁହନ୍ତି ଯାହା ଚେହେରାରେ ଚମକ ତାହା ସନ୍ତୁଷ୍ଟତା ଅଟେ । କିନ୍ତୁ ଦୁର୍ଭାଗ୍ୟବଶତଃ ସଂସାରରେ କିଛି ଲୋକ ଏମିତି ଅଛନ୍ତି ଯିଏ ସନ୍ତୁଷ୍ଟିର ମିଠା ଫଳକୁ ଚାଖିଛନ୍ତି । ମନୁଷ୍ୟ ନିଜ ସାରା ଜୀବନ ଆହୁରି ଅଧିକ ଆଉ ଅଧିକ କରି କରି ବିତେଇ ଦେଉଛି । ଅତଃ ଅସନ୍ତୁଷ୍ଟ ହୋଇକରି ମୃତ୍ୟୁକୁ ପ୍ରାପ୍ତ କରିଥାନ୍ତି । ମଜାର କଥା ହେଲା ଯେ ନୂଆ ଜନ୍ମ ପ୍ରାପ୍ତ କରିକି ମଧ୍ୟ ଆମେ ପୁଣି ଥରେ ସେହି ଆହୁରି ଅଧିକା..ଆଉ ଅଧିକର ଦୌଡ଼ର ଆରମ୍ଭ କରି ଦେଇଥାନ୍ତି । ଏହି ପ୍ରକ୍ରିୟା ଜନ୍ମ-ଜନ୍ମାନ୍ତର ଚାଲି ରହିଥାଏ । ଯେପର୍ଯ୍ୟନ୍ତ ଆମେ ସନ୍ତୋଷ ଆଉ ସନ୍ତୁଷ୍ଟିର ଗୁଣ ଧାରଣ ନ କରଛନ୍ତି । ସେଥିପାଇଁ କୁହାଯାଏ,'ଯିଏ ସଦା ସନ୍ତୁଷ୍ଟ ସେ ସଦା ପ୍ରସନ୍ନ' । ଅଧିକାଂଶ ଲୋକଙ୍କର ମନରେ ସନ୍ତୁଷ୍ଟତାର ଅବଧାରଣାର ଉପରେ ବହୁତ ଭ୍ରମର ସ୍ଥିତି ହୋଇଥାଏ,କାହିଁକି ଯେପର୍ଯ୍ୟନ୍ତ ଏହି ଯଥାର୍ଥ ବିଧି ଆମେ ବୁଝି ନଥିବା । ଏହା ବିଧି ଅଟେ,ଏହାର ବିପରୀତ ପାର୍ଶ୍ୱକୁ ବୁଝିବା ଅର୍ଥାତ୍ ଅସନ୍ତୁଷ୍ଟତାକୁ ଜାଣିବା । ବିଶେଷଜ୍ଞଙ୍କ ଅନୁଧ୍ୟାନ ଅନୁସାରେ,ମନୁଷ୍ୟର ଅସନ୍ତୋଷର କାରଣ ବହୁତ ହୋଇଥାଏ,ଯାହା ତା'ର ଜୀବନରେ ମାନସିକ ବ୍ୟଗ୍ରତା ଆଣିକି ତାହାର ବୌଦ୍ଧିକ ପ୍ରସଙ୍ଗକୁ ବିକ୍ଷୁବ୍ଧ କରି ଦେଇଥାଏ । ପରିଣାମ ସ୍ୱରୂପ ସେ ନିରାଶା, ଉଦାସହୀନତା, ଚିନ୍ତା,ଦ୍ୱେଷ ଆଉ ମାନସିକ ପୀଡାର ସହିତ ଏମିତି ଦବି ଯାଏ କି ସେ କୌଣସି ବି କାର୍ଯ୍ୟ କରିବାରେ ନିଜର କ୍ଷମତାକୁ ହରେଇ ଦେଇଥାଏ । ସନ୍ତୁଷ୍ଟତା ତିନି ପ୍ରକାରର ହୋଇଥାଏ, ପ୍ରଥମ.. ଈଶ୍ୱରଙ୍କଠାରେ ସନ୍ତୁଷ୍ଟ ଅର୍ଥାତ୍ ଯେତେବେଳେ ଆଉ ଯେମିତି ଇଶ୍ୱର ଦେବେ ସେଥିରେ ସନ୍ତୁଷ୍ଟ ରହିବା । ଦ୍ୱିତୀୟ..ନିଜ ଭିତରେ ସନ୍ତୁଷ୍ଟ,ଅର୍ଥାତ୍ ନିଜକୁ ନିଜର ଗୁଣ ଆଉ ଅବଗୁଣ ସହିତ ସ୍ୱୀକାର କରିବା । ତୃତୀୟ..ସର୍ବ ସମ୍ବନ୍ଧ ଆଉ ସମ୍ପର୍କରେ ସନ୍ତୁଷ୍ଟ ଅର୍ଥାତ୍ ପ୍ରତ୍ୟେକ ଆତ୍ମାକୁ ତାଙ୍କର ଗୁଣ-ଅବଗୁଣର ସହିତ ସ୍ୱୀକାର କରିବା । ସମସ୍ତଙ୍କଠାରେ ସକାରାତ୍ମକତା ଖୋଜିବା । ସନ୍ତୁଷ୍ଟତାର ଚିହ୍ନ ପ୍ରତ୍ୟକ୍ଷ ରୂପରେ ପ୍ରସନ୍ନତା ଦେଖା ଯାଇଥାଏ । ଏହି ପ୍ରସନ୍ନତାର ଆଧାର ଉପରେ ପ୍ରତ୍ୟକ୍ଷ ଫଳ ଏହା ହେବକି ଏମିତି ଆତ୍ମାକୁ ସଦା ସ୍ୱତଃ ହିଁ ସର୍ବଦ୍ୱାରା ପ୍ରଶଂସା ହେବ । ସେଥିପାଇଁ ସନ୍ତୁଷ୍ଟତା ଗୋଟିଏ ଏମିତି ଅଦ୍ୱିତୀୟ ସଦ୍‌ଗୁଣ ଅଟେ, ଯାହାର ସ୍ମୃତି ଚିହ୍ନ ପ୍ରସନ୍ନତା ଅଟେ ଆଉ ଏହାର ପ୍ରତ୍ୟକ୍ଷ ଫଳ ପ୍ରଶଂସା । ଅଲ୍‌ଫ୍ରେଡ୍ ନୋବେଲ କହିଥିଲେ,' ସନ୍ତୋଷ ହିଁ ପ୍ରକୃତ ଧନ ଅଟେ' । ଆମେ ସନ୍ତୁଷ୍ଟତା ରୂପୀ ଧନକୁ ଛାଡି କରି ଅନ୍ୟ ପ୍ରକାର ଧନକୁ ହାସଲ କରିବା ପଛରେ ନିଜର ଅମୂଲ୍ୟ ସମୟ ରୂପୀ ଧନକୁ ନଷ୍ଟ କରିବା ନାହିଁ । କାହିଁକିନା ସନ୍ତୁଷ୍ଟିର ସମାନ କୌଣସି ଧନ ନାହିଁ ।



- ମନୋଜ କୁମାର ବେହେରା ମୋ-୭୯୭୮୮୩୦୬୧୧

# ଅମରତ୍ୱ ପାଇଁ ଯୋଗ୍ୟ ସଦା ଅବିଚଳିତ

ପ୍ରଭୁ ଶ୍ରୀକୃଷ୍ଣ ଅର୍ଜୁନଙ୍କ ଉଦ୍ଦେଶ୍ୟରେ କହିଲେ ସଙ୍କଟକାଳୀନ ସମୟରେ ଅପବିତ୍ର ଚିନ୍ତାଧାରା କେଉଁଠାରୁ ତୁମକୁ ଆସିଲା, ଜଣେ ଅସମ୍ମାନଜନକ ବ୍ୟକ୍ତିଙ୍କ ଚିନ୍ତାଧାରା, କୁଖ୍ୟାତି ଆଣିଥାଏ ଏବଂ ସ୍ୱର୍ଗୀୟ ଜୀବନରୁ ବଞ୍ଚିତ କରିଥାଏ ? ହେ ଶତ୍ରୁମାନଙ୍କର ସାଧକ, କାପୁରୁଷତାର ବଶବର୍ତ୍ତୀ ହୁଅ ନାହିଁ। ଏହା ତୁମକୁ ଶୋଭା ଦିଏ ନାହିଁ। ତୁମର ହୃଦୟର ନୀଚ ଦୁର୍ବଳତା ତ୍ୟାଗ କରି ଠିଆ ହୁଅ।

ଅର୍ଜୁନ କହିଲେ, ହେ ମଧୁସୂଦନ, ମୁଁ କିପରି ଭୀଷ୍ମ ଏବଂ ଦ୍ରୋଣଙ୍କ ପରି ବ୍ୟକ୍ତିମାନଙ୍କ ବିରୋଧରେ ଯୁଦ୍ଧ କରି, ତୀର ଦ୍ୱାରା ସେମାନଙ୍କର ମୁକାବିଲା କରି ପାରିବି, ଯେତେବେଳେ ସେମାନେ ପୂଜା ପାଇଁ ଉପଯୁକ୍ତ ?ଏହି ମହାନ ଆତ୍ମାମାନେ ମୋର ଶିକ୍ଷକ । ସେମାନଙ୍କୁ ହତ୍ୟା କରିବା ଅପେକ୍ଷା ଏହି ଜଗତରେ ଭିକାରିର ଜୀବନ ବିତାଇବା ଭଲ। ଯଦି ଆମେ ସେମାନଙ୍କୁ ହତ୍ୟା କରୁ, ତେବେ ଆମକୁ ରକ୍ତ ରଞ୍ଜିତ ହାତରେ ବଞ୍ଚିବାକୁ ପଡିବ ଏବଂ ଆମର ବାକି ଜୀବନ ଉପଭୋଗ କରିବାକୁ ପଡିବ।ଆମେ ଜାଣିନାହୁଁ ଯେ ଆମ ପାଇଁ କ'ଣ ଭଲ, ସେମାନଙ୍କୁ ଜୟ କରିବା କି ସେମାନଙ୍କ ଦ୍ୱାରା ପରାସ୍ତ ହେବା। ନିଶ୍ଚିତ ଭାବରେ ଧୃତରାଷ୍ଟ୍ରଙ୍କ ପୁତ୍ରମାନଙ୍କୁ ହତ୍ୟା କରି, ଆମେ ବଞ୍ଚିବାକୁ ଇଚ୍ଛା କରିବୁ ନାହିଁ। ତଥାପି ସେମାନେ ସମସ୍ତେ ବର୍ତ୍ତମାନ ଯୁଦ୍ଧ କ୍ଷେତ୍ରରେ ଆମ



ସମ୍ମୁଖରେ ଠିଆ ହୋଇଛନ୍ତି।

ମୋର କର୍ତ୍ତବ୍ୟ (ଧର୍ମ) ବିଷୟରେ ମୋ ହୃଦୟରେ ଦ୍ୱନ୍ଦ୍ୱରେ ପଡ଼ି, ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ମୋର ସ୍ୱାର୍ଥ ପାଇଁ କ'ଣ ଅଛି ତାହା ମୋତେ ସ୍ପଷ୍ଟ ଭାବରେ କୁହନ୍ତୁ। ମୁଁ ଏବେ ଆପଣଙ୍କର ଶିଷ୍ୟ। ଦୟାକରି ମୋତେ ନିର୍ଦ୍ଦେଶ ଦିଅନ୍ତୁ ଏବଂ ମୋତେ ସାହାଯ୍ୟ କରନ୍ତୁ କାରଣ ମୁଁ ବର୍ତ୍ତମାନ ଆପଣଙ୍କ ଠାରେ ଆତ୍ମସମର୍ପଣ କରିସାରିଛି।

ପରମ ଭଗବାନ କହିଲେ, ତୁମେ ଯାହା ପାଇଁ ଦୁଃଖ କରିବା ଉଚିତ୍ ନୁହେଁ ସେଥିପାଇଁ ଦୁଃଖ କରୁଛ। ତଥାପି ତୁମେ ଜଣେ ମହାନ ବିଦ୍ୱାନଙ୍କ ପରି କହୁଛ। ଜଣେ ପ୍ରକୃତ ବିଦ୍ୱାନ ଏପରି ଜୀବନ ବିଷୟରେ ଚିନ୍ତା କରିବ ନାହିଁ ଯାହା ଶେଷ ହୋଇଗଲା କିମ୍ବା ଶେଷ ହୋଇଗଲା ନାହିଁ।ଏପରି କୌଣସି ସମୟ ନଥିଲା ଯେତେବେଳେ 'ମୁଁ' ଅସ୍ତିତ୍ୱରେ ନ ଥିଲା, ତୁମେ, କିମ୍ବା ଏହି ସମସ୍ତ ରାଜାମାନେ ଅସ୍ତିତ୍ୱରେ ନ ଥିଲେ। ଭବିଷ୍ୟତରେ ଆମେ କେବେ ଅସ୍ତିତ୍ୱ ହରାଇବୁ ନାହିଁ।

ଯେପରି ଦେହ ମଧ୍ୟରେ ଥିବା ଆତ୍ମା ଶୈଶବରୁ ଯୌବନ ଏବଂ ବୃଦ୍ଧାବସ୍ଥାକୁ ଗତି କରେ, ସେହିପରି ଏହା ଗୋଟିଏ ଶରୀରରୁ ଅନ୍ୟ ଏକ ଶରୀରକୁ ମଧ୍ୟ ଗତି କରେ। ତେଣୁ ନିରପେକ୍ଷ ବ୍ୟକ୍ତି ଭ୍ରମିତ ହୁଏ ନାହିଁ। ଗ୍ରୀଷ୍ମ ଏବଂ ଶୀତ, ସୁଖ ଏବଂ ଯନ୍ତ୍ରଣା କେବଳ ଇନ୍ଦ୍ରିୟ ବସ୍ତୁ ସହିତ ଇନ୍ଦ୍ରିୟଗୁଡ଼ିକର ସମ୍ପର୍କ ଯୋଗୁଁ ଉତ୍ପନ୍ନ ହୁଏ। ସେମାନେ କ୍ଷଣସ୍ଥାୟୀ। ତେଣୁ ହେ ଅର୍ଜୁନ, ସେମାନଙ୍କୁ ସହ୍ୟ କରିବାକୁ ଚେଷ୍ଟା କର।ହେ ପୁରୁଷମାନଙ୍କ ମଧ୍ୟରେ ପ୍ରଧାନ, ସେହି ବ୍ୟକ୍ତି ଅମରତ୍ୱ ପାଇଁ ଯୋଗ୍ୟ ଯିଏ ଇନ୍ଦ୍ରିୟ ଦ୍ୱାରା ବିଚଳିତ ନୁହେଁ ଏବଂ ଯିଏ ସୁଖ ଏବଂ ଦୁଃଖ ଉଭୟରେ ସମାନ।

## ହେଉଛି କି ବିଳମ୍ବରେ
# ବିବାହ



ଅନେକ ସମୟରେ ଜାତକରେ ଥିବା ସମସ୍ୟା କାରଣରୁ ହେଉ କିମ୍ବା ଅନ୍ୟ କିଛି କାରଣରୁ ବିବାହରେ ବିଳମ୍ବ ହୋଇଥାଏ। ଉତ୍ତମ ଜୀବନସାଥିଟିଏ ମିଳିବାରେ ଅନେକ ସମୟ ଲାଗିଥାଏ। ବେଳେ ବେଳେ ସ୍ଥିରୀକୃତ ହୋଇଥିବା ବିବାହ ମଧ୍ୟ ଭାଙ୍ଗି ଯାଏ। ତେବେ ବିବାହରେ ବିଳମ୍ବ କିମ୍ବା ସମସ୍ୟା ହେଉଥିଲେ, ଏହି ସରଳ ଉପାୟ ଆପଣାନ୍ତୁ.. ବିବାହରେ ବିଳମ୍ବ ହେଉଥିଲେ, ଖାଦ୍ୟରେ ହଳଦୀ ରଙ୍ଗ ଜିନିଷର ଅଧିକ ସେବନ କରନ୍ତୁ। ଏହାସହ ପ୍ରତ୍ୟେକ ଖାଦ୍ୟରେ ହଳଦୀ ନିଶ୍ଚୟ ସାମିଲ କରନ୍ତୁ। ସ୍ନାନ ଜଳରେ ମଧ୍ୟ ନିୟମିତ ହଳଦୀ ମିଶାଇ ସ୍ନାନ କରନ୍ତୁ। ଗୋମାତାଙ୍କର ସେବା କରିବା ସହ ନିୟମିତ ଖାଦ୍ୟ ଦେବା ଦ୍ୱାରା ଶୁଭଫଳ ପ୍ରାପ୍ତି ହୋଇଥାଏ। ଗାଈଙ୍କୁ ଗୁରୁବାର ବୁଟ ଡାଲି, ଗୁଡ, ଅଟା, ହଳଦୀ ମିଶାଇ ଗାଈଙ୍କୁ ଖାଇବାକୁ ଦିଅନ୍ତୁ। ଏହାଦ୍ୱାରା ବିବାହ ଶୀଘ୍ର ହୋଇଥାଏ। ସ୍ନାନ କରିବା ପରେ ପରଫ୍ୟୁମ୍‌ର ବ୍ୟବହାର କରନ୍ତୁ। ଏହାଦ୍ୱାରା ବିବାହରେ ଆସୁଥିବା ସମସ୍ୟା ଦୂର ହେବ। ଯେକୌଣସି କନ୍ୟାଙ୍କ ବିବାହ ସମାରୋହରେ ଯୋଗ ଦେଉଥିଲେ, ଉପହାର କିମ୍ବା ଆବଶ୍ୟକ ବ୍ୟକ୍ତିଙ୍କୁ ବିବାହ ପାଇଁ ଦାନ ନିଶ୍ଚୟ ଦିଅନ୍ତୁ। ଏହାଦ୍ୱାରା ଭାଗ୍ୟରେ ସୁପରିବର୍ତ୍ତନ ଆସିବା ସହ ବିବାହ ଶୀଘ୍ର ହୋଇଥାଏ।



## ଶୁଭୁନି ଆଉ କିଚିରିମିଚିରି ଶବ୍ଦ
# ଲୋପ ପାଇଲାଣି ଘର ଚଟିଆ ବଂଶ

ଜଳବାୟୁ ପରିବର୍ତ୍ତନ ସହିତ ଧରାପୃଷ୍ଠରୁ ବହୁ ଜୀବଜନ୍ତୁ ମଧ୍ୟ ଧୀରେଧୀରେ ଲୋପ ପାଇବାରେ ଲାଗିଛି । ଦିନ ଥିଲା ଗାଆଁ ଗହଳରେ ମାଆମାନେ ଘର ଚଟିଆକୁ ଦେଖାଇ ନିଜ ଛୁଆର ଅଝଟ ପଣ ଦୂର କରିବା ସହିତ ଘର ଚଟିଆ ସମ୍ପର୍କରେ ନାନା ଗୀତ ଗାଇ ନିଜ ଛୁଆକୁ ଖୁଆଇ ଦେଉଥିଲା । ଅଗଣା ଚାଳରେ ବସା ବାନ୍ଧି ଥିବା ଘର ଚଟିଆ ଗୁଡ଼ିକ ମଧ୍ୟ କିଚିରି ମିଚିରି ଶବ୍ଦ କରି ଘୁରି ବୁଲୁଥିଲେ ଅଗଣା ସାରା । କିନ୍ତୁ ମଣିଷ ଚାଳ ଘର ଭାଙ୍ଗି ନିଜ ପାଇଁ ଛାତ ଘର ତୋଳିବା ପରେ ଘର ଚଟିଆ ମାନେ ବାସ ହରା ହୋଇପଡ଼ିଲେ ଓ କ୍ରମାଗତ ଭାବେ ଲୋପ ପାଇଲା ଘର ଚଟିଆଙ୍କ ବଂଶ । ଏହା ସହିତ ମୋବାଇଲ୍ ଟାୱାର୍ ଗୁଡ଼ିକର ବିକିରଣର କୁପ୍ରଭାବ ମଧ୍ୟ ପଡିଛି ଘର ଚଟିଆଙ୍କ ଜୀବନ ଶୈଳୀ ଉପରେ ଓ ବର୍ତ୍ତମାନ ଗାଆଁ ଗହଳିରେ ଖୁବ୍ କମ୍ ସଂଖ୍ୟାରେ ଦେଖିବାକୁ ମିଳୁଛନ୍ତି ଘର ଚଟିଆ ଓ ବିଶେଷ କରି ବିଭିନ୍ନ ବିଦ୍ୟାଳୟ, କୋଠା ଘରର ଛାତ ତଳେ ବାୟୁ ଚଳାଚଳ ପାଇଁ ଥିବା ରାସ୍ତାରେ ଘର ଚଟିଆମାନେ ନିଜର ବସା



ବାନ୍ଧି ରହୁଥିବା ଦେଖିବାକୁ ମିଳୁଛି ଓ କିନ୍ତୁ ଘର ଏବଂ ବିଦ୍ୟାଳୟ ସଫେଇ କରିବା ଆଳରେ ଘର ମାଲିକ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ଘର ଚଟିଆ ବସାଗୁଡ଼ିକୁ ବାହାର କରି ଫୋପାଡ଼ି ଦେଉଥିବା ଦେଖିବାକୁ ମିଳୁଛି । ସେହିପରି ଘରେ ରହୁଥିବା ଘରା ଚଟିଆ ଗୁଡ଼ିକ ବେଳେ ବେଳେ ବିରାଡି ଦ୍ୱାରା ଶିକାର ହେବା ସହିତ ବହୁ ସମୟରେ ଘରର ପଙ୍ଖା ଏବଂ ଅନ୍ୟାନ୍ୟ ଆସବାବପତ୍ର ସହିତ ଧକ୍କା ହୋଇ ମୃତ୍ୟୁ ବରଣ କରିଥାନ୍ତି । ଅନ୍ୟପକ୍ଷରେ କିଛି ସହୃଦୟ ବ୍ୟକ୍ତି ନିଜ ଘର ଆଗରେ ବାଉଁଶ ଟୋକେଇ, ମାଟି ହାଣ୍ଡିରେ ଘର ଚଟିଆ ବସା ତିଆରି କରି ଘର ଚଟିଆ ଗୁଡ଼ିକୁ ଆଶ୍ରୟ ଦେଉଥିବା ଦେଖିବାକୁ ମିଳୁଛି ଓ କିନ୍ତୁ ଏହା ସମୁଦ୍ରକୁ ଶଙ୍ଖେ ଭଳି ପ୍ରତୀୟମାନ ହେଉଛି । ଘର ଚଟିଆଙ୍କ ସୁରକ୍ଷା ପାଇଁ ସେମିତି କିଛି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ପାରୁନାହିଁ । ତେଣୁ ଘର ଚଟିଆ ସୁରକ୍ଷା ଦିଗରେ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ଓ ବିଶେଷ କରି ଗ୍ରାମାଞ୍ଚଳର ପ୍ରକୃତି ପ୍ରେମୀ ମାନଙ୍କୁ ଘର ଚଟିଆର ସୁରକ୍ଷା ପାଇଁ ସ୍ୱତନ୍ତ୍ର ରୂପେ ତାଲିମ ପ୍ରଦାନ କରାଯିବା ସହିତ ପ୍ରୋତ୍ସାହିତ କରିବା ଉଚିତ୍ ଓ ସେହିପରି ବିଦ୍ୟାଳୟରେ ଥିବା ବଗିଚା ଗୁଡ଼ିକରେ ଘର ଚଟିଆଙ୍କ ପାଇଁ ସ୍ୱତନ୍ତ୍ର ଘର ପ୍ରସ୍ତୁତ କରାଯାଇପାରିଲେ ବିଦ୍ୟାଳୟ ସ୍ତରରୁ ମଧ୍ୟ ଘର ଚଟିଆ ସୁରକ୍ଷା ଅଭିଯାନ ହୋଇପାରନ୍ତା । ପ୍ରକୃତି ପାଇଁ ସର୍ବଦା ସଂଗୀତ ସୃଷ୍ଟି କରୁଥିବା ଏହି ଚଢ଼େଇର ସୁରକ୍ଷା ସମସ୍ତଙ୍କର।

- ପ୍ରଭାତ କୁମାର ସାହୁ, ବେଲଗୁଣ୍ଠା

CMYK

- Vol.- 45, Issue No. 348
- Sunday, 22 March 2026
- ରବିବାର, ୨୨ ମାର୍ଚ୍ଚ ୨୦୨୬
- Bhubaneswar
- Price: Rs. 2.00, Page: 3
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ବିଶ୍ୱ ବନ ଦିବସ-୨୦୨୬ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

# ଜଙ୍ଗଲରେ ନିଆଁ ଲଗାଇଲେ, ନିଅ କାର୍ଯ୍ୟାନୁଷ୍ଠାନ

★ ଜଙ୍ଗଲକୁ ଜୀବିକାର୍ଜନର ପ୍ରମୁଖ ମାଧ୍ୟମରେ ପରିଣତ କରିବାକୁ ଗୁରୁତ୍ୱ
★ ଭୂମି କ୍ଷେତ୍ରର ୩୭.୬୩ ପ୍ରତିଶତରେ ବୃକ୍ଷ ଆବରଣ
★ ଅର୍ଥନୀତିର ଅଭିବୃଦ୍ଧି ସହିତ ବ୍ୟାପକ ନିଯୁକ୍ତି ଲକ୍ଷ୍ୟ ରହିଛି: ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର, ୨୧।୩(ନିପ୍ର): ପ୍ରକୃତିର ଅନନ୍ୟ ବରଦାନ ହେଉଛି ଆମର ସବୁଜ ବନାନୀ। ଏହା ଆମ ଜୀବନ ଓ ଜୀବିକାର ଆଧାର ଅଟେ । ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ବନ ଦିବସ-୨୦୨୬ ପାଳନ ଅବସରରେ ଏହା କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ଏହି ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉତ୍ତମ ବନ ପରିଚାଳନା ପଦ୍ଧତି, ବ୍ୟାପକ ବୃକ୍ଷରୋପଣ ଓ ଜନସଚେତନତା ଜରିଆରେ ଆଜି ଓଡ଼ିଶା ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଦେଶର ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ଲାଭ କରିଛି । ଗତ ଦୁଇ ବର୍ଷ ମଧ୍ୟରେ କେବଳ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ଘଟିଛି । ବର୍ତ୍ତମାନ ରାଜ୍ୟର ସମୁଦାୟ ଭୂମି କ୍ଷେତ୍ରର ୩୭.୬୩ ପ୍ରତିଶତ ଅର୍ଥାତ୍ ୫୮,୫୯୭ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣରେ ପରିପୂର୍ଣ୍ଣ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଯଦି ଆମେ ପରିବେଶ ଓ ଶିଳ୍ପାୟନ ମଧ୍ୟରେ ଉପଯୁକ୍ତ ଭାରସାମ୍ୟ ରଖିପାରିବା ତେବେ ପରିବେଶ ଓ ଶିଳ୍ପାୟନ ପରସ୍ପର ଅନୁପୂରକ ବଦଳରେ ପରିପୂରକ ହୋଇପାରିବ । ଚଳିତ ବର୍ଷ ବିଶ୍ୱ ବନ ଦିବସ ପାଳନର ବିଷୟବସ୍ତୁ 'ଜଙ୍ଗଲ ଓ ଅର୍ଥନୀତି' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଙ୍ଗଲ କେବଳ ପରିବେଶ ପାଇଁ ନୁହେଁ, ବରଂ ଆମ ରାଜ୍ୟ ତଥା ଦେଶର ବିକାଶ ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଜଙ୍ଗଲ ସୁରକ୍ଷା ସହିତ ଆମେ ଜଙ୍ଗଲକୁ ଜୀବିକା ଅର୍ଜନର ପ୍ରମୁଖ ମାଧ୍ୟମ ଭାବେ ପରିଣତ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରି ସଫଳ ହୋଇଛୁ । ମନୁଷ୍ୟକୃତ ଜଙ୍ଗଲ ନିଆଁ ପାଇଁ ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭାଗ ପକ୍ଷରୁ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିବା ସହିତ ଜଙ୍ଗଲ ସୁରକ୍ଷା ସମ୍ବନ୍ଧିତ ପୁସ୍ତକ ଉନ୍ମୋଚନ ଏବଂ ଉତ୍ତମ ପ୍ରଦର୍ଶନକାରୀ ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀମାନଙ୍କୁ ସମ୍ମାନିତ କରିଥିଲେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ସବୁବେଳେ ଗ୍ରାମାଞ୍ଚଳ ଓ ଜଙ୍ଗଲ ଅଧିବାସୀଙ୍କ ବିକାଶକୁ ଗୁରୁତ୍ୱ ଦେଉଛନ୍ତି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ୨୦୩୬ ଓ ୨୦୪୭କୁ ଆଖି ଆଗରେ ରଖି ଆମର ବହୁତ ବଡ଼ ଲକ୍ଷ୍ୟ ରହିଛି । ଓଡିଶା ଅର୍ଥନୀତିର ଅଭିବୃଦ୍ଧି ସହିତ ବ୍ୟାପକ ନିଯୁକ୍ତି ଲକ୍ଷ୍ୟ ରହିଛି ।

## ଆନ୍ଦୋଳନରୁ ଓହରିଲା ପାଚିକା ସଂଘ

ଭୁବନେଶ୍ୱର, ୨୧।୩ : ଗତ ଚାରି ଦିନ ଧରି ଦିବା-ରାତ୍ରି ଧାରଣାରେ ବସି ରହିଥିବା ପାଚିକାମାନେ ନିଜ ଅଧିକାର ପାଇଁ ଜୋର୍‌ଦାର ଆନ୍ଦୋଳନ କରୁଥିଲେ । ପାଚିକାମାନଙ୍କ ଦୀର୍ଘଦିନର ଦାବି ଉପରେ ଶେଷରେ ସକାରାତ୍ମକ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର । ୭ ଦଫା ଦାବି ମଧ୍ୟରୁ ୩ଟି ମୁଖ୍ୟ ଦାବି ଯଥା: ବକେୟା ଟଙ୍କା ପ୍ରଦାନ, ପରିଚୟ ପତ୍ର ଯୋଗାଣ ଏବଂ ଯଥୋଚିତ ଦରମା ଦେବାକୁ ମାନିନେବା ପାଇଁ ସରକାର ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି । ଏହି ଆଶ୍ୱାସନା ପରେ ପାଚିକା ସଂଘ ନିଜ ଧାରଣା ଓ ଆନ୍ଦୋଳନରୁ ଓହରି ଯାଇଛି ।

## ଆସୁଛି ଝଡ଼,ବଜ୍ରପାତ: ୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୧।୩(ନିପ୍ର): ୨୩ ତାରିଖ ସକାଳ ଏବଂ ୨୫ ତାରିଖ ସକାଳ ଠାରୁ ୨୬ ତାରିଖ ସକାଳ ସୁଦ୍ଧା ଝଡ଼, ବଜ୍ରପାତ ଏବଂ ପବନର ସମ୍ଭାବନା ନେଇ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ୨୨ ତାରିଖ ସକାଳ ଠାରୁ ୨୩ ତାରିଖ ସକାଳ ସୁଦ୍ଧା ଝଡ଼, ବଜ୍ରପାତ ଏବଂ ପବନର ସମ୍ଭାବନା ନେଇ ୨ ଜିଲ୍ଲା(ମୟୂରଭଞ୍ଜ, କେନ୍ଦୁଝର)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହା ବ୍ୟତୀତ ଝଡ଼, ବଜ୍ରପାତ ଏବଂ ପବନର ସମ୍ଭାବନା ନେଇ ୨୫ ତାରିଖ ସକାଳ ଠାରୁ ୨୬ ତାରିଖ ସକାଳ ସୁଦ୍ଧା ୫ ଜିଲ୍ଲା (ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

## ଜଳିଗଲା ବସ୍, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

### ଥିଲେ ଚିତ୍ରକୋଣ୍ଡା ବିଧାୟକ

ମାଲକାନଗିରି, ୨୧।୩ (ନିପ୍ର): ହୁତ୍ ହୁତ୍ ହୋଇ ଜଳିଲା ବସ୍ । ବିଧାୟକ ଯାଉଥିବା ବସ୍ ରେ ଲାଗିଗଲା ନିଆଁ । ଅଳ୍ପକେ ବର୍ତ୍ତିଲେ ୩୦ରୁ ଅଧିକ ଯାତ୍ରୀ । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲାରେ । ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ମାଲକାନଗିରି ଆସୁଥିବା ଏକ ଘରୋଇ ଯାତ୍ରୀବାହୀ ବସ୍‌ରେ ନିଆଁ ଲାଗିଯାଇଛି । ଫଳରେ ବସ୍‌ଟି ସଂପୂର୍ଣ୍ଣ ଭାବେ ଜଳି ଯାଇଛି । ନୀଳକଣ୍ଠେଶ୍ୱର ଅରେଞ୍ଜ ବସ୍‌ଟି ୩୦ରୁ ଅଧିକ ଯାତ୍ରୀଙ୍କୁ ନେଇ ବରମୁଣ୍ଡା ବସଷ୍ଟାଣ୍ଡରୁ ମାଲକାନଗିରି ଜିଲ୍ଲା ଅଭିମୁଖେ ବାହାରି ଥିଲା । ହେଲେ ରାତି ପ୍ରାୟ ୩ଟା ସମୟରେ ଆନ୍ଧ୍ର ପ୍ରଦେଶର ରାମ ଭଦ୍ରପୁରମ ନିକଟରେ ସଟ ସର୍କିଟ ଯୋଗୁଁ ନିଆଁ ଲାଗିଥିଲା । ବସ୍‌ରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ବାହାରକୁ ବାହାରି ଆସିଥିଲେ କିନ୍ତୁ ବସ୍ ସହ ଜିନିଷ ପତ୍ର ପୋଡିଯାଇଥିଲା । ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ମଧ୍ୟ ସେହି ବସ୍‌ରେ ମାଲକାନଗିରି ଆସୁଥିଲେ । ଘଟଣାସ୍ଥଳରେ ଆନ୍ଧ୍ର ପ୍ରଦେଶ ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଆଗକୁ ହୋଇପାରେ ସକାଳୁଆ ସ୍କୁଲ

ଭୁବନେଶ୍ୱର, ୨୧।୩ (ନିପ୍ର):ସକାଳୁଆ ହୋଇପାରେ ସ୍କୁଲ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ବର୍ଦ୍ଧିତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳୁଆ ସ୍କୁଲ ପାଇଁ ନିଷ୍ପତ୍ତି ନିଆଯିବ । ଏହାକୁ ନେଇ ଖୁବ୍ ଶୀଘ୍ର ବିଭାଗ ବୈଠକ କରିବ ।

## ସୁନାଦର ହ୍ରାସ ଦେଇଛି ସାମାନ୍ୟ ଆଶ୍ୱସ୍ତି



ଭୁବନେଶ୍ୱର, ୨୧।୩ :ମଧ୍ୟପ୍ରାଚ୍ୟ ଯୁଦ୍ଧର ଘନଘଟା ଭିତରେ ସୁନା ଦର କମିଛି । ୧୯୮୩ପରଠାରୁ ସୁନାର ମୂଲ୍ୟ ହ୍ରାସରେ ଏହା ସବୁଠାରୁ ବଡ଼ ସାପ୍ତାହିକ ହ୍ରାସ । ଏହି ହ୍ରାସ ହେତୁ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସମେତ ଅନ୍ୟାନ୍ୟ ଅଞ୍ଚଳର ବିଭିନ୍ନ ଦୋକାନରେ ଗ୍ରାହକଙ୍କ ଭିଡ଼ ଲାଗିଛି । ମାର୍ଚ୍ଚ ପହିଲାରୁ ସୁନା ଦର ୧ ଲକ୍ଷ ୫୮ହଜାର ୫୬ଟଙ୍କା ଥିଲା । ଶନିବାର ଦର ରହିଛି ୧ ଲକ୍ଷ ୩୩ହଜାର ୮ଶହ ଟଙ୍କା । ଅର୍ଥାତ ୨୧ଦିନ ମଧ୍ୟରେ ସୁନା ଦର ୧୦ଗ୍ରାମ ପିଛା ୨୪ହଜାର ୭ଶହ ୬୦ଟଙ୍କା କମିଛି । ସେହିପରି ଗୋଟିଏ ଗ୍ରାମ ପିଛା ୨୪ଶହ ୭୬ଟଙ୍କାକମିଛି । ଗତ ୩ ଦିନରେ ଦେଖିଲେ ୧୦ଗ୍ରାମ ପିଛା ୧୨ହଜାର କମିଛି । ସେହିପରି ରୁପା ଦର ମାସକରେ କେଜି ପିଛା ଲକ୍ଷେ ଟଙ୍କା କମିଥିବାବେଳେ ସପ୍ତାହରେ ୫୦ହଜାର କମିଛି । ମଧ୍ୟବିତ୍ତ ପରିବାର ପାଇଁ ଏବେ ବି ସୁନା ଦର ବିଶେଷ ପ୍ରଭାବ ପକେଇ ନ ଥିବାବେଳେ ଲଗାତର ସୁନାଦର ହ୍ରାସ ସାମାନ୍ୟ ଆଶ୍ୱସ୍ତି ଦେଇଛି ।

### ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ

# ବିଜେଡିରୁ ୬ ବିଧାୟକ ନିଲମ୍ବିତ



ଭୁବନେଶ୍ୱର, ୨୧।୩ : ବିଜେଡିରୁ ୬ ବିଧାୟକ ନିଲମ୍ବିତ ହୋଇଛନ୍ତି । ବିଜେଡି ପିଏସି ବୈଠକ ପରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି । ପ୍ରମିଳା କହିଛନ୍ତି ଯେ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ କୁହାଯିବ । ବିଜେଡି ଆଇନଗତ ଲଢେଇ ଲଢ଼ିବ । ଭୋଟ୍ ଗଣନା କରାଯାଇଛି । ସୂଚନାମୁତାବକ, ବିଜେଡିର ୮ ଜଣ ବିଧାୟକ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିଲେ । ତାହା ଭିତରୁ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କୁ ପୂର୍ବରୁ ନିଲମ୍ବିତ ହୋଇସାରିଛନ୍ତି । ଶନିବାର ସନ୍ଧ୍ୟାରେ ନବୀନ ନିବାସରେ ପିଏସି ବୈଠକ ବସିଥିଲା । ବୈଠକରେ

### ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ କୁହାଯିବ: ପ୍ରମିଳା

ମୁଖ୍ୟତଃ ଦଳ ବିରୋଧୀ କାର୍ଯ୍ୟ କରି କ୍ରସ ଭୋଟିଂ କରିଥିବା ୬ ଜଣ ବିଧାୟକଙ୍କୁ ନିଲମ୍ବିତ କରାଯାଇଛି ବୋଲି ନିଷ୍ପତ୍ତି ନିଆଯାଇଛି । ସୂଚନା ଅନୁସାରେ, ଏହି ବିଧାୟକମାନେ ଗତକାଲି ଦଳ ପକ୍ଷରୁ ଜାରି କରାଯାଇଥିବା 'କାରଣ ଦର୍ଶାଅ' ନୋଟିସର ଜବାବ ଦେଇଥିଲେ । ନିଲମ୍ବିତ ୬ ବିଧାୟକ ହେଲେ-ଚକ୍ରମଣି କହଁର,ନବ କିଶୋର ମଲ୍ଲିକ,ସୌଭିକ ବିଶ୍ୱାଳ, ସୁବାସିନୀ ଜେନା,ରମାକାନ୍ତ ଭୋଇ ଓ ଦେବୀ ରଞ୍ଜନ ତ୍ରିପାଠୀ । ଏ ନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ବିଜେଡି ଶୃଙ୍ଖଳା କମିଟି ସେହି ଉତ୍ତରଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଭାବେ ତର୍ଜମା କରିବା ପରେ ନିଜର ରିପୋର୍ଟ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଇଛି । ସନ୍ଧ୍ୟାରେ ଏହି ଉଚ୍ଚସ୍ତରୀୟ ବୈଠକରେ ପିଏସି ସଦସ୍ୟମାନେ ସେହି ରିପୋର୍ଟ ଉପରେ ଆଲୋଚନା କରିଥିଲେ । ବିଦ୍ରୋହୀ ବିଧାୟକଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ବୈଠକରେ ସ୍ପଷ୍ଟ ହୋଇଛି । ବୈଠକରେ ଦଳର ବରିଷ୍ଠ ନେତାମାନେ ମଧ୍ୟ ଉପସ୍ଥିତ ଥିଲେ ।

## ଏକାଥରକେ ୩ ମାସର ରାସନ

ନୂଆଦିଲ୍ଲୀ, ୨୧।୩: ଦେଶର ଲକ୍ଷ ଲକ୍ଷ ରାସନ କାର୍ଡଧାରୀଙ୍କ ପାଇଁ ବଡ଼ ଖବର । କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ହିତାଧିକାରୀମାନେ ଏପ୍ରିଲ ୨୦୨୬ରେ ଏକାଥରକେ ୩ ମାସର ରାସନ ପାଇବେ । ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଏପ୍ରିଲ ମାସରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଏପ୍ରିଲ, ମେ' ଏବଂ ଜୁନ୍ ମାସର ରାସନ୍ ଏକକାଳୀନ ବଣ୍ଟନ କରାଯିବ । ବର୍ତ୍ତମାନର ନିୟମ ଅନୁଯାୟୀ, ପ୍ରତି ବ୍ୟକ୍ତି ପିଛା ମାସକୁ ୫ କିଲୋଗ୍ରାମ ଚାଉଳ ଯୋଗାଇ ଦିଆଯାଏ । ଏହି ସ୍ୱତନ୍ତ୍ର ବଣ୍ଟନ ଅଧୀନରେ, ଜଣେ ହିତାଧିକାରୀ କେବଳ ଏପ୍ରିଲ ମାସରେ ମୋଟ ୧୫ କିଲୋଗ୍ରାମ ଶସ୍ୟ (୫ କିଲୋଗ୍ରାମ ଲେଖାଏଁ ୩ ମାସ) ପାଇବେ । ଉଦାହରଣ ସ୍ୱରୂପ, ଯଦି ଗୋଟିଏ ପରିବାରର ରାସନ୍ କାର୍ଡରେ ୫ ଜଣ ସଦସ୍ୟ ପଞ୍ଜୀକୃତ ଥାଆନ୍ତି, ତେବେ ସେହି ପରିବାର ଏପ୍ରିଲ ମାସରେ ୭୫ କିଲୋଗ୍ରାମ ରାସନ୍ ପାଇବେ ।

## ଏଲ୍‌ପିଜିର ଅତିରିକ୍ତ ୨୦ ପ୍ରତିଶତ ଆବଣ୍ଟନକୁ ଅନୁମତି

### ରେଷ୍ଟୁରାଣ୍ଟ, ଢାବା, ହୋଟେଲ ହେବେ ଉପକୃତ

ନୂଆଦିଲ୍ଲୀ, ୨୧।୩: କେନ୍ଦ୍ର ସରକାର ଏଲ୍‌ପିଜିକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଶନିବାର ସରକାର କହିଛନ୍ତି, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ବାଣିଜ୍ୟିକ ଏଲ୍‌ପିଜିର ଆଉ ୨୦ ପ୍ରତିଶତ ଆବଣ୍ଟନକୁ ଅନୁମତି ଦିଆଯାଇଛି । ଯାହା ମୋଟ୍ ଆବଣ୍ଟନକୁ ୫୦ ପ୍ରତିଶତକୁ ନେଇଯିବ । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି ଯେ, ରେଷ୍ଟୁରାଣ୍ଟ, ଢାବା, ହୋଟେଲ,



ଶିଳ୍ପ କ୍ୟାଣ୍ଟିନ, ଖାଦ୍ୟ ପ୍ରକ୍ରିୟାକରଣ / ଡାଏରୀ, ଖାଦ୍ୟ ପାଇଁ ରାଜ୍ୟ ସରକାର କିମ୍ବା ସ୍ଥାନୀୟ ସଂସ୍ଥା ଦ୍ୱାରା ପରିଚାଳିତ ସବସିଡିଯୁକ୍ତ କ୍ୟାଣ୍ଟିନ/ଆଉଟଲେଟ୍, ରୋଷେଇ ଘର, ପ୍ରବାସୀ ଶ୍ରମିକଙ୍କ ପାଇଁ ୫ କିଲୋଗ୍ରାମ ଏଫଟିଏଲ (ମୁକ୍ତ ବାଣିଜ୍ୟ ଏଲପିଜି) ଭଳି କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେଇ ଏହି ଅତିରିକ୍ତ ୨୦ ପ୍ରତିଶତ ଆବଣ୍ଟନ ଦିଆଯିବ । ସରକାର ପୂର୍ବରୁ ଗ୍ରାହକମାନଙ୍କୁ ଆଂଶିକ ବାଣିଜ୍ୟିକ ଏଲପିଜି ଯୋଗାଣ ୨୦ ପ୍ରତିଶତ ପୁନଃସ୍ଥାପିତ କରିଥିଲେ । ଏହା ସହିତ ପିଏନ୍‌ଜି ସମ୍ପ୍ରସାରଣ ପାଇଁ ବ୍ୟବସାୟ କରିବାର ସହଜତା ଉପରେ ଆଧାରିତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସରକାର ଅତିରିକ୍ତ ୧୦ ପ୍ରତିଶତ ବାଣିଜ୍ୟିକ ଏଲ୍‌ପିଜି ଆବଣ୍ଟନ କରିଥିଲେ ।

**ମଧ୍ୟପ୍ରାଚ୍ୟ ମହାଯୁଦ୍ଧ**

# ନତାଞ୍ଜ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ

★ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କରୁଛନ୍ତି ଇସ୍ରାଏଲ-ଆମେରିକା:ଇରାନ ★ କୌଣସି ବିକିରଣ ଲିକ୍ ହୋଇନାହିଁ
★ ଡିଏଗୋ ଗାର୍ସିଆ ଉପରେ ଇରାନର ଆକ୍ରମଣ ★ ଆମର ଉଦ୍ଦେଶ୍ୟ ପୂରଣ କରିବାରେ ଆମେ ବହୁତ ନିକଟତର:ଟ୍ରମ୍ପ

ନୂଆଦିଲ୍ଲୀ, ୨୧।୩: ଇରାନ ପରମାଣୁ କେନ୍ଦ୍ର 'ନତାଞ୍ଜ' ଉପରେ ଶନିବାର ଆମେରିକା-ଇସ୍ରାଏଲ ପକ୍ଷରୁ ମିଳିତ ଭାବରେ ଆକ୍ରମଣ କରିଛନ୍ତି । ଇରାନର ସମାଚାର ଏଜେନ୍ସି ମିଜାନ୍ ଅନୁସାରେ, ଏହି ଆକ୍ରମଣରେ କୌଣସି ବିକିରଣ ଲିକ୍ ହୋଇନାହିଁ । 'ନତାଞ୍ଜ' ହେଉଛି ଇରାନର ଏକ ପ୍ରମୁଖ ଭୂତଳ ଆଣବିକ ସମୃଦ୍ଧି କେନ୍ଦ୍ର । ତେହରାନଠାରୁ ପ୍ରାୟ ୨୨୦ କିଲୋମିଟର ଦକ୍ଷିଣ-ପୂର୍ବରେ ଥିବା ଏହି କେନ୍ଦ୍ର ଉପରେ ପୂର୍ବରୁ ବହୁବାର ଆକ୍ରମଣ ହୋଇସାରିଛି । ଉଭୟ ରାଷ୍ଟ୍ରର ଏହା ଏୟାରଷ୍ଟ୍ରାଇକ୍ ଅଭିଯାନର ଏକ ଅଂଶ ବୋଲି କୁହାଯାଉଛି । ଇରାନ ଏହାକୁ କ୍ରୂର ଆକ୍ରମଣ ବୋଲି ଘୋଷଣା କରିଛି । ଏଥି ସହ ଏହା ଅନ୍ତର୍ଜାତୀୟ ଆଇନର ଉଲଂଘନ ବୋଲି କହିଛି । ଇରାନର ପରମାଣୁ ଶକ୍ତି ମୁଖ୍ୟ ମହମ୍ମଦ ଇସଲାମୀ ଜାତିସଂଘରଆନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥାକୁ ଚିଠି ଲେଖିଛନ୍ତି ।



ଏଥିରେ ଅଭିଯୋଗ କରିଛନ୍ତି 'ନତାଞ୍ଜ' ଉପରେ ୨ଟି ଭୟଙ୍କର ଆକ୍ରମଣ ହୋଇଛି । ସାଟେଲାଇଟ୍ ଫଟୋରୁ ଜଣାପଡୁଛି ଯେ, ଏଣ୍ଟ୍ରି ଗେଟ୍‌ର କିଛି ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି, ଯାହା ଭିତରୁ ତିନୋଟି ବିଲ୍ଡିଂ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ଇରାନ ଆମେରିକା-ୟୁକେର ମିଳିତ ସାମରିକ ଘାଟି ଡିଏଗୋ ଗାର୍ସିଆ ଉପରେ ଆକ୍ରମଣ କରିଛି । ଇରାନ ୪ ହଜାର କିଲୋମିଟର ଦୂରବର୍ତ୍ତୀ ଡିଏଗୋ ଗାର୍ସିଆ ଘାଟିରେ ଦୁଇଟି ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ନିକ୍ଷେପ କରିଛି । ଏହି କ୍ଷେପଣାସ୍ତ୍ରଗୁଡ଼ିକ ଆମେରିକୀୟ ସାମରିକ ପ୍ରତିଷ୍ଠାନକୁ ଆକ୍ରମଣ କରିବାରେ ବିଫଳ ହୋଇଛି । ଦାବି କରାଯାଇଛି ଯେ ଘାଟିଟି କୌଣସି କ୍ଷତି କରିନାହିଁ । ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲକୁ ଉଦ୍ଧୃତ କରି,ଇରାନ ଇଣ୍ଟରନ୍ୟାସନାଲ ରିପୋର୍ଟ କରିଛି ଯେ ଇରାନ କେନ୍ଦ୍ରୀୟ ଭାରତୀୟ ମହାସାଗରରେ ଅବସ୍ଥିତ ଡିଏଗୋ ଗାର୍ସିଆ ସାମରିକ ଘାଟି ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି । ଉଡ଼ାଣ ସମୟରେ ଗୋଟିଏ କ୍ଷେପଣାସ୍ତ୍ର ବିଫଳ ହୋଇଥିଲା, ଯେତେବେଳେ ଅନ୍ୟଟି ଆମେରିକାର ଏସଏମ-୩ ସିଷ୍ଟମ ଦ୍ୱାରା ପ୍ରତିରୋଧ କରାଯାଇଥିଲା; ଫଳସ୍ୱରୂପ, କୌଣସି କ୍ଷେପଣାସ୍ତ୍ର ଘାଟି ଉପରେ ପ୍ରଭାବ ପକାଇ ନଥିଲା ।

ରିପୋର୍ଟରେ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରାଯାଇ ନାହିଁ ଯେ ଇରାନ ଏହି କ୍ଷେପଣାସ୍ତ୍ରଗୁଡ଼ିକୁ କେବେ ନିକ୍ଷେପ କରିଥିଲା । ଇରାନରୁ ଡିଏଗୋ ଗାର୍ସିଆର ଦୂରତା ପ୍ରାୟ ୩,୭୯୫ ରୁ ୪,୧୧୮ କିଲୋମିଟର । ରାଷ୍ଟ୍ରପତି ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଉଲ୍ଲେଖ କରିଛନ୍ତି ଯେ ଇରାନରେ 'ଆମର ଉଦ୍ଦେଶ୍ୟ ପୂରଣ କରିବାର ବହୁତ ନିକଟତର'ଆମେ ହୋଇଛୁ ଏବଂ ସେମାନେ 'ମଧ୍ୟପ୍ରାଚ୍ୟରେ ଆମର ମହାନ ସାମରିକ ପ୍ରୟାସକୁ ବନ୍ଦ କରିବା' ବିଷୟରେ ବିଚାର କରୁଛନ୍ତି ।

CMYK

ତିଥି : (ଚତୁର୍ଥୀ) : (ଦ୍ୱିଜା ମେଷ)
ଅମୃତବେଳା: ଦିବା ଘ.୬।୪୧ ଗତେ ଘ୯।୫୩ ମଧ୍ୟେ

## ଆଜିର ଅନୁଚିନ୍ତନ

ଏହି ଅସ୍ଥିର ଓ ଚଞ୍ଚଳ ମନ ଯେଉଁ ଯେଉଁ ସ୍ଥାନରେ ବିଚରଣ କରେ, ସେହି ସେହି ସ୍ଥାନରୁ ଏହାକୁ ନିବୃତ୍ତ କରାଇ କେବଳ ପରମାତ୍ମାଙ୍କ ଠାରେ ହିଁ ଉତ୍ତମ ରୂପେ ନିବେଶ କର।- ଶ୍ରୀମଦ୍ ଭଗବଦ୍ ଗୀତା

# ଯୁଦ୍ଧରୁ କ୍ଷତି

ମଧ୍ୟପ୍ରାଚ୍ୟ ଯୁଦ୍ଧ ତିନି ସପ୍ତାହରୁ ଅଧିକ ହୋଇଗଲାଣି। ତାହାର ପକ୍ଷଭୁକ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢି ଚାଲିଛି। ତେଣୁ ସ୍ଥିତି ଜଟିଳକୁ ଗତି କରିସାରିଲାଣି। ଏହାର ପରିଣାମ ଭୋଗୁଛନ୍ତି ସାଧାରଣ ଲୋକେ। ଯୁଦ୍ଧର ସ୍ଥିତିକୁ ମଧ୍ୟ ବୁଝିବା କଷ୍ଟକର ହୋଇପଡ଼ିଲାଣି। ଯୁଦ୍ଧରେ ନାଟୋର ମିଶନ ଅଣସଂଘର୍ଷ ତଥା ଉପଦେଶାତ୍ମକ ରହିଥିବା, ଯୁଦ୍ଧର ଅନ୍ତ ଘଟିଲେ ଏହା ଫେରିଯିବାକୁ ଚାହୁଁଛି। ମାତ୍ର ନାଟୋର ସହଯୋଗୀମାନେ ହର୍ମୁଜ ପ୍ରଣାଳୀ ନିୟନ୍ତ୍ରଣକୁ ଆଣିବାରେ ସାମରିକ ସହାୟତା କରନ୍ତୁ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏପରି ଚାହୁଁଛନ୍ତି। ତାହା ନ ମିଳିବାରୁ ନାଟୋ ସହଯୋଗୀମାନଙ୍କୁ କାପୁରୁଷ ବୋଲି ସମ୍ବୋଧନ କରିବାକୁ ସେ ପଶ୍ଚାତ୍‌ପଦ ହୋଇନାହାନ୍ତି। ଇରାନର ତୈଳ ପେଣ୍ଟ କହିଲେ ବୁଝାଏ ଖାର୍ଗ ଦ୍ୱୀପ। ଏହାକୁ ହାସଲ କରିବାକୁ ଲକ୍ଷ୍ୟ ରଖିଛି ଆମେରିକା। ହ୍ୱାଇଟ ହାଉସର ଜଣେ କର୍ମକର୍ତ୍ତାଙ୍କ ବିବୃତିରୁ ଏହାର ଆଭାସ ମିଳେ। ବୟାନରେ କୁହାଯାଇଛି ଯେ ରାଷ୍ଟ୍ରପତିଙ୍କ ଆଦେଶ ମିଳିବା ମାତ୍ରେ ଆମେରିକା ସେନା ଯେକୌଣସି ସମୟରେ ଖାର୍ଗ ଦ୍ୱୀପକୁ କରାୟତ୍ତ କରିନେବ। ଆମେରିକା ସହ ଇରାନର ଯୁଦ୍ଧ ପରିପ୍ରେକ୍ଷୀରେ ଇରାନ ଦୀର୍ଘ ପଥଗାମୀ ଦୁଇ କ୍ଷେପଣାସ୍ତ୍ର ଆମେରିକାର ଏକ ଭିତ୍ତିଭୂମି ଉପରେ ପ୍ରକ୍ଷେପଣ କରିବାରେ ସଫଳ ହୋଇଛି। ଯଦିଓ କେହି ମୃତାହତ ହୋଇନାହାନ୍ତି।ତେବେ ଆମେରିକା ଏପରି ଆଶା କରି ନଥିଲା। ଏହା ମଧ୍ୟ ଦର୍ଶାଇଦିଏ ଯେ ଯୁଦ୍ଧ ଯେତେ ଦିନ ପର୍ଯ୍ୟନ୍ତ ଜାରି ରହିବ ସେଥିରେ ଇରାନ ନିବୃତ୍ତ ହେବନାହିଁ ବରଂ ପ୍ରତିଜବାବ ଦେଇଚାଲିବ। ନିକଟରେ ଟ୍ରମ୍ପ କହିଲେ ଆମେ ଆଲୋଚନା କରିପାରିବୁ ମାତ୍ର ଯୁଦ୍ଧ ବିରତି କରିପାରିବୁ ନାହିଁ। ପୁଣି ଠାଏ କହିଲେ ଇରାନ ଯୁଦ୍ଧ ଶେଷ କରାଯିବ। ଆମେରିକା ଏହାର ଖୁବ୍ ନିକଟତର ହେଲାଣି। ବିଭିନ୍ନ ସମୟରେ ଦ୍ୱନ୍ଦ୍ୱାତ୍ମକ ମତ ରଖିଆସିଛନ୍ତି ଟ୍ରମ୍ପ। କେତେବେଳେ କହୁଛନ୍ତି ଯୁଦ୍ଧ ଖୁବ୍ ଶୀଘ୍ର ଶେଷ ହେବ। ପୁଣି କେବେ ଯୁଦ୍ଧବିରତି କରାଯିବ ନାହିଁ । ଏପରି କହିବା ତାଙ୍କ ଅବ୍ୟବସ୍ଥିତ ଚିତ୍ତବୃତ୍ତିର ପ୍ରତିଫଳନ ବୋଲି କହିବାକୁ ହେବ।

ଯୁଦ୍ଧର ରଣନୀତିକ କେନ୍ଦ୍ରବିନ୍ଦୁ ଥିବା ଆଲୋଚ୍ୟ ହର୍ମୁଜ ପ୍ରଣାଳୀ ଦେଇ ଇରାନ ଭାରତ ଓ ଚୀନର ଜାହାଜ ଛାଡ଼ିବାକୁ ଆଗଭର ହେଉଛି। ଏହା ପଛରେ ଉଭୟ ରାଷ୍ଟ୍ରର ଇରାନ ସହିତ ଥିବା କୂଟନୈତିକ ସଂପର୍କ ତଥା ସଦିଚ୍ଛାକୁ ଦର୍ଶାଏ। ଯୁଦ୍ଧରେ ତୈଳ, ଗ୍ୟାସ ଖଣି, ଭଣ୍ଡାର, ବିଶୋଧନାଗାର ପ୍ରଭୃତିକୁ ଆମେରିକା ଓ ଇସ୍ରାଏଲ ଅକାରଣେ ନିଶାଣ କରିବା ଫଳରେ ସାରା ବିଶ୍ୱରେ ଏବେ ତୈଳ, ଗ୍ୟାସର ଅଭାବ ଅନୁଭୂତ ହେଉଛି। ଇସ୍ରାଏଲ ଓ ଆମେରିକା ହୁଏତ ମନେ କରିଥିଲେ ଇରାନକୁ କରାୟତ୍ତ କରିବା ସହଜ ହେବ, ମାତ୍ର ସେପରି ହେଲା ନାହିଁ। ଏପରିକି ଆମେରିକା ଇରାନକୁ ନିସର୍ତ୍ତ ଆତ୍ମସମର୍ପଣ କରିବାକୁ ପ୍ରବର୍ତ୍ତାଇ ଥିଲା,ତାହା ମଧ୍ୟ ବିଫଳ ହେଲା। ଏଣୁ ଆମେରିକା ଅଧିକ ଆକ୍ରମଣାତ୍ମକ ହୋଇଚାଲିଥିବା ଲକ୍ଷ୍ୟ କରାଯାଉଛି।

ଯୁଦ୍ଧର ଅନ୍ତ କେବେ ଘଟିବ, ତାହା କେହି ଆକଳନ କରିପାରୁନାହାନ୍ତି। ଏକଥା ସତ ଯେ ଯଦି ମାସ ମାସ ଧରି ଏହା ଜାରି ରହେ, ଯୁଦ୍ଧର ପ୍ରମୁଖ ନାୟକମାନଙ୍କ ଅପେକ୍ଷା ବିଭିନ୍ନ ଦେଶର ସାଧାରଣ ଲୋକେ ଅଧିକ ପ୍ରଭାବିତ ହେବେ। କାରଣ ଅର୍ଥନୀତିର ଏକାଧିକ ଭିତ୍ତିଭୂମି କ୍ରମେ ନଷ୍ଟ ହୋଇଚାଲିଥିବା ଦୃଷ୍ଟିରୁ ସାରା ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ଅଧିକ ଗମ୍ଭୀର ହେବା ନିଶ୍ଚିତ। ଏପରି ହେଲେ ସାଧାରଣ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡ଼ିବ। 'ବସୁଧୈବ କୁଟୁମ୍ବକମ', ଭାରତର ମତଧାରା। ଏହି ଧାରାକୁ ଯୁଦ୍ଧର ନାୟକମାନେ ଯଦି ଉପଲବ୍ଧି କରିପାରିବେ, ତେବେ ଯୁଦ୍ଧର ଅନ୍ତ ଘଟିପାରିବ।

"

ନାଟୋ ଦେଶମାନଙ୍କୁ ଟ୍ରମ୍ପଙ୍କ କାଗଜ ବାଘ ଆଖ୍ୟା ଖୁବ୍ ଲଜ୍ଜାଜନକ। ଟ୍ରମ୍ପ ଶାସନ ନିଜ ସ୍ୱାର୍ଥ ସିଦ୍ଧି ପାଇଁ ଏକାଧିକ ଦେଶ ପାଇଁ ବିପଦ ବୋଲି ସାବ୍ୟସ୍ତ ହୋଇ ସାରିଲେଣି । ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଯୁଦ୍ଧର ପରିଣତି ବିଷୟରେ ସମ୍ପୂର୍ଣ୍ଣ ଅବଗତ ହେବା ଉଚିତ ଥିଲା । ଅସମ୍ଭବ ଭାବେ ଜିଦ୍ ଖୋର ମନୋଭାବ ପୋଷଣ କରି ପରସ୍ପର ସହ ଯୁଦ୍ଧ ଆରମ୍ଭ କରି ଶେଷରେ ପ୍ରକୃତିର ଦାନ ତୈଳ, ପ୍ରାକୃତିକ ଗ୍ୟାସ୍ ତଥା ଅନ୍ୟାନ୍ୟ ଖଣିଜ ପଦାର୍ଥକୁ ବୋମା ମାଡ଼ କରି ଉଡ଼ାଇ ଦେବା ଏକ ପ୍ରକାର ମୂର୍ଖାମୀ ଛଡ଼ା କିଛି ନୁହେଁ । ବିରାଟ ବିରାଟ ତୈଳ ବିଶୋଧନାଗାର, ଶିକ୍ଷାନୁଷ୍ଠାନଗୁଡିକୁ ଧ୍ୱଂସ କରିବା, ଲକ୍ଷ ଲକ୍ଷ କୋଟିର ସମ୍ପତ୍ତି ନଷ୍ଟ ଭ୍ରଷ୍ଟ କରିବା, ନିରୀହ ଜନତାଙ୍କ ରକ୍ତରେ ହୋଲି ଖେଳିବା, ରାଷ୍ଟ୍ର ମୁଖ୍ୟଙ୍କୁ ପରିବାର ସହିତ ନିପାତ କରିବା କେତେଦୂର ଯୁକ୍ତିଯୁକ୍ତ ? ମିଳିତ ଜାତିସଂଘ ବର୍ତ୍ତମାନ ନିରବ ଦ୍ରଷ୍ଟା ସାଜିଛି ବୋଲି ହୃଦ୍‌ବୋଧ ହୁଏ, ନିଜର ଦାୟିତ୍ୱ ଠିକ୍ ଭାବେ ତୁଲାଇ ପାରୁନଥିବା ଜାତିସଙ୍ଘ ଏକ ସ୍ଥାଣୁ ସଂସ୍ଥା ପାଲଟି ଗଲାଣି।

# ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି...

**ବିଷ୍ଣୁ ପ୍ରସାଦ ଦାସ**

ସଂପ୍ରତି ବିଶ୍ୱ ଏକ ଭୟଙ୍କର ପରିସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ ହେଉଛି । ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ମାନବ ସମାଜ ଅକଥନୀୟ କଷ୍ଟର ସମ୍ମୁଖୀନ ହେଉଥିବା ସମୟରେ ମାନବକୃତ ବିପର୍ଯ୍ୟୟ ପୃଥିବୀର ନକ୍ସା ବଦଳାଇ ଦେଉଛି । ୨୪ ଫେବୃଆରୀ ୨୦୨୨ ମସିହାରୁ ଅଦ୍ୟାବଧି ଦୀର୍ଘ ୪ ବର୍ଷରୁ ଅଧିକ ସମୟ ଧରି ୟୁକ୍ରେନ ରଷିଆ ଯୁଦ୍ଧ, ୧୨ ବର୍ଷ ଧରି ଇସ୍ରାଏଲ୍ ପାଲେଷ୍ଟାଇନ୍ ଯୁଦ୍ଧ, ଶେଷରେ ଇସ୍ରାଏଲ୍ ଇରାନ୍ ଯୁଦ୍ଧରେ ଯୁକ୍ତରାଷ୍ଟ୍ର ଆମେରିକାର ଭୂମିକା ଏକ ପ୍ରକାର ଧ୍ୱଂସାଭିମୁଖୀ ରୂପ ଧାରଣ କରିଛି । ଅହଂକାର ତଥା ନିଜ ଜିଦ୍ ପାଇଁ ନିଜ ଗୋଡ଼ରେ କୁରାଢ଼ୀ ମାରିବା ଅବସ୍ଥାକୁ ଆମେରିକା ଆସି ଯାଇଛି। ଭେନେଜୁଏଲା ଦେଶକୁ ନିଜ ଅକ୍ତିଆରକୁ ନେଇ ତା'ର ତୈଳ ସମ୍ପଦ ଉପରେ ଅଧିକାର ସାବ୍ୟସ୍ତ କରିବା, ଗ୍ରୀନଲ୍ୟାଣ୍ଡ ଉପରେ ନଜର ତଥା ବର୍ତ୍ତମାନ କ୍ୟୁବା ଉପରେ ଆଧିପତ୍ୟ ଜାହିର କରିବାକୁ ପଛାଉ ନାହିଁ । ଇରାନ୍‌ର ଆଣବିକ ପରୀକ୍ଷଣ ଉପରେ ରୋକ୍ ଲଗାଇବା ଯଦିଓ ଟ୍ରମ୍ପ ପ୍ରଶାସନର ଏକ ଯୁକ୍ତି କିନ୍ତୁ ଏହା ପଛରେ ଆହୁରି ଅନେକ ଲୁକ୍କାୟିତ କାରଣ ରହିଛି ।

ପରିସ୍ଥିତି ଏପରି ହୋଇଛି ଯେ, ତୃତୀୟ ବିଶ୍ୱ ଯୁଦ୍ଧ ଆରମ୍ଭ ହେବାର ପ୍ରାକ୍ ସୂଚନା ମଧ୍ୟ ମିଳିଯାଉଛି । ତେବେ କିଛି ନିରପେକ୍ଷ ଦେଶମାନଙ୍କର ସଂଯମତା ଅବଲମ୍ବନ ଦ୍ୱାରା ଏହା ଏତେଟା ସକ୍ରିୟ ହୋଇପାରୁନାହିଁ । ନାଟୋ ଦେଶମାନଙ୍କୁ ଟ୍ରମ୍ପଙ୍କ 'କାଗଜ ବାଘ' ଆଖ୍ୟା ଖୁବ୍ ଲଜ୍ଜାଜନକ। ଟ୍ରମ୍ପ ଶାସନ ନିଜ ସ୍ୱାର୍ଥ ସିଦ୍ଧି ପାଇଁ ଏକାଧିକ ଦେଶ ପାଇଁ ବିପଦ ବୋଲି ସାବ୍ୟସ୍ତ ହୋଇ ସାରିଲେଣି । ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଯୁଦ୍ଧର ପରିଣତି ବିଷୟରେ ସମ୍ପୂର୍ଣ୍ଣ ଅବଗତ ହେବା ଉଚିତ ଥିଲା । ଅସମ୍ଭବ ଭାବେ ଜିଦ୍ ଖୋର ମନୋଭାବ ପୋଷଣ କରି ପରସ୍ପର ସହ ଯୁଦ୍ଧ ଆରମ୍ଭ କରି ଶେଷରେ ପ୍ରକୃତିର ଦାନ ତୈଳ, ପ୍ରାକୃତିକ ଗ୍ୟାସ୍ ତଥା ଅନ୍ୟାନ୍ୟ ଖଣିଜ ପଦାର୍ଥକୁ ବୋମା ମାଡ଼ କରି ଉଡ଼ାଇ ଦେବା ଏକ ପ୍ରକାର ମୂର୍ଖାମୀ ଛଡ଼ା କିଛି ନୁହେଁ । ବିରାଟ ବିରାଟ ତୈଳ ବିଶୋଧନାଗାର, ଶିକ୍ଷାନୁଷ୍ଠାନଗୁଡିକୁ ଧ୍ୱଂସ କରିବା, ଲକ୍ଷ ଲକ୍ଷ କୋଟିର ସମ୍ପତ୍ତି ନଷ୍ଟ ଭ୍ରଷ୍ଟ କରିବା, ନୀରିହ ଜନତାଙ୍କ ରକ୍ତରେ ହୋଲି ଖେଳିବା, ରାଷ୍ଟ୍ର ମୁଖ୍ୟଙ୍କୁ ପରିବାର ସହିତ ନିପାତ କରିବା କେତେଦୂର ଯୁକ୍ତିଯୁକ୍ତ ? ମିଳିତ ଜାତିସଂଘ ବର୍ତ୍ତମାନ ନିରବଦ୍ରଷ୍ଟା ସାଜିଛି ବୋଲି ହୃଦ୍‌ବୋଧ ହୁଏ, ନିଜର ଦାୟିତ୍ୱ ଠିକ୍ ଭାବେ ତୁଲାଇ ପାରୁନଥିବା ଜାତିସଙ୍ଘ ଏକ ସ୍ଥାଣୁ ସଂସ୍ଥା ପାଲଟି ଗଲାଣି।

ବର୍ତ୍ତମାନ ପୃଥିବୀରେ ତୈଳ ସଙ୍କଟ ଆରମ୍ଭ ହୋଇ ଯାଇ ଉଗ୍ର ରୂପ ଧାରଣ କଲାଣି । ଇରାନ୍ ପ୍ରତିଶୋଧ ପରାୟଣ ହୋଇ ତୈଳ ଉତ୍ପାଦନକାରୀ ଦେଶମାନଙ୍କ ତୈଳ କୂପ ଉପରେ ବୋମା ବର୍ଷଣ କରୁଛି । ଯେଉଁ ଦେଶମାନେ ଯୁକ୍ତରାଷ୍ଟ୍ର ଆମେରିକାକୁ ନିଜ ଦେଶର ବିମାନ ବନ୍ଦର, ନୌବନ୍ଦର ବ୍ୟବହାର କରିବାକୁ ଦେଇଛନ୍ତି ସେହିମାନେ ଇରାନ୍ ନିଶାଣରେ ଅଛନ୍ତି । ହର୍ମୁସ ପ୍ରଣାଳୀ ଦେଇ ସେହି ଦେଶ ଗୁଡିକରୁ ବିଦେଶ ଯାଉଥିବା ଜଳ ଜାହଜଗୁଡିକୁ ଇରାନ୍ ଅଟକାଇ ରଖିଛି । ତୈଳ ପରିବହନ ନିମନ୍ତେ ବିକଳ୍ପ ବ୍ୟବସ୍ଥା ନ ଥିବା ଯୋଗୁଁ ଏକ ପ୍ରକାର ଅଚଳ ଅବସ୍ଥା ହେବାକୁ ଯାଉଛି । ଫଳରେ ପୃଥିବୀର ଅଧିକାଂଶ ଦେଶରେ ତୈଳ ସଙ୍କଟ ଘନେଇବାକୁ ଆରମ୍ଭ କରି ଦେଲାଣି । ଭରତ ମଧ୍ୟ ଏଥିରୁ ବାଦ୍ ପଡ଼ି ନାହିଁ, ନିକଟ



ଅତୀତରେ ଭାରତ ଇରାନ୍ ସହିତ କୂଟନୈତିକ ସ୍ତରରେ କଥା ହୋଇ ଦୁଇଟି ତୈଳବାହୀ ଜାହଜ ହର୍ମୁସ ପ୍ରଣାଳୀ ଦେଇ ଭାରତ ଆଣିପାରିଛି । କିନ୍ତୁ ଏହା କ'ଣ ଭରତର ଚାହିଦାକୁ ଦେଖି ଯଥେଷ୍ଟ କି ? ଇରାନ୍ ଦେଶର ଚାରବାହାର ବନ୍ଦରର ଉନ୍ନତି ପାଇଁ ଭାରତ ଅନେକ ପୁଞ୍ଜି ନିବେଶ କରିଛି କାରଣ ସେଣ୍ଟ ପିଟର୍ସବର୍ଗ (ରଷିଆ) ରୁ ମଲ୍ଟି ମୋଡ୍ ଟ୍ରାନ୍ସପୋର୍ଟ ଦ୍ୱାରା କୋଇଲା ଭାରତକୁ ଆସି ପରିବ । ସୁଏଜ୍ କେନାଲକୁ ବାଦ୍ ଦେଇ ଏହି ପରିବହନ ପରୀକ୍ଷାମୂଳକ ଭାବେ ହୋଇ ସାରିଛି । ଏଥିରେ ଇରାନ୍ ମଧ୍ୟ ଲାଭବାନ ହୋଇ ପାରିବ । ହୁଏତ ଏହାକୁ ଦୃଷ୍ଟିରେ ରଖି ଇରାନ୍ ଭରତୀୟ ତୈଳବାହୀ ଜାହାଜକୁ କିଛି ମାତ୍ରାରେ ସୁବିଧା ସୁଯୋଗ ଦେଇଛି । ଗ୍ୟାସ୍ ତୈଳ ସଙ୍କଟ ଭରତ ପାଇଁ ବଡ ଜଟିଳ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । କେନ୍ଦ୍ର ସରକାରଙ୍କ ଦୂରଦୃଷ୍ଟି ହୁଏତ ଏହି ସଙ୍କଟର ମୁକାବିଲା କରିବା ପାଇଁ ଯଥେଷ୍ଟ ନୁହେଁ ବୋଲି ଅନୁମେୟ ।

ଦେଶରେ ପ୍ରତିଦିନ ଖର୍ଚ୍ଚ ହେଉଥିବା ପେଟ୍ରୋଲ, ଡିଜେଲ ଉପରେ ଯଦି ଅଙ୍କୁଶ ଲଗାଇବା ଜରୁରୀ ବୋଲି ପ୍ରଶାସନ ଅନୁଭବ କରିବ ତେବେ ହୁଏତ କିଛି ମାତ୍ରାରେ ଏହା ଆମକୁ ସୁଫଳ ଦେବ । ସରକାର କେବଳ ଯୁଦ୍ଧର ଦ୍ୱାହି ଦେଇ ତୈଳ, ଗ୍ୟାସ୍‌ର ଆକାଶଛୁଆଁ ଦରବୃଦ୍ଧି କରିଦେଲେ ସମାଧାନ ହେବନାହିଁ । ତୈଳ ଏବଂ ଗ୍ୟାସ୍ ସମ୍ପଦର ଅପଚୟ ରୋକିବା, ମିତବ୍ୟୟୀ ହେବାକୁ ଜନତାଙ୍କୁ ଶିଖାଇବାକୁ ପଡିବ । ସରକାରୀ ପ୍ରୋଟୋକଲ ନିଶ୍ଚିତ ଭାବେ କମାଇବାକୁ ସ୍ୱୟଂ ସରକାର ନିଷ୍ପତ୍ତି ନେବାକୁ ଚେଷ୍ଟା କରନ୍ତୁ । ଜନ ସଚେତନତା ମାଧ୍ୟମରେ ତୈଳ ଅପଚୟ ରୋକିବା ସହିତ ତୈଳ ଆମଦାନୀକୁ କମାଇ ଦେଇ ହେବ । ଯେତେଦିନ ପର୍ଯ୍ୟନ୍ତ ତୈଳ ତଥା ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ କରିବାରେ ଭାରତ ସ୍ୱାବଲମ୍ବୀ ନ ହୋଇ ପାରିଛି ସେତେଦିନ ଏହିପରି ଅବ୍ୟବସ୍ଥା ଲାଗି ରହିଥିବ । କଥାରେ ଅଛି 'ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି କଣା କହୁଛି ମେଘ ଦୁଲୁକୁଚି ' ଠିକ୍ ସେହି ଅବସ୍ଥା ସମସ୍ତେ ନାହିରେ ତେଲ ପକେଇ ଶୋଇଛନ୍ତି , କହାରି ଚିନ୍ତା ନାହିଁ ।

ବର୍ତ୍ତମାନ କଥା ହେଉଛି ପ୍ରତିଦିନ ବଢୁଥିବା ତୈଳ ତୈଳଜାତ ପଦାର୍ଥର ଚାହିଦା ମେଣ୍ଟାଇବା ପାଇଁ ଆମକୁ ତୈଳ ଉତ୍ପାଦନକାରୀ ଦେଶ ଗୁଡିକ ଉପରେ ନିର୍ଭର କରିବାକୁ ପଡୁଛି । ଏହାର କିଛି ବିକଳ୍ପ ବାହାର କରିବାକୁ ଆମେ କେତେ ସକ୍ଷମ ? ବିକଳ୍ପ କହିଲେ ନିଜ ଦେଶରେ ତୈଳ ଖଣିର ସନ୍ଧାନ ନେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପଡିବ । ଉନ୍ନତ ମାନର ବୈଦ୍ୟୁତିକ ଯାନବାହନ ନିର୍ମାଣ କରିବା, ତୈଳ ଖର୍ଚ୍ଚ କମାଇବା , ସାର୍ବଜନିକ /ସରକାରୀ ପରିବହନ ବ୍ୟବସ୍ଥାକୁ ଆପଣେଇ ନେବା ଉଚିତ୍ ପଦକ୍ଷେପ ହେବ । ଅଯଥା ମିଥ୍ୟା ଅହଂକାର ବା ଧନୀ ବ୍ୟକ୍ତି ବୋଲି ଏକାଧିକ ଗାଡି ମୋଟର ବ୍ୟବହାର କରି ଦେଶର କ୍ଷତି କରି ଚାଲିଥିବା ବ୍ୟକ୍ତିଙ୍କ ଇନ୍ଧନ ଖର୍ଚ୍ଚ ଉପରେ ଲଗାମ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାର ସମୟ ଉପନୀତ ।

ରାଜନୀତିର ଘୋଡ଼ା ଦୌଡ଼ ଚାଲିଛି, ଘୋଡ଼ା କିଣା ବିକା ମଧ୍ୟ ହେଉଛି । ଆଗକୁ କିଛି ରାଜ୍ୟରେ ନିର୍ବାଚନ ହେବ, ଅନେକ ପ୍ରଚାର ଗାଡ଼ି ବୁଲିବ ତୈଳ ଖର୍ଚ୍ଚ ବଢ଼ିବ , ନେତାମାନେ ଉଡ଼ାଜାହାଜରେ କୋଟି କୋଟି ଟଙ୍କାର ଜାଳେଣି ଖର୍ଚ୍ଚ କରିବେ । ଭିଆଇପିମାନଙ୍କ ଆଗ ପଛ ମାଳ ମାଳ ଗାଡ଼ି ବିଦେଶରୁ ଆମଦାନି ତୈଳ ପୋଡ଼ି ସୁରକ୍ଷା ନାମରେ ପତିଆରା ଦେଖାଇବେ । ଶାସକ ଯଦି ଅଯୋଗ୍ୟ, ଦୂରଦୃଷ୍ଟି ବିହୀନ ହେବେ ତେବେ ଜନତା ଆଉ କଣ ବା କରି ପାରିବେ ? ମହଙ୍ଗା ମାଡ଼ରେ ଜର୍ଜରିତ ହୋଇ ନିଜ୍ କପାଳକୁ ଆଦରି ରହିବେ ବା ବିକ୍ଷୋଭ କରିବେ । ଗ୍ୟାସ୍ ତୈଳ ସଙ୍କଟ ଉପରେ ସରକାର୍ ନୀରବ କାହିଁକି ରହିଛନ୍ତି ? ହଠାତ୍ ଦରବୃଦ୍ଧି ଯୋଗୁଁ ଜନତାଙ୍କ ପ୍ରତିକ୍ରିୟା କ'ଣ ହୋଇଛି ଟିକେ ତୃଣମୂଳ ସ୍ତରରୁ ଅନୁଧ୍ୟାନ କରିଛନ୍ତି କି ? ଗ୍ୟାସ୍/ ତୈଳର ଏପରି ଅଭାବ ଲାଗି ରହିଲେ ଏହାର ବିକଳ୍ପ କ'ଣ ସରକାର ଦୟାକରି ଘୋଷଣା କରନ୍ତୁ । ଏହିପରି ଯୁଦ୍ଧ ପରିସ୍ଥିତି ଲାଗି ରହିଲେ ବିଶ୍ୱଗୁରୁ ମହୋଦୟ ୧୪୦ କୋଟି ଜନତାଙ୍କୁ କ'ଣ ଆଶ୍ୱାସନା ଦେବେ ? ତୈଳ ସଂକଟକୁ ନଜରରେ ରଖି ସରକାରୀ କାର୍ଯ୍ୟକ୍ରମ/ ସ୍ୱତନ୍ତ୍ର ଉଡ଼ାଜାହାଜ ବ୍ୟବହାରକାରୀଙ୍କ ଉପରେ ରୋକ୍ ଲଗାଇବା ଜରୁରୀ । ଯାହା ପାଖରେ ଟଙ୍କା ପୁଳା ପୁଳା ଅଛି/ସରକାରୀ କଳରେ ଅଛନ୍ତି ସେମାନେ ଜୀବନକୁ ହୁଏତ ଉପଭୋଗ କରିପାରିବେ। କିନ୍ତୁ ସଧାରଣ ଜନତା କ'ଣ କରିବେ ? ଏହି ପରିସ୍ଥିତି ବେଶିଦିନ ଲାଗି ରହିଲେ, ହୁଏତ ଦେଶର ଜନତା ବିଶୃଙ୍ଖଳିତ ହୋଇ ଯିବାର ଆଶଙ୍କା ରହିଛି, ତେଣୁ ବେଳହୁଁ ସାବଧାନ ।

କଟକ,ମୋ: ୯୯୩୭୧୭୪୦୯୭

# ଯୁବବର୍ଗଙ୍କ ମାନସିକ ଅସୁସ୍ଥତା ଚିନ୍ତାଜନକ

**ସୌଭାଗ୍ୟ ରଂଜନ ମହାନ୍ତି**

ଥାରେ ଅଛି ମନ ଯଦି ସୁସ୍ଥ ଅଛି, ତେବେ ସ୍ୱାସ୍ଥ୍ୟ ଠିକ୍ ଅଛି। କିନ୍ତୁ ଭାରତୀୟ ଯୁବବର୍ଗଙ୍କ ମାନସିକ ସ୍ୱାସ୍ଥ୍ୟ ନେଇ ବୈଶ୍ୱିକ ମାନସିକ ସ୍ୱାସ୍ଥ୍ୟ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯାଇପାରେ। ଆମେରିକାର ସାପିଏନ ଲାବସ୍ ପକ୍ଷରୁ ଦେଶର ୧୮ବର୍ଷରୁ ୩୪ବର୍ଷ ମଧ୍ୟରେ ଯୁବବର୍ଗଙ୍କ ମାନସିକ ସ୍ୱାସ୍ଥ୍ୟ ନେଇ କରାଯାଇଥିବା ଅଧ୍ୟୟନରେ ଗ୍ଲୋବାଲ ମାଇଣ୍ଡ ହେଲଥ ବୈଶ୍ୱିକ ମାନସିକ ସ୍ୱାସ୍ଥ୍ୟ ରିପୋର୍ଟର-୨୦୨୫ରେ ଭାରତୀୟ ଯୁବପିଢିଙ୍କ ସ୍କୋର ୩୩ଥିବାବେଳେ ୮୪ଟି ଦେଶ ତାଲିକାରେ ଭାରତର ସ୍ଥାନ ୬୦ତମ ସ୍ଥାନରେ ରହିଛି। କହିବା ବାହୁଲ୍ୟ ଯେ, ୮୪ଟି ଦେଶର ୧୮ରୁ ୩୪ବର୍ଷ ମଧ୍ୟରେ ଯୁବପିଢି ଏବଂ ୫୫ବର୍ଷ କିମ୍ବା ତଦୁର୍ଦ୍ଧ ବୟସ୍କଙ୍କୁ ନେଇ ଅଧ୍ୟୟନ କରାଯାଇଥିଲା। ବରିଷ୍ଠ ବା ବୟସ୍କ ବ୍ୟକ୍ତିମାନଙ୍କ ମାନସିକ ସୁସ୍ଥତା ସ୍କୋର ୯୬ଥିବାବେଳେ ତାଲିକାର ୪୯ ତମ ସ୍ଥାନରେ ରହିଛି। ବୟସ୍କଙ୍କ ତୁଳନାରେ ଯୁବବର୍ଗଙ୍କ ମାନସିକ ସୁସ୍ଥତା ଖରାପ ସ୍ଥିତିରେ ଥିବା କୁହାଯାଇଛି। ତେବେ କେବଳ ଭାରତୀୟ ଯୁବବର୍ଗ ନୁହନ୍ତି, ଅନ୍ୟ ରାଷ୍ଟ୍ରଗୁଡିକରେ ମଧ୍ୟ ଯୁବବର୍ଗଙ୍କ ମାନସିକ ସୁସ୍ଥତା ଖରାପ ପର୍ଯ୍ୟାୟରେ ରହିଛି।

ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱବାସୀ ୮୪ଟି ଦେଶର ୧୦ଲକ୍ଷରୁ ଉର୍ଦ୍ଧ୍ୱରୁ ଯୁବବର୍ଗ ଓ ବୟସ୍କ ବ୍ୟକ୍ତି, ଯେଉଁମାନେ କି ଇଣ୍ଟରନେଟ ସହ ଜଡିତ, ସେମାନଙ୍କ ଠାରୁ ସଂଗୃହୀତ ତଥ୍ୟ ଆଧାରରେ ପ୍ରସ୍ତୁତ କରାଯାଇଥିବା ଏହି ରିପୋର୍ଟରେ ବୟସ୍କଙ୍କ ମାନସିକ ସ୍ୱାସ୍ଥ୍ୟ ସ୍କୋର (ଏମଏଚକ୍ୟୁ) ହାରାହାରି ୧୦୦ ପାଖାପାଖି ଥିବାବେଳେ ଯୁବବର୍ଗଙ୍କର ଏମଏଚକ୍ୟୁ ହାରାହାରି ୩୬ରହିଛି। କିନ୍ତୁ ବିଶ୍ୱବ୍ୟାପୀ ୪୧ପ୍ରତିଶତ ଯୁବ ବୟସ୍କ ବିଚଳିତ ଓ ବିଭିନ୍ନ ବର୍ଗ ସହ ସଂଘର୍ଷରେ ପୀଡିତ ଥିବା କୁହାଯାଇଛି। ଯୁବବର୍ଗଙ୍କ ମାନସିକ ସ୍ୱାସ୍ଥ୍ୟ ନେଇ ରିପୋର୍ଟ ଚାରୋଟି ପ୍ରସଙ୍ଗକୁ ଚିହ୍ନଟ କରିଛି। ସେଗୁଡିକ ମଧ୍ୟରେ ପାରିବାରିକ ସୁସମ୍ପର୍କ ଦୁର୍ବଳ, ଆଧାତ୍ମିକ ମନୋଭାବ ହ୍ରାସ, ସ୍ମାର୍ଟଫୋନର ବହୁଳମାତ୍ରାରେ ବ୍ୟବହାର ଏବଂ ପ୍ୟାକେଟ ବା ଅଧିକ ମାତ୍ରାରେ ଲୁଣ, ଚିନି, ଖରାପ ତେଲ ଯୁକ୍ତ ଖାଦ୍ୟ ଗ୍ରହଣ ରହିଛି। ଭାରତରେ ପ୍ୟାକେଟ ଖାଦ୍ୟ ବ୍ୟବହାର ଯୁବବର୍ଗଙ୍କ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ରହିଛି। ଆହୁରି ପିଲାବେଳୁ ସ୍ମାର୍ଟଫୋନ ବ୍ୟବହାରରେ ବର୍ତ୍ତମାନର ଯୁବବର୍ଗ ଅଭ୍ୟସ୍ତ। ସ୍ମାର୍ଟଫୋନ ବ୍ୟବହାର ଯୁବବର୍ଗଙ୍କ ମାନସିକ ସ୍ଥିତିକୁ ବିଚଳିତ କରିଦେଇଛି।

ନିକଟରେ ଉତ୍ତରପ୍ରଦେଶରେ ପିତାମାତା ସ୍ମାର୍ଟଫୋନ ଛଡାଇ ନେବାରୁ ୯ ମହଲାରୁ ଡେଇଁ ତିନି ଭଉଣୀଙ୍କ ଆତ୍ମହତ୍ୟା କରିବା ଏହାର ହେଉଛି ଜ୍ୱଳନ୍ତ ଉଦାହରଣ। ଅନ୍ୟପକ୍ଷରେ ଆମଦେଶରେ ମାନସିକ ରୋଗ ଚିକିତ୍ସକଙ୍କ ସଂଖ୍ୟା ମଧ୍ୟ ବହୁ ନଗଣ୍ୟ ରହିଛି। ପ୍ରତି ୧ଲକ୍ଷ ଲୋକସଂଖ୍ୟାରେ ଦେଶରେ ମାତ୍ର ୦.୭୫ ପ୍ରତିଶତ ମାନସିକ ରୋଗ ଚିକିତ୍ସକ ଥିବା ଏକ ରିପୋର୍ଟରେ କୁହାଯାଇଛି। ମାନସିକ ସୁସ୍ଥତା ପାଇଁ ଯୁବବର୍ଗ ଉପଯୁକ୍ତ ଚିକିତ୍ସା ଏବଂ ପରାମର୍ଶ ପାଇପାରୁନାହାଁନ୍ତି।

ଭାରତରେ ଯୁବବର୍ଗ ଏକାଡେମିକ ବା ଶିକ୍ଷାନୁଷ୍ଠାନ ଚାପ, ନିଯୁକ୍ତି, ଅନିଶ୍ଚିତତା, ବେରୋଜଗାର ଏବଂ ଦ୍ରୁତ ସାମାଜିକ ପରିବର୍ତ୍ତନ ଚାପରେ ଜର୍ଜରିତ। ସେମାନେ ଯଥାର୍ଥ ସମୟରେ ଉପଯୁକ୍ତ ସହାୟତା, ସମର୍ଥନ ପାଇବା ଅତ୍ୟନ୍ତ କଷ୍ଟକର। ଭାରତରେ ଯୁବବର୍ଗର ଅକାଳ ମୃତ୍ୟୁ କ୍ଷେତ୍ରରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାରଣ ମଧ୍ୟରେ ଆତ୍ମହତ୍ୟା ଗୋଟିଏ। ଭାରତରେ ଯୁବବର୍ଗଙ୍କ ତୁଳନାରେ ବରିଷ୍ଠ ବର୍ଗ ଭଲସ୍ଥିତିରେ ଅଛନ୍ତି। ୭୮ ପ୍ରତିଶତ ବୟସ୍କ ନିଜ ପରିବାର ସହ ସୁସମ୍ପର୍କରେ ଥିବାବେଳେ ଯୁବବର୍ଗଙ୍କ ସଂଖ୍ୟା ହେଉଛି ୬୪ପ୍ରତିଶତ । ତେବେ ଭାରତରେ ବହୁ ବୟସ୍କ ଏକାକୀ ରହୁଥିବାବେଳେ କ୍ରନିକ୍ ଅସୁସ୍ଥତା ଏବଂ ସୀମିତ ବାର୍ଦ୍ଧକ୍ୟଜନିତ ମାନସିକ ଅସୁସ୍ଥତାରେ ପୀଡିତ। ପ୍ରାୟ ୨୦.୫ ପ୍ରତିଶତ ବରିଷ୍ଠ ବୟସ୍କ ମାନସିକ ସମସ୍ୟାରେ ପୀଡିତ ଥିବା କୁହାଯାଏ। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱର ଖୁସି ସୂଚକାଙ୍କରେ ଶୀର୍ଷରେ ଥିବା ଫିନଲାଣ୍ଡରେ ଯୁବବର୍ଗ ମାନସିକ ସୁସ୍ଥତା ତାଲିକାରେ ୪୦ତମ ସ୍ଥାନରେ ରହିଥିବାବେଳେ ବରିଷ୍ଠ ବର୍ଗ ୨୮ତମ ସ୍ଥାନରେ ଅଛନ୍ତି। ଜାପାନ, ତାଇୱାନ, ହକଂ, ବ୍ରିଟେନ ଏବଂ ଚୀନ ମାନସିକ ସୁସ୍ଥତା ର୍ୟାଙ୍କରେ ତଳେ ଥିବାବେଳେ ଘାନା, ନାଇଜେରିଆ, ଜିମ୍ବାୱେ, କେନିଆ, ତାଂଜାନିଆ ଆଦି ଆଫ୍ରିକୀୟ ରାଷ୍ଟ୍ରରେ ମାନସିକ ସୁସ୍ଥତା ତୁଳନାତ୍ମକ ଭାବେ ଭଲ ରହିଛି। ତେବେ ପରିବାର କୈନ୍ଦ୍ରୀକ ଜୀବନ ମାନସିକ ଅସୁସ୍ଥତାର ଉପଶମ କରିପାରିବ ବୋଲି କୁହାଯାଏ।

ମୋ-୯୪୩୭୯୯୪୩୭୯

"

ମୁଖ୍ୟତଃ ଅଧିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳରେ ବାଳିକା ବହୁ ସଂଖ୍ୟାରେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ତଥା ତାଙ୍କ ଶିକ୍ଷାର ପୋଥିରେ ଡୋରି ବନ୍ଧା ହେଉଛି । ସେହିପରି ଏକ ହାସ୍ୟାସ୍ପଦ ବିଷୟ ହେଉଛି ଆଦର୍ଶ ବିଦ୍ୟାଳୟରେ ପଢିବା ପାଇଁ ପ୍ରବେଶିକା ପରୀକ୍ଷା ଆୟୋଜିତ କରାଯାଉଥିବା ବେଳେ ଆଦର୍ଶ ବିଦ୍ୟାଳୟରେ ପଢାଇବା ପାଇଁ ଶିକ୍ଷକଙ୍କର ଘୋର ଅଭାବ ଦେଖାଦେଉଛି। ସରକାରୀ ତଥ୍ୟ ଅନୁଯାୟୀ ମୋଟ ୩୧୭ ପ୍ରିନ୍ସିପାଲ ପଦବୀ ମଧ୍ୟରୁ ୨୬୧ ଟି ଖାଲି ରହିଛି । ତେବେ ସେହି ବିଦ୍ୟାଳୟରେ ଶିକ୍ଷାର ମାନ ଉପରେ ସର୍ବସାଧାରଣରେ ଆଶଙ୍କା ସୃଷ୍ଟି ହେଉଛି । ସେହିପରି ପୂର୍ବତନ ସରକାରଙ୍କର ସ୍ମାର୍ଟ ସ୍କୁଲ ଅଭିଯାନରେ ୩୦୦୦ କୋଟି ଟଙ୍କା ହାଇସ୍କୁଲ ରୂପାନ୍ତରଣ ପ୍ରୋଗ୍ରାମରେ ଖର୍ଚ୍ଚ ହୋଇଥିବା ବେଳେ ସେହି ସ୍ମାର୍ଟ ସ୍କୁଲ ମାନଙ୍କରେ ପିଲା ଅନୁଯାୟୀ ଶ୍ରେଣୀଗୃହର ଅଭାବ ରହିଛି ।

# ଶିକ୍ଷାର ବିକଳ ଚିତ୍ର

**ଶୁଭଲକ୍ଷ୍ମୀ ମିଶ୍ର**

ସାବିଦ୍ୟା ଯା ବିମୁକ୍ତୟେ। "ଯେଉଁ ବିଦ୍ୟା ମାନବକୁ ମୁକ୍ତି ଦେଇଥାଏ, ସେହି ବିଦ୍ୟା ସତ୍ୟ।"ଶିକ୍ଷା ହେଉଛି ଆଲୋକ, ଯାହା ଅନ୍ଧକାରରୁ ମାନବକୁ ମୁକ୍ତ କରେ। ଗତ ବର୍ଷ ଏକ ନ୍ୟସ୍ତ କାର୍ଯ୍ୟ ବା ଆସାଇନମେଣ୍ଟ 'ତୁମ ଅଞ୍ଚଳରେ ଥିବା ପାଞ୍ଚଟି ପ୍ରାଥମିକ ବିଦ୍ୟାଳୟରେ ଥିବା ମୁଖ୍ୟ ସମସ୍ୟା ଉପରେ ଆଲୋକପାତ କରି ଏକ କେଶ୍ ଷ୍ଟଡି କରିବାକୁ ଏହି ଲେଖିକାଙ୍କୁ ବିଭିନ୍ନ ସ୍କୁଲକୁ ଯାଇ ସେଠାରେ ସେମାନଙ୍କ ସମସ୍ୟା ବିଷୟରେ ଜାଣିବାର ସୁଯୋଗ ମିଳିଥିଲା। ପ୍ରତ୍ୟେକ ବିଦ୍ୟାଳୟରେ କିଛି ନା କିଛି ସମସ୍ୟା ଥିଲା ଏବଂ ଅନେକ ବିଦ୍ୟାଳୟର ସମସ୍ୟା ଅତ୍ୟନ୍ତ ସଙ୍ଗୀନ ଥିଲା । ସେହି ସମସ୍ୟା ତଥା ଓଡିଶାର ଅନ୍ୟାନ୍ୟ ବିଦ୍ୟାଳୟ ଗୁଡିକର ସମସ୍ୟା ଉପରେ ନିମ୍ନରେ ଏକ ସ୍ୱତନ୍ତ୍ର ଉପସ୍ଥାପନା ।

ବିଦ୍ୟାଳୟଗୁଡିକର ମୁଖ୍ୟ ସମସ୍ୟା ମଧ୍ୟରେ ପ୍ରଥମରେ ଥିଲା 'ଶ୍ରେଣୀଗୃହର ଅଭାବ' । ଆମ ଓଡିଶା ର ୧୮୯୮ ଟି ବିଦ୍ୟାଳୟରେ ଗୋଟିଏ ଲେଖାଏଁ ଶ୍ରେଣୀଗୃହରେ ଏକାଧିକ ଶ୍ରେଣୀର ପିଲାମାନେ ପାଠ ପଢୁଛନ୍ତି । ତେଣୁ ସେମାନଙ୍କ ଅଧ୍ୟୟନ ସଠିକ୍ ରୂପେ ସମ୍ପାଦିତ ହୋଇପାରୁନାହିଁ । ସେଥିମଧ୍ୟରୁ କୋରାପୁଟରେ ୨୩୪ ଟି ସ୍କୁଲ ଏବଂ ରାୟଗଡାର ୨୦୯ଟି ସ୍କୁଲ ଅନ୍ତର୍ଭୁକ୍ତ । ଅନ୍ୟ ପ୍ରମୁଖ ଅସୁବିଧା



ମଧ୍ୟରୁ ବିଦ୍ୟୁତ୍‌ର ଅସୁବିଧା ମଧ୍ୟ ଅନ୍ୟତମ । ଓଡ଼ିଶାରେ ପ୍ରାୟତଃ ୧୫୦୦ ଟି ସ୍କୁଲରେ ବିଦ୍ୟୁତ ସରବରାହ ନାହିଁ(୧୨୮୯ ଟି ପ୍ରାଇମେରୀ ସ୍କୁଲ୍ ଓ ୨୯୦ ଟି ଉଚ୍ଚ ପ୍ରାଥମିକ)।

ସେହିପରି ଆମେ ଏକ ବିଂଶତମ ଶତାବ୍ଦୀରେ ବାସ କରୁଥିବା ବେଳେ ୧୧୪ଟି ବିଦ୍ୟାଳୟରେ ଶୌଚାଳୟର ସୁବିଧା ନାହିଁ । ତେଣୁ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେନ୍ଦ୍ର ସରକାରଙ୍କର ସମଗ୍ର ଶିକ୍ଷା ଅଭିଯାନ ସ୍କିମ ଅନୁଯାୟୀ ବିଦ୍ୟାଳୟର ଉନ୍ନତିକରଣ ନିମନ୍ତେ ମିଳିଥିବା ଅର୍ଥର ଏକ ମୁଖ୍ୟ ଭାଗ ୪୪-୫୦ ପ୍ରତିଶତ ଅର୍ଥ କୌଣସି ରୂପେ ବ୍ୟବହାର ନ ହୋଇ ବ୍ୟାଙ୍କରେ ହିଁ ରହିଯାଇଛି। ସ୍କିମଟିର ସଫଳ ରୂପାୟନ ଏକ ଦିବାସ୍ୱପ୍ନ ପରି ପ୍ରତିଭାତ ହେଉଛି ।

ସେହିପରି ସ୍କୁଲ ଏକତ୍ରୀକରଣ ନିୟମ ଅନୁଯାୟୀ ଓଡିଶାରେ ୨୦୨୩ ପର ଠାରୁ ୧୦୦୦୦ ରୁ ଅଧିକ ବିଦ୍ୟାଳୟକୁ ବନ୍ଦ କରିଦିଆଯାଇଛି କିମ୍ବା ଅନ୍ୟ ନିକଟସ୍ଥ ବିଦ୍ୟାଳୟ ସହିତ ମିଶାଇ ଦିଆଯାଇଛି । ଫଳରେ ପିଲା ମାନେ ପାଠ ପଢା ପ୍ରତି ବିମୁଖ ହେଉଛନ୍ତି । ମୁଖ୍ୟତଃ ଅଧିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳରେ ବାଳିକାମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ତଥା ତାଙ୍କ ଶିକ୍ଷାର ପୋଥିରେ ଡୋରି ବନ୍ଧା ହେଉଛି । ସେହିପରି ଏକ ହାସ୍ୟାସ୍ପଦ ବିଷୟ ହେଉଛି ଆଦର୍ଶ ବିଦ୍ୟାଳୟରେ ପଢିବା ପାଇଁ ପ୍ରବେଶିକା ପରୀକ୍ଷା ବ୍ୟବସ୍ଥା କରାଯାଉଥିବା ବେଳେ ଆଦର୍ଶ ବିଦ୍ୟାଳୟରେ ପଢାଇବା ପାଇଁ ଶିକ୍ଷକଙ୍କର ଘୋର ଅଭାବ ଦେଖାଦେଉଛି ।

ସରକାରୀ ତଥ୍ୟ ଅନୁଯାୟୀ ମୋଟ ୩୧୭ ପ୍ରିନ୍ସିପାଲ ପଦବୀ ମଧ୍ୟରୁ ୨୬୧ ଟି ଖାଲି ରହିଛି । ତେବେ ସେହି ବିଦ୍ୟାଳୟରେ ଶିକ୍ଷାର ମାନ ଉପରେ ସର୍ବସାଧାରଣରେ ଆଶଙ୍କା ସୃଷ୍ଟି ହେଉଛି । ସେହିପରି ପୂର୍ବତନ ସରକାରଙ୍କର ସ୍ମାର୍ଟ ସ୍କୁଲ ଅଭିଯାନରେ ୩୦୦୦ କୋଟି ଟଙ୍କା ହାଇ ସ୍କୁଲ ରୂପାନ୍ତରଣ ପ୍ରୋଗ୍ରାମରେ ଖର୍ଚ୍ଚ ହୋଇଥିବା ବେଳେ ସେହି ସ୍ମାର୍ଟ ସ୍କୁଲ ମାନଙ୍କରେ ପିଲା ଅନୁଯାୟୀ ଶ୍ରେଣୀଗୃହର ଅଭାବ ରହିଛି ।

ତେବେ ତାହା ଅର୍ଥର ବାଟ ମାରଣା କିମ୍ବା ସୁଚିନ୍ତିତ ଦୂରଦୃଷ୍ଟିର ଅଭାବ ତାହା ଅନୁସନ୍ଧାନର ଆବଶ୍ୟକତା ରହିଛି । ସେହିପରି ନୂତନ ଶିକ୍ଷା ପଲିସି ୨୦୨୦ ଅନୁଯାୟୀ ଶାରୀରିକ ଶିକ୍ଷା ବାଧ୍ୟତାମୂଳକ ହୋଇଥିବାବେଳେ ଏବେ ମଧ୍ୟ ବହୁ ସ୍ଥାନରେ ବହୁ ବିଦ୍ୟାଳୟରେ ପ୍ରଶିକ୍ଷଣ ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ତଥା ଖେଳପଡିଆ ନାହିଁ । ତେଣୁ ସମସ୍ତ ଉନ୍ନତିକରଣର ଚିନ୍ତାଧାରା କେବଳ କାଗଜକଲମରେ ସୀମିତ ରହିଛି । ସେହିପରି ସିଏଜିଙ୍କ ରିପୋର୍ଟ ୨୦୨୫ ଅନୁଯାୟୀ ବହୁ ସ୍ଥାନରେ ପିଲାମାନେ ବିପଦଜନକ ଲୁହା ସିଡିରେ ଉପର ଶ୍ରେଣୀଗୃହକୁ ଚଢି କରି ଯାଉଛନ୍ତି । ଏହିଭଳି ଅବସ୍ଥାରେ ପିଲାଙ୍କ ସୁରକ୍ଷା ଉପରେ ଅଭିଭାବକ ମହଲରେ ଅସନ୍ତୁଷ୍ଟି ଦେଖାଦେଉଛି ।

ସେହିପରି ବହୁ ଗ୍ରାମୀଣ ବିଦ୍ୟାଳୟର ଭିତ୍ତିଭୂମି ଭୁଶୁଡିବା ଅବସ୍ଥାରେ ଥିବା ବେଳେ ସେଥିପ୍ରତି ସରକାର ଆଖିରେ ଅନ୍ଧପୁଟୁଳି ବାନ୍ଧିଲା ପରି ମନେ ହୁଏ । ଏପରି ଲାଗେ ଯେପରି ପିଲାଙ୍କ ଜୀବନ ସରକାରୀ କାଗଜ ପତ୍ର ତଳେ ଦବି ଯାଇଛି ।

ସେହିପରି ବାର୍ଷିକ ବଜେଟରେ ଶିକ୍ଷାକ୍ଷେତ୍ରରେ ଖର୍ଚ୍ଚ ନିମିତ୍ତ ଉଦ୍ଦିଷ୍ଟ ଅର୍ଥର ଶତକଡା ୧୨ ପ୍ରତିଶତ ଅର୍ଥ ସମୟରେ ଖର୍ଚ୍ଚ ହୋଇପାରୁନାହିଁ । ଶିକ୍ଷା କ୍ଷେତ୍ରରେ ସରକାର କେବଳ ଗୋଟିଏ କ୍ଷେତ୍ରରେ ଉନ୍ନତି କରୁଛି ତାହା ହେଉଛି ପ୍ରସାଧନ ସାମଗ୍ରୀ ପରି ବିଦ୍ୟାଳୟର ସଜ୍ଜିକରଣ । ପ୍ରାୟତଃ ସବୁ ବିଦ୍ୟାଳୟରେ କାନ୍ଥରଙ୍ଗ, ପାଚେରି ତିଆରିରେ ତଥା ତୋରଣ ତିଆରି ଏବଂ ଚାରିଆଡ଼େ ସୁନ୍ଦର ରଙ୍ଗ ବୋଳା ଯାଉଥିବା ବେଳେ ତଥା କେବଳ ବାହାର ସୌନ୍ଦର୍ଯ୍ୟକରଣ ଉପରେ ଧ୍ୟାନ ଦିଆଯାଇଥିବା ବେଳେ ଭିତରର ସମସ୍ୟା ସରକାରଙ୍କର ଦୃଷ୍ଟି ଆଢୁଆଳରେ ରହିବା ପରି ମନେ ହୁଏ । ଶ୍ରେଣୀଗୃହ ନାହିଁ, ଶିକ୍ଷକ ନାହାନ୍ତି ପିଲାମାନେ ପାଠ ପଢା ପ୍ରତି ବିମୁଖ ଥିବା ବେଳେ କେବଳ ବାହାର ରଙ୍ଗବୋଳା କେତେଦୂର ଯୁକ୍ତିଯୁକ୍ତ ତାହା ପ୍ରତି ମନରେ ସନ୍ଦେହ ଜାତ ହୁଏ ।

ସେହିପରି ମଧ୍ୟାହ୍ନ ଭୋଜନ ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାର ମୁଖ୍ୟ ମାଧ୍ୟମ ହୋଇଥିବା ବେଳେ ସେହି ଖାଦ୍ୟର ଗୁଣାତ୍ମକ ମାନ ଉପରେ କିଛି କିଛି ସ୍ଥାନରେ ସନ୍ଦେହ ଉପୁଜୁଛି। ଖାଦ୍ୟ ତିଆରି ବେଳେ ଉପଯୁକ୍ତ ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯାଉ ନ ଥିବାରୁ ମଧ୍ୟାହ୍ନ ଭୋଜନ ଖାଦ୍ୟକୁ ପିଲାମାନେ ନା ପସନ୍ଦ କରୁଥିବା ଅଭିଯୋଗମାନ ଗଣମାଧ୍ୟମରେ ଚର୍ଚ୍ଚିତ ହୋଇଆସୁଛି। ବର୍ତ୍ତମାନ ସରକାର ଶିକ୍ଷକ ପଦବୀ ସୃଷ୍ଟି କରି ନୂତନ ଶିକ୍ଷକ ନିଯୁକ୍ତି ଉପରେ ପ୍ରାଧାନ୍ୟ ଦେଉଥିବା ବେଳେ ଆଲୋଚ୍ୟ ଦିଗ କେତେଦୂର ସଫଳ ହେଉଛି ତାହାକୁ ବିବେଚନାକୁ ନେବା ଦରକାର। ଓଡିଶାର ଶିକ୍ଷା ବ୍ୟବସ୍ଥା ଉପରେ ଲାଗିଥିବା ଗ୍ରହଣ କେବେ ଦୂରୀଭୂତ ହେଉଛି ତାହା ପ୍ରତି ଆଶାଆଶଙ୍କା ଲାଗି ରହିଛି।

ବାଲିପାଟଣା,ମୋ-୯୮୬୧୦୬୧୩୮୯

# ୨ ମୋଟର ସାଇକେଲ ଧକ୍କା: କଲେଜ ଛାତ୍ରୀ ମୃତ, ୩ ଗୁରୁତର

ହିଞ୍ଜିଳିକାଟୁ,୨୧ ।୩ (ନିପ୍ର): ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ପିତଳ ଛକରେ ଶୁକ୍ରବାର ବାଇକ୍ ପଛକୁ ବାଇକ୍ ଧକ୍କା ଘଟି ୩ ଜଣ ଗୁରୁତର ଆହତ ହୋଇଛନ୍ତି । ଅନ୍ୟ ପକ୍ଷରେ ଗାଁକୁ ଫେରିବା ଲାଗି ପିତଳ ଛକରେ ଗାଡିକୁ ଅପେକ୍ଷା କରିଥିବା ଜଣେ କଲେଜ ଛାତ୍ରୀଙ୍କୁ ବାଇକ୍ ଧକ୍କା ଦେବାରୁ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ମୃତକା ଜଣଙ୍କ ହେଲେ ହିଞ୍ଜିଳି ଥାନା ପିତଳ ଗ୍ରାମର ବର୍ଷା ପ୍ରଧାନ (୧୮) ଓ ଗୁରୁତର ଆହତ ମାନେ ହେଲେ କବିସୂର୍ଯ୍ୟନଗର ଥାନା ଗାଗନାପୁର ଗ୍ରାମର ଯୋଗେନ୍ଦ୍ର ପାତ୍ର (୨୮), ଶେରଗଡ ଥାନା କୁରୁଳା ଗ୍ରାମର ଧର୍ମେନ୍ଦ୍ର ବେହେରା (୩୩) ଓ ଖଲ୍ଲିକୋଟ ଥାନା ନାଇକାଣିପଲ୍ଲୀ ଗ୍ରାମର ଶିବାନନ୍ଦ ମହାରଣା (୨୪) । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଆହତଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିତ୍ସାଧିନ ସମୟରେ କଲେଜ ଛାତ୍ରୀଙ୍କ ଅକାଳ ମୃତ୍ୟୁ ଘଟିଛି । ସୂଚନା ମୁତାବକ, ଶୁକ୍ରବାର ସକାଳେ ଯୋଗିନ୍ଦ୍ର ଓ ଧର୍ମେନ୍ଦ୍ର ବାଇକ (ଓଡି୦୭ଏଟି ୪୦୫୨) ଯୋଗେ ଗାଗନାପୁର ଗ୍ରାମରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ । ହିଞ୍ଜିଳି ଥାନା ପିତଳ ଛକ ନିକଟରେ ଜଳଖିଆ ଖାଇବା ପରେ ବାଇକ୍ ଷ୍ଟାର୍ଟ କରି ଯିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଫୁଲବାଣୀ ଠାରୁ ଶିବାନନ୍ଦ ମହାରଣା ବାଇକ୍ (ଓଡି୧୨ଇ ୮୦୦୫) ଯୋଗେ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ । ପିତଳ ଛକ ନିକଟରେ ଭାରସାମ୍ୟ ହରାଇ ସମ୍ମୁଖରେ ଥିବା ବାଇକକୁ ଧକ୍କା ଦେଇଥିଲେ ।

ଦୁର୍ଘଟଣାରେ ସମ୍ମୁଖରେ ଥିବା ବାଇକ୍ ଚାଳକ ଭାରସାମ୍ୟ ହରାଇ ରାସ୍ତା ପ୍ବାର୍ଶ୍ୱରେ ଗାଡିକୁ ଅପେକ୍ଷା କରିଥିବା କଲେଜ ଛାତ୍ରୀ ବର୍ଷାଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ୨ବାଇକ୍ ଚାଳକ, ସାଥି ଓ ଯୁବତୀ ଜଣଙ୍କ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଆହତଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିତ୍ସାଧିନ ସମୟରେ ବର୍ଷାଙ୍କ ମୃତ୍ୟୁ ଘଟିଛି । ଖବର ପାଇ ହିଞ୍ଜିଳି ପୁଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ମୋଟର ସାଇକେଲକୁ ଜବତ କରିବା ସହ ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରିବା ସହ ଘଟଣାର ତଦନ୍ତ ଚଳାଇଛି । ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇନଥିବା ଜଣାପଡିଛି ।

# ଯାଜପୁର ଜିଲ୍ଲା ମହୋତ୍ସବ 'ଯଯାତି'

ଯାଜପୁର,୨୧ ।୩ (ନିପ୍ର): ଯାଜପୁର ଜିଲ୍ଲା ମହୋତ୍ସବ ଯଯାତି- ୨୦୨୬ ଉଦଘାଟିତ ହୋଇଯାଇଛି । 'ଯଯାତି -୨୦୨୬' ଏବଂ 'ସୁଭଦ୍ରା ଶକ୍ତି ଓ ପଲ୍ଲୀଶ୍ରୀ ମେଳା'କୁ ମୁଖ୍ୟ ଅତିଥି ଭାବେ ସମବାୟ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ଏହା ସହ ମଞ୍ଚାସୀନ ଅତିଥିମାନେ ସ୍ମରଣିକା 'ଯଯାତି -୨୦୨୬'ର ଶୁଭ ଉନ୍ମୋଚନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ କହିଥିଲେ ଯେ ଯଯାତି ଉତ୍ସବ ହେଉଛି ଏକ ସେତୁ, ଯିଏ ଆମର ପୁରାତନ ରାଜକୀୟ ପରମ୍ପରାକୁ ଆଜିର ଆଧୁନିକ ପିଢ଼ି ସହିତ ଯୋଡ଼ିଥାଏ । ଏହାସହ ମନ୍ତ୍ରୀ ପଲ୍ଲିଶ୍ରୀ ମେଳା ଏବଂ ସୁଭଦ୍ରା ଶକ୍ତି ମେଳା ମାଧ୍ୟମରେ ମହିଳା ସଶକ୍ତିକରଣ ହେବା ସହ ହସ୍ତଶିଳ୍ପର ପ୍ରୋତ୍ସାହନ ହୋଇପାରିବ ବୋଲି କହିଥିଲେ । ଅତିଥିମାନେ ଯାଜପୁରର ଐତିହ୍ୟ, ସଂସ୍କୃତି, ସମୃଦ୍ଧ ଶିଳ୍ପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ସଭା ପ୍ରାରମ୍ଭ ପୂର୍ବରୁ ବିଭିନ୍ନ ଲୋକନୃତ୍ୟ ସହ ରଙ୍ଗିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହା ପରେ ଓଲିଉଡ୍‌ର ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ । ଅଭିନେତ୍ରୀ ଶୀତଲ ପାତ୍ର ମନୋହର ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଏହି ଶୁଭ ଉଦଘାଟନ ଅବସରରେ ଲୋକସଭା ସାଂସଦ ଡ଼, ରବୀନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିଂମାଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସନାୟକ, ଜିଲ୍ଲାପରିଷଦ ସଭାପତି ନଳିନୀପ୍ରଭା ଜେନା, ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମଲ , ସମାଜସେବୀ ଦେବଯାନୀ ପ୍ରଧାନ, ବରିଷ୍ଠ ସଂଗଠକ ତଥା ସମାଜ ସେବୀ ଗୌତମ ରାୟ ଉପସ୍ଥିତ ଥିଲେ ।

### ମାଲକାନଗିରି ବିମାନବନ୍ଦରର ବିକାଶ ଓ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା

# ସୋମବାର ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ମାଲକାନଗିରି,୨୧।୩: ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମାଲକାନଗିରି ବିମାନବନ୍ଦରର ଅଗ୍ରଗତି କାର୍ଯ୍ୟ ଏବଂ ସୁରକ୍ଷା ବ୍ୟବସ୍ଥାର ଆଜି ଅନୁଧ୍ୟାନ କରିଛନ୍ତି । ଏହି ପରିଦର୍ଶନ ସମୟରେ ବିମାନବନ୍ଦରର ବିଭିନ୍ନ ବୈଷୟିକ ଦିଗ ଏବଂ ଯାତ୍ରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହି ସମୀକ୍ଷା ବୈଠକରେ ପୂର୍ତ୍ତ ବିଭାଗ ଓ ନଗର ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ମାଲକାନଗିରି ଉପ-ଜିଲ୍ଲାପାଳ ଉପସ୍ଥିତ ଥିଲେ । ବିମାନବନ୍ଦର ପରିସରରେ ରହିଥିବା ବିଭିନ୍ନ ଭିତ୍ତିଭୂମି ସମସ୍ୟା ଓ ଏହାର ସମାଧାନ ନେଇ ଅଧିକାରୀମାନଙ୍କ ସହ ଜିଲ୍ଲାପାଳ ବିସ୍ତୃତ ଆଲୋଚନା କରିଥିଲେ । ଜିଲ୍ଲାପାଳ ବିମାନବନ୍ଦର ସମ୍ବନ୍ଧୀୟ ଜମି କିମ୍ବା ଅନ୍ୟାନ୍ୟ ଗଣନା କାର୍ଯ୍ୟ ଶେଷ କରି ଆସନ୍ତା ସୋମବାର ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ତହସିଲ ଟିମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି । ସୁରକ୍ଷା ଓ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ମଧ୍ୟ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବିମାନବନ୍ଦରର ସୁରକ୍ଷା ପାଇଁ ଉପଲବ୍ଧ ପୋଲିସ ବାହିନୀ ଦ୍ୱାରା ଏକ ସ୍ୱତନ୍ତ୍ର ପାଟ୍ରୋଲିଂ ପ୍ଲାନ୍ ପ୍ରସ୍ତୁତ କରାଯାଇଛି । ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ଉପ-ଜିଲ୍ଲାପାଳ ଏବଂ ଆରଆଇଙ୍କୁ ଦାୟିତ୍ୱ ଦିଆଯାଇଛି । ବିମାନବନ୍ଦରରୁ ନିୟମିତ ବିମାନ ଚଳାଚଳ ପୂର୍ବରୁ ସମସ୍ତ ପ୍ରକାର ବାଧାବିଘ୍ନ ଦୂର କରିବା ପାଇଁ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

# ବିନ୍ଦୁ ମହାନନ୍ଦ ବିଜେପି ରାଜ୍ୟ ଯୁବ କାର୍ଯ୍ୟକାରିଣୀ ସଦସ୍ୟ

ଗୋଲାମୁଣ୍ଡା,୨୧ ।୩ (ନିପ୍ର); ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ-ଯିଏ ଦିନେ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରି ନିଜର ସାମାଜିକ ଯାତ୍ରା ଆରମ୍ଭ କରିଥିଲେ ।ବର୍ତ୍ତମାନ ଭାରତୀୟ ଜନତା ପାର୍ଟି (ବିଜେପି)ର ରାଜ୍ୟ ଯୁବ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି । ତାଙ୍କର ଏହି ଯାତ୍ରା ଅନେକ ପରିବର୍ତ୍ତନ ଏବଂ ଲୋକଙ୍କ ସେବା କରିବାର ସୁଯୋଗ ଯୋଗାଇଛି । ପ୍ରାରମ୍ଭରେ, ବିନ୍ଦୁ ମହାନନ୍ଦ ଏକ ଦୁର୍ନୀତି ବିରୋଧୀ ମହାସଂଘ ଗଠନ କରି ଦୁର୍ନୀତି ବିରୋଧରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ସମାଜରେ ସ୍ୱଚ୍ଛତା ଆଣିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା । ପରେ ସେ ଶିକ୍ଷକତାକୁ ନିଜର ବୃତ୍ତି ଭାବରେ ଗ୍ରହଣ କରିଥିଲେ । ଶିକ୍ଷକତା ସମୟରେ ମଧ୍ୟ ସେ ସମାଜସେବାରୁ ବିରତ ନଥିଲେ । ଶିକ୍ଷକତା ପରେ ସେ ରାଜନୀତିରେ ପ୍ରବେଶ କରିଥିଲେ । ରାଜନୀତିକୁ ସେ ଲୋକଙ୍କ ସେବା କରିବାର ଏକ ମାଧ୍ୟମ ଭାବରେ ଦେଖିଥିଲେ ।



ଏହି ଯାତ୍ରାରେ ସେ ଚହକା ଗ୍ରାମ ପଞ୍ଚାୟତରେ ନିର୍ଦ୍ୱନ୍ଦ୍ୱରେ ସମିତି ସଭ୍ୟ ଭାବରେ ନିର୍ବାଚିତ ହୋଇଥିଲେ । ପରେ ସେ ଗୋଲାମୁଣ୍ଡା ବ୍ଲକର ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ସବୁ ପଦବୀରେ ରହି ସେ ଲୋକଙ୍କ ନିକଟତର ହୋଇ ସେମାନଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିଥିଲେ । ଏହା ପରେ ସେ ବିଜେପିରେ ଯୋଗ ଦେଇଥିଲେ । ବିଜେପିରେ ଯୋଗ ଦେବା ପରେ ତାଙ୍କୁ କେଗାଁ ମଣ୍ଡଳ ପ୍ରଭାରୀ ପଦବୀ ମିଳିଥିଲା । ନିକଟରେ ତାଙ୍କୁ ବିଜେପିର ରାଜ୍ୟ ଯୁବ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ମନୋନୀତ କରାଯାଇଛି । ଏହି ନୂତନ ଦାୟିତ୍ୱ ତାଙ୍କ ରାଜନୈତିକ ଜୀବନ ପାଇ ଆଉ ଏକ ଚେଲେଞ୍ଜ ଦେଖା ଦେଇଛି । ସଦା ସର୍ବଦା ଗୋଲାମୁଣ୍ଡା ବ୍ଲକ ର ବିକାଶ ପାଇଁ ଅଣ୍ଟା ଭିଡି ଥିବା ଶ୍ରୀ ମହାନନ୍ଦ ଏବେ ବିଜେପି ରାଜ୍ୟ ସଦସ୍ୟ ଭାବରେ ମନୋନୀତ ହେବା ପରେ ଅଞ୍ଚଳରେ ଖୁସି ଦେଖା ଦେଇଛି ।ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି ।

## ଲଘୁ ଖଣିଜ ଦ୍ରବ୍ୟ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ

# କେନ୍ଦୁଝର ଜିଲ୍ଲାରେ ୧୬ ବାଲି ଏବଂ ୧୯ ପଥର ଖାଦାନକୁ ଦିଆଯାଇଛି ଲିଜ୍

କେନ୍ଦୁଝର,୨୧ ।୩ (ନିପ୍ର): ଜିଲ୍ଲାପାଳଙ୍କ ମିନି କନଫରେନ୍ସ ହଲରେ ଲଘୁ ଖଣିଜ ଦ୍ରବ୍ୟ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡିଏଫ୍‌ଓ ଧନରାଜ ଏଚ୍‌ଡି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ଖଣି ଉପ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାହୁ,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିର୍ମୟ ଭୁକ୍ତା,ଆଂଚଳିକ ପରିବହନ ଅଧିକାରୀ ଇଂ ମାନସ ରଞ୍ଜନ ସାହୁ,କେନ୍ଦୁଝର ଓ ଆନନ୍ଦପୁର ଉପଖଣ୍ଡ ଲଘୁ ଖଣିଜ ଅଧିକାରୀ ତାରିଣୀ ସିଂ,ଚମ୍ପୁଆ ଉପଖଣ୍ଡ ଲଘୁ ଖଣିଜ ଅଧିକାରୀ ସୁପ୍ରଭା ନାୟକ,ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଂଚଳିକ କାର୍ଯ୍ୟାଳୟ କେନ୍ଦୁଝରର ସହକାରୀ ପରିବେଶ ବୈଜ୍ଞାନିକ ସୌମ୍ୟରଞ୍ଜନ ପ୍ରଧାନଙ୍କ ସମେତ ଜଳସମ୍ପଦ ବିଭାଗର ୪ଟି ଡିଭିଜନର ଅଧିକ୍ଷଣ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ରୋକିବାକୁ ନିୟମିତ ଯାଞ୍ଚ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଶେଷ କରି ବାଲି ଓ ପଥର ଚୋରା ଚାଲାଣ ଯୋଗୁଁ ସରକାରଙ୍କ ବ୍ୟାପକ ରାଜସ୍ୱହାନି ହେଉଛି । ବିଭିନ୍ନ ସୈରାତକୁ ବାଲି ଚୋରି ହେଉଥିବାରୁ ନିୟମିତ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଦ୍ୱାରା ଯାଂଚ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପୋଲିସ



ସହାୟତାରେ ଲଘୁ ଖଣିଜ ବିଭାଗ ଜାତୀୟ ରାଜପଥ ଏବଂ ବିଭିନ୍ନ ରାସ୍ତାରେ ଯାଞ୍ଚ କରି ଚୋରା ଚାଲାଣ କାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । କେନ୍ଦୁଝର ଜିଲ୍ଲାରେ ୧୬ ବାଲି ଏବଂ ୧୯ଟି ପଥର ଖାଦାନକୁ ଲିଜ୍ ଦିଆଯାଇଛି । କେତେକ ବାଲି ଓ ପଥର ଖାଦାନ ଅନୁମତି ଠାରୁ ଅଧିକ ଉତ୍ତୋଳନ କରୁଛନ୍ତି କି ନାହିଁ ତାହାର ଯାଞ୍ଚ କରି ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଲିଜ୍ ବାହାରେ କେତେକ ବାଲି ଖାଦାନ ଚାଲିଛି । ବିଶେଷ କରି ରାତି ସମୟରେ ବାଲି ଖାଦାନରେ ବ୍ୟାପକ ବାଲି ଚୋରି ଚାଲିଛି । ଟିପି ନ ଥାଇ ବହୁ ବାଲି ଗାଡି ଚାଲାଣ ହେଉଛି । କେତେକ ବାଲି ଗାଡି ଓଭରଲୋଡ ହୋଇ ପରିବହନ ହେଉଛି । ଫଳରେ ସରକାରଙ୍କ ବ୍ୟାପକ ରାଜସ୍ୱହାନି ହେବା ସହ ରାସ୍ତା ନଷ୍ଟ ହେଉଛି । ଏସବୁ ବାଲି ଓ ପଥର ବୋଝେଇ ଗାଡି ଯାଞ୍ଚ କରି ଜରିମାନା ଆଦାୟ କରିବାକୁ ଆଂଚଳିକ ପରିବହନ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଲି ଗଚ୍ଛିତ କରି ବାଲି ବିକ୍ରୀ ହେଉଛି । ଏନଫୋର୍ସମେଂଟ ସ୍କ୍ୱାର୍ଡ ବେଆଇନ ବାଲି ଡିପୋ ଯାଞ୍ଚ କରି ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ନୂତନ ସୈରାତ ଚିହ୍ନଟ ହୋଇଛି ତାକୁ ତୁରନ୍ତ ଚଳେଇବାକୁ ବିଭିନ୍ନ ବିଭାଗର ଆବଶ୍ୟକ ଅନୁମତି ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

# ୭୦ କେଜି ଗଞ୍ଜେଇ ସହ ୩ ଚାଲାଣକାରୀ ଗିରଫ

ରେଢ଼ାଖୋଲ ୨୧.୦୩(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରି ବେଆଇନ ଚୋରା ଚାଲାଣ ଗଞ୍ଜେଇ ଜବତ କରିବା ସହ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବିହାର ରାଜ୍ୟର କାଇମୁର୍ ଜିଲ୍ଲାର ପ୍ରଦୀପ କୁମାର(୨୩), ଅଙ୍କୁଶ କୁମାର(୨୩) ଓ ରାଜ୍ୟ ଉତ୍ତରପ୍ରଦେଶ ଜିଲ୍ଲା ଘାଜିପୁର ଥାନା ଭିର୍ଣ୍ଣ ଅଞ୍ଚଳର ଧର୍ମେନ୍ଦ୍ର ଯାଦବ(୨୬) । ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ଅବକାରୀ ବିଭାଗ ଇନ୍ସପେକ୍ଟର ଦୃବଦଳ ବିଶ୍ୱାଳଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀ ମାନେ ଲଇଣ୍ଡାମାଲ ଛକ ନିକଟରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଉକ୍ତ ତିନି ଅଭିଯୁକ୍ତମାନଙ୍କୁ ସନ୍ଦେହ କରି ଯାଞ୍ଚ କରିଥିଲେ । ଏଥିରେ ଅଭିଯୁକ୍ତମାନଙ୍କ ପାଖରୁ ୪ ଟି ବସ୍ତାରେ ୭୦ କେଜି ବେଆଇନ ଗଞ୍ଜେଇ ଜବତ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ଏଥିରେ ଗଞ୍ଜେଇ ବେଆଇନ ଭାବେ ଫୁଲବାଣୀ ଅଞ୍ଚଳରୁ ଗଞ୍ଜେଇ ବିହାର ରାଜ୍ୟକୁ ଚାଲାଣ କରାଯାଉଥିବା ଜଣାପଡିଛି ।

ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଉକ୍ତ ତିନି ଅଭିଯୁକ୍ତ ଯୁବକ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ସୂଚନା ଦେଇଛନ୍ତି ।

# ଶୈଶବକୁ ଫିକା କରୁଛି ମୋବାଇଲ ଫୋନ

ଭାପୁର,୨୧ ।୩ (ନିପ୍ର); ଅତୀତରେ ଗୋଟିଏ ପରିବାର ମଧ୍ୟରେ ଜେଜେ, ଜେଜେମା,ବାପା,ବୋଉ, ବଡବାପା, ମାମା, ଦାଦା, ଖୁଡି ସମସ୍ତେ ଯୌଥ ପରିବାରରେ ଏକାଠି ରହୁଥିଲେ,ସେତେବେଳେ ସୁଖ ସ୍ୱାଚ୍ଛନ୍ଦ୍ୟରେ ଜୀବନ ଅତିବାହିତ ହେଉଥିଲା, ଦୁଃଖକଷ୍ଟ କିଛି ଜଣାପଡୁନଥିଲା କିନ୍ତୁ, ବର୍ତ୍ତମାନ ନିଜ ସ୍ୱାର୍ଥ ପାଇଁ ସମସ୍ତେ ପରିବାରକୁ ଛାଡି ଅଲଗା ଅଲଗା ଏକାନ୍ନ ପରିବାର ଭାବରେ ଜୀବନ ଅତିବାହିତ କରିଲେ । ଆଜିକାଲିର ଛୋଟଛୋଟ ପିଲାମାନେ ନିଜ ରକ୍ତର ଜେଜେ, ମାଆ, ଦାଦାଖୁଡି, ବଡ଼ବାପା ମାଆ ତଥା ଭାଇ ଭଉଣୀମାନଙ୍କୁ ଭଲରେ ଚିହ୍ନିପାରିଲେ ନାହିଁ । ବାପା ଓ ମାଆ ମାନେ ନିଜ ପିଲାଙ୍କୁ ଯୌଥ ପରିବାର ଠାରୁ ଅଲଗା କରି ସମୟ ଅତିବାହିତ ପାଇଁ ଗୋଟିଏ ଗୋଟିଏ ମୋବାଇଲ ଧରେଇଦେଲେ । ମୋବାଇଲ ଦ୍ୱାରା ପରୋକ୍ଷରେ ପରିବାର ଠାରୁ ପିଲାଙ୍କୁ ଦୂରେଇ ଦେଇ ସେମାଙ୍କର ମାନସିକ ସ୍ୱାସ୍ଥ୍ୟ ଅବସ୍ଥାକୁ ବିଗାଡି ଦେଉଛେ ।ପିଲାମାନେ ପୂର୍ବଭଳି ସାଙ୍ଗସାଥିଙ୍କ ସହିତ ଖେଳକୁଦ ଠାରୁ ଦୂରେଇ ଘରେ ବସି ମୋବାଇଲ ଦ୍ୱାରା ଗେମ ଖେଳି ମାନସିକ ଭାରସାମ୍ୟ ହରେଇ ବସୁଛନ୍ତି । ଏହି ମୋବାଇଲ ଦ୍ୱାରା ଆଜି ଆମେ ଘରେ ବସି ପୃଥିବୀ ସହିତ ଜଡିତ ହୋଇପାରୁଛେ । ମୋବାଇଲରେ ନିଜ ଭାବନା କୁ ସାର୍ବଜନୀନ କରି ପାରୁଛେ, ଅନ୍ୟ କୁ ଦେଖି ପାରୁଛେ, ଟଙ୍କା ଦେଣନେଣ କରି ପାରୁଛେ ଫଳରେ, ଆମ୍ଭେମାନେ ସାମାଜିକ ଚାଲିଚଳଣି ଠାରୁ ଦୂରେଇ ଯାଇ ଆମେ ଆମର ଜୀବନର ସତ୍ୟ କୁ ଅନ୍ୟମାନଙ୍କର ସୁନ୍ଦର ଦେଖାଯାଉଥିବା ଜୀବନ ସହ ତୁଳନା କରିଥାଉ । ଏହି ମୋବାଇଲ ଲୋକଙ୍କ ସହିତ ଜଡିତ ହୋଇ ରହିବା ପାଇଁ ତିଆରି ହୋଇଥିଲା କିନ୍ତୁ ଆଜି ତାହା ବିପରୀତ ହୋଇଛି ।ବସ,ଅଟୋରେ ଲୋକଙ୍କ ସହିତ ଯାତାୟାତ ନ କରି ନିଜସ୍ୱ ଗାଡିରେ ଯାତାୟାତ କରୁଛୁ,ଦୋକାନ କୁ ଯାଇ ଅନ୍ୟ ଲୋକଙ୍କ ସହିତ ମିଶି ଜିନିଷ ନ କିଣି ଅନଲାଇନରେ ଜିନିଷ କିଣୁଛୁ, ଆଉ ଫିଲ୍ମ ହଲରେ ଲୋକ ମାନଙ୍କ ସହିତ ମିଶି ଫିଲ୍ମ ନ ଦେଖି ଘରେ ବସି ଟିଭି ଦେଖୁଛୁ, ଅନ୍ୟ ଛାତ୍ରଛାତ୍ରୀଙ୍କ ସହିତ ମିଶି ଟିଉସନ ନ କରି ଘରେ ବସି ଅନଲାଇନରେ ଶିକ୍ଷା ଗ୍ରହଣ କରୁଛେ,ଆଉ ବ୍ୟାଙ୍କ ନ ଯାଇ ଘରେ ବସି ଟଙ୍କା ଦେଣନେଣ କରିପାରୁଛେ ଫଳରେ, ଆଜିକାଲି ର ପିଲାମାନଙ୍କୁ ଅନ୍ୟମାନଙ୍କ ଠାରୁ ମୋବାଇଲ ବ୍ୟବହାର ଦ୍ୱାରା ବାଛନ୍ଦ କରିବା ଶିଖାଉଛେ ଫଳରେ ପିଲାଟି ଏକତ୍ୱବୋଧ ଅନୁଭବ କରୁଛି । ମୋବାଇଲ ଦ୍ୱାରା ସମସ୍ତ କାର୍ଯ୍ୟ ସୁବିଧା ଓ ସ୍ୱଳ୍ପ ସମୟରେ ହୋଇପାରୁଛି ସତ ଯୁବସମାଜକୁ ଏକାନ୍ନବର୍ତ୍ତୀ କରି ସାମାଜିକ ଚାଲିଚଳଣିରୁ ବାଛନ୍ଦ କରିଦେଉଛି ଯାହା ଦିନେ ସମାଜ ଉପରେ ବଡ଼ ପ୍ରଭାବ ପଡିବ ବୋଲି



ଭାପୁର ଅଂଚଳର ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି ।

# ପୁରୀରେ ଫିଟ୍ ଇଣ୍ଡିଆ କାର୍ନିଭାଲ ୨୩ ପର୍ଯ୍ୟନ୍ତ

ପୁରୀ,୨୧ ।୩ (ନିପ୍ର): କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ କ୍ରୀଡା ପ୍ରାଧିକରଣ ବା ସାଇ ସହଯୋଗରେ ପୁରୀରେ ଆୟୋଜିତ ହେବାକୁ ଯାଉଛି ଫିଟ ଇଣ୍ଡିଆ କାର୍ନିଭାଲ । ସମସ୍ତେ ସୁସ୍ଥ ରୁହନ୍ତୁ ଓ ସ୍ୱାସ୍ଥ୍ୟ ସୁରକ୍ଷିତ ରୁହନ୍ତୁର ବାର୍ତ୍ତା ନେଇ ଖେଲୋ ଇଣ୍ଡିଆ ର ଏହି କାର୍ଯ୍ୟକ୍ରମ ଚଳିତ ମାସ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ପୁରୀ ଭିକ୍ଟୋରିଆ ହୋଟେଲ ସମ୍ମୁଖ ସି ବିଚ ଠାରେ ଅନୁଷ୍ଠିତ ହେବ । ପୁରୀ ଜିଲ୍ଲା ପ୍ରଶାସନ ଏଥିରେ ସହଯୋଗ ଯୋଗାଇ ଦେବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ପରାମର୍ଶ କ୍ରମେ ସର୍କିଟ ହାଉସ ଠାରେ ଏ ସମ୍ପର୍କରେ ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।୨୦୧୯ ମସିହାରୁ ପ୍ରଧାନମନ୍ତ୍ରୀଙ୍କ ଫ୍ଲାଗସିପ କାର୍ଯ୍ୟକ୍ରମ ଭାବେ ଏହା



ଆୟୋଜିତ ହୋଇ ଆସୁଛି ।ପୁରୀରେ ଚଳିତ ବର୍ଷ ଏହାର ଆୟୋଜନ ଖୁସିର କଥା ଓ ପୁରୀବାସୀଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଶ୍ରୀ ବେହେରା ଆଶା ବ୍ୟକ୍ତ କରିଥିଲେ ।ଏଥିରେ ଯୋଗ ପ୍ରଶିକ୍ଷଣ, ଜୁମ୍ବା, ଅନ୍ୟାନ୍ୟ କ୍ରୀଡା ଅନୁଷ୍ଠିତ ହେବ ।ପୂର୍ବାହ୍ନ ୬ ଘଟିକାରୁ ୯ ଘଟିକା ଓ ଅପରାହ୍ନ ୪.୩୦ ରୁ ୮.୩୦ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ ବୋଲି ସାଇ ର ସହକାରୀ ନିର୍ଦ୍ଦେଶକ କରଣ ସାଦ୍‌ୱାନୀ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ପାଇଁ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ଚିକିତ୍ସା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ସ୍ୱଚ୍ଛତା ବ୍ୟବସ୍ଥା, ମୋବାଇଲ ଶୌଚାଳୟ ବ୍ୟବସ୍ଥା, କାର୍ଯ୍ୟକ୍ରମ ର ପ୍ରଚାର ପ୍ରସାର ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ସଂପୃକ୍ତ ବିଭାଗ ମାନେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା ।

# ଅଧିକାର ଏବଂ ପରିଚୟ ପାଇଁ ସଙ୍ଘର୍ଷରତ ଆୟୁଷ ସହାୟକ

ଭୁବନେଶ୍ୱର,୨୧ ।୩: ଆୟୁଷ ସହାୟକ ପଦବୀ ହେଉଛି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଅଧୀନସ୍ଥ ଆୟୁଷ ନିର୍ଦ୍ଦେଶାଳୟର ଏକ ତୃତୀୟ ଶ୍ରେଣୀ ସ୍ଥାୟୀ ବୈଷୟିକ ପଦବୀ । ଯାହାର ଶିକ୍ଷାଗତ ଯୋଗ୍ୟତା କେବଳ ଯୁକ୍ତ ୨ ବିଜ୍ଞାନ ଏବଂ ଓ ଏସ ଏସ ସି ପରୀକ୍ଷା ଉତ୍ତୀର୍ଣ୍ଣ ଚାକିରି ପରବର୍ତ୍ତୀ ୩ ମାସ ବାଧ୍ୟତାମୂଳକ ପ୍ରଶିକ୍ଷଣ ପ୍ରାବଧାନ । ବସ୍ତୁତଃ ଆୟୁଷ ସହାୟକ ପଦବୀ ଆୟୁଷ ଫାର୍ମାସିଷ୍ଟ ପଦବୀର ନବ ରୂପାନ୍ତର ଯାହା ରାଜ୍ୟର ସମସ୍ତ ୧୧୯୯ ଆୟୁଷ ଚିକିତ୍ସାଳୟରେ ସୃଜିତ । ଆୟୁଷର ମୌଳିକ ଔଷଧର ରକ୍ଷଣାବେକ୍ଷଣ , ପ୍ରସ୍ତୁତିକରଣ, ବିତରଣ ଏବଂ ହିସାବରକ୍ଷଣ କେବଳ ଆୟୁଷ ସହାୟକଙ୍କ ଉପରେ ନ୍ୟସ୍ତ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଓ ଅନୁମୋଦିତ ଆୟୁଷ ସହାୟକ ଚାକିରି ଦାୟିତ୍ୱାବଳିର ଏକ ପ୍ରମୁଖ ଅଂଶ ବିଶେଷ । ଏଥି ସହିତ ଆୟୁଷ ସହାୟକମାନେ ବାହ୍ୟ ରୋଗୀ



ପଞ୍ଜିକରଣ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ଆୟୁଷ କ୍ୟାମ୍ପରେ କର୍ମଦାନ ପର୍ଯ୍ୟନ୍ତ ଆୟୁଷ ଚିକିତ୍ସାଳୟର ୭୦ ଭାଗ କାମ କରିଥାନ୍ତି । ଏପରିକି ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଯେଉଁଠାରେ ଡାକ୍ତର ଏବଂ ଆଶା କର୍ମୀଙ୍କ ପାଇଁ ତାଲିମ ଓ ପ୍ରୋତ୍ସାହନ ରାଶିର ବ୍ୟବସ୍ଥା ରହିଛି ସେଠାରେ ଆୟୁଷ ସହାୟକମାନେ ବିନା ତାଲିମରେ ନିଶୁଳ୍କ ସେବା ପ୍ରଦାନ କରିଥାନ୍ତି । ନିକଟରେ ସମନ୍ୱିତ ଆୟୁଷ ଚିକିତ୍ସାଳୟରେ ମଧ୍ୟ ଆୟୁଷ ସହାୟକମାନଙ୍କୁ ଅଣଦେଖା କରାଯାଇ ଆୟୁଷ ଔଷଧ ଉପରେ ଶୂନ୍ୟ ଜ୍ଞାନ ଥିବା ଆଲୋପାଥି ଫାର୍ମାସିଷ୍ଟଙ୍କୁ ନିଯୁକ୍ତି ଦେବା ସରକାରଙ୍କ ଅବହେଳିତ ମନୋଭାବର ପ୍ରମାଣ । ବିଶାଳ ଏବଂ ବହୁମୁଖୀ ଦାୟିତ୍ୱାବଳି ସତ୍ତ୍ୱେ ଆୟୁଷ ସହାୟକମାନେ ଦୀର୍ଘ ୪୫ ବର୍ଷ ହେଲା ୧୮୦୦ ଜିପି ର ମୂଳ ବେତନ ସ୍ତର ଜଡ଼ିତ ଚତୁର୍ଥ ଶ୍ରେଣୀ ଦରମାରେ ଜର୍ଜରିତ । ଆୟୁଷ ସହାୟକମାନଙ୍କୁ ନିଜ ପରିଚୟରୁ ବଞ୍ଚିତ ରଖିବା ଏବଂ ନ୍ୟାର୍ଯ୍ୟ ଅଧିକାରରୁ ଦୂରେଇ ରଖିବା ନିଶ୍ଚୟ ଭାବରେ ପରିତାପର ବିଷୟ । ୨୮୦୦ ଜିପିର ମୂଳ ବେତନ ସ୍ତର ପାଇଁ ସଂଗ୍ରାମରତ ଆୟୁଷ ସହାୟକ ସରକାରଙ୍କୁ ନିଜର ଦାବି ପତ୍ର ଦେବା ସହିତ କଳା ବ୍ୟାଚ ପିନ୍ଧି ୧୫ ଦିନ ଯାଏଁ କର୍ତ୍ତବ୍ୟ କରିବା ସତ୍ତ୍ୱେ ସରକାରଙ୍କ ତରଫରୁ ସମାଧାନର କୌଣସି ଯୋଗସୂତ୍ର ନ ମିଳିବାରୁ ନିଖିଳ ଓଡ଼ିଶା ଆୟୁଷ ସହାୟକ କର୍ମଚାରୀ ସଂଘ ଅନିର୍ଦ୍ଦିଷ୍ଟ କାଳ ଯାଏଁ ସମ୍ପୂର୍ଣ୍ଣ ରୂପରେ ସମସ୍ତ ସରକାରୀ କାର୍ଯ୍ୟରେ ଅସହଯୋଗ କରିବାର ନିଷ୍ପତ୍ତି ଗ୍ରହଣ କରିଛି । ଯଦି ତଥାପି ସରକାର ସେମାନଙ୍କର ଦାବିକୁ ଆଲୋଚନା ପାଇଁ ଗ୍ରହଣ ନ କରନ୍ତି ତେବେ ଅନ୍ତିମ ବିକଳ୍ପ ଭାବରେ ଆୟୁଷ ସହାୟକ ସଂଘ ଆନ୍ଦୋଳନକୁ ଓହ୍ଲାଇବାର ଚରମ ନିଷ୍ପତ୍ତି ଗ୍ରହଣ କରିବ ।

# ବଜ୍ରପାତରେ ଚାରୋଟି ଗୋରୁ ମୃତ

ରାୟଗଡ଼ା୨୧/ ୩(ନି:ପ୍ର)ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ, ରେଙ୍ଗା ପଞ୍ଚାୟତ, ସେମିଲିଗୁଡା ଗ୍ରାମର ବାତ୍ରୀ ମାଝୀ, କୁମଦ ଚନ୍ଦ୍ର ମାଝୀ, ଲିଙ୍ଗନା ମାଝୀ ଓ଼ ମକ୍ଷଲକୀ ମାଝୀଙ୍କ ସମତେ ଜଣଙ୍କର ୪ ଗୋରୁକୁ ସକାଳେ କାଳ ବୈଶାଖୀ ବର୍ଷା ଘଡ ଘଡ଼ି ହେବା ଦ୍ୱାରା ସେମିଲିଗୁଡା ଗ୍ରାମର ତଳ ମଶାଣି ପଦା ପାଖରେ ଥିବା ପଣସ ଗଛ ଠାରେ ବଜ୍ରାଘାତ ହେବା ଫଳରେ ଚାରୋଟି ଗୋରୁଙ୍କ ମୃତ୍ୟୁ ହୋଇଛି । ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେଉଁମାନଙ୍କର ଗୋରୁ ମୃତ ହୋଇଛି ସେହି ପରିବାର କୁ ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ସରକାରୀ ସାହାୟତାରୁ ବଞ୍ଚିତ ଦିବ୍ୟାଙ୍ଗ ମହିଳା ଇନ୍ଦୁମତି !

ରାୟଗଡା,୨୧ ।୩ (ନିପ୍ର): ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଟିକିରି ଗ୍ରାମର ଦରା ସାହିରେ ବାସ କରୁଥିବା ଦିବ୍ୟାଙ୍ଗ ଅବିବାହିତ ମହିଳା ଇନ୍ଦୁମତି ଦୋରା (୫୩) ଆଜି ଦୁଃଖ ଓ ଦୁର୍ଦ୍ଦଶାର ଜୀବନ କାଟୁଛନ୍ତି । ସ୍ୱର୍ଗତ ଶ୍ୟାମ ଦୋରାଙ୍କ ଝିଅ ଇନ୍ଦୁମତି ପ୍ରାୟ ୫୦ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିବା ସତ୍ତ୍ୱେ ଜୀବନର ପ୍ରତିଟି ପଦକ୍ଷେପରେ ସଂଘର୍ଷ କରୁଛନ୍ତି । ସରକାରୀ ସହାୟତା ବୋଲି କହିଲେ ତାଙ୍କୁ ପ୍ରତିମାସ ୫ କେଜି ରାସନ ଚାଉଳ ଓ ୧,୦୦୦ ଟଙ୍କା ଦିବ୍ୟାଙ୍ଗ ଭତ୍ତା ମିଳୁଥିବା ବେଳେ ଏହା ତାଙ୍କ ଦୁର୍ଦ୍ଦଶାକୁ କେବଳ ନାମମାତ୍ର ସାହାରା ଦେଉଛି । ଦୀର୍ଘ ଏକ ବର୍ଷ ଧରି ସେ ପରିସ୍ରା ଓ ଝାଡା ବନ୍ଦ ଭଳି ଗୁରୁତର ରୋଗରେ ପୀଡ଼ିତ ହୋଇ ସଂଘର୍ଷ କରୁଛନ୍ତି । ପ୍ରଥମେ ଉଷାପଡାର ଉତ୍କଳ ହସ୍ପିଟାଲ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇଥିଲେ । ଅର୍ଥ ଅଭାବରୁ ଚିକିତ୍ସାରେ ଲାଗିଛି ବିରାମ ।ବର୍ତ୍ତମାନ ସେ ପରିସ୍ରା ପାଇଁ ପ୍ଲାଷ୍ଟିକ ପାଇପ ଓ ଥଳିରେ ନିର୍ଭର କରୁଛନ୍ତି । ଶରୀରର ଅସୁବିଧା ସତ୍ତ୍ୱେ ଏକ ବାଡ଼ିର ସାହାରାରେ ଚାଲିବା ସହ ଘରୋଇ କାମ ପାଇଁ ପାଣି ଆଣିବାରୁ ଆରମ୍ଭ କରି ରୋଷେଇ ପର୍ଯ୍ୟନ୍ତ ସବୁ କାମ ନିଜେ କରୁଛନ୍ତି । ବାପା-ମାଆଙ୍କ ମୃତ୍ୟୁ ପରେ ଏକାକୀ ଜୀବନ ଜୀଇଁ ଆସୁଥିବା ଇନ୍ଦୁମତି ପାଇଁ କେହି ସାହାରା ନାହିଁ । ସେ ରହୁଥିବା ଘରଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଘରର ଝିଙ୍କର ଭଙ୍ଗା ଥିବାରୁ ଦିନରେ ଖରା ଓ ରାତିରେ ତାରା ଦେଖାଯାଏ । ବର୍ଷା ହେଲେ ଚାଳରୁ ପାଣି ଗଳି ଘରଭିତରକୁ ପଡ଼େ । ତଳିଆ ଅବସ୍ଥାରୁ ଘର ରହିଥିବାରୁ ଡ୍ରେନ୍ ପାଣି ମଧ୍ୟ ଘରକୁ ପଶିଆସୁଛି । ଏହି ସମସ୍ୟା ସମ୍ପର୍କରେ ସେ ବହୁବାର ଜିଲ୍ଲାପାଳ ଓ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସଫଳତା ମିଳିନାହିଁ । ବ୍ଲକର ଅନ୍ୟ ଦିବ୍ୟାଙ୍ଗମାନେ ପ୍ରଧାନମନ୍ତ୍ରୀ ଆବାସ ଘର ପାଇଥିବା ସତ୍ତ୍ୱେ ଇନ୍ଦୁମତିଙ୍କୁ ଏହା ଏଯାଏଁ ନମିଳିବା ଦୁଃଖଦ ଓ ଦୁର୍ଭାଗ୍ୟଜନକ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏବେ ପ୍ରଶ୍ନ ଉଠୁଛି ସରକାର ଏହି ଦିବ୍ୟାଙ୍ଗ ମହିଳାଙ୍କ ଦୁଃଖ କେବେ ଦୂର କରିବେ ବୋଲି ।କେବେ ତାଙ୍କୁ ଏକ ସୁରକ୍ଷିତ ଛାତ ଓ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇ ଦେବେ ? ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଜିଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି ।

# ପ୍ରାଥମିକ ବିଦ୍ୟାଳୟରେ ୬୪ ତମ ବାର୍ଷିକ ଉତ୍ସବ

ରେଢ଼ାଖୋଲ ୨୧ ।୦୩(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଅନ୍ତର୍ଗତ କୁକୁଡାବାହାଳି ପଞ୍ଚାୟତ ଅଧୀନ ଶିଶୁପର୍ଣ୍ଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬୪ ତମ ବାର୍ଷିକ ଉତ୍ସବ ପାଳନ ସହିତ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା କରାଯାଇଥିଲା । ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ହରିହର ପ୍ରଧାନ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଏହି ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ କାଲୁ ସ୍ୱାଇଁ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କ ସର୍ବାଙ୍ଗୀନ ବିକାଶରେ ଶିକ୍ଷା ଓ ଶିକ୍ଷକମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବରେ କୁକୁଡ଼ାବାହାଳି ପଞ୍ଚାୟତ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ତଥା ସମସ୍ତ ଅଭିଭାବକ ମାନେ ଯୋଗଦେଇ ବିଦ୍ୟାଳୟ ଶିକ୍ଷା ଓ ଛାତ୍ର ଜୀବନ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଥମତଃ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଇରାନ ରାଷ୍ଟ୍ରପତିଙ୍କ ସହିତ ଫୋନରେ କଥା ହେଲେ ମୋଦି



ନୂଆଦିଲ୍ଲୀ, ୨୧।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍‌ଙ୍କ ସହିତ କଥାବାର୍ତ୍ତା କରିଛନ୍ତି। ମୋଦି ପେଜେସ୍କିଆନଙ୍କୁ ଇଦ୍ ଓ ନୈରଜ୍ ପାଇଁ ଶୁଭେଚ୍ଛା ଜଣାଇବା ସହିତ ପଶ୍ଚିମ ଏସିଆ ସ୍ଥିତି ଉପରେ କଥାବାର୍ତ୍ତା କରିଥିଲେ। ମୋଦି ପଶ୍ଚିମ ଏସିଆର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଆକ୍ରମଣକୁ ନିନ୍ଦା କରିଛନ୍ତି। ଭିତ୍ତିଭୂମି ଉପରେ ଆକ୍ରମଣ ଆଞ୍ଚଳିକ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରିବା ସହିତ ବିଶ୍ୱ ଯୋଗାଣ ଶୃଙ୍ଖଳ ପ୍ରତି ବାଧା ସୃଷ୍ଟି କରିବ ବୋଲି ମୋଦି କହିଥିଲେ। ଜାହାଜ ଚଳାଚଳ ମାର୍ଗ ଉନ୍ମୁକ୍ତ ଓ ସୁରକ୍ଷିତ ରହିବା ଉପରେ ମୋଦି ଗୁରୁତ୍ୱ ଦେଇଥିଲେ। ଫେବ୍ରୁଆରି ୨୮ରେ ପଶ୍ଚିମ ଏସିଆରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇରାନ ରାଷ୍ଟ୍ରପତିଙ୍କ ସହିତ ଏହା ମୋଦିଙ୍କ ଦ୍ୱିତୀୟ ଟେଲିଫୋନ୍ ବାର୍ତ୍ତାଳାପ। ଏହାପୂର୍ବରୁ ଚଳିତ ମାସ ମୋଦି ପେଜେସ୍କିଆନଙ୍କ ସହିତ କଥାବାର୍ତ୍ତା କରି ଯୁଦ୍ଧ ଓ ଉତ୍ତେଜନା ବୃଦ୍ଧିକୁ ନେଇ ଉଦବେଗ ପ୍ରକାଶ କରିବା ସହିତ ଭାରତୀୟ ନାଗରିକଙ୍କ ସୁରକ୍ଷା ଓ ସୁରୁଖୁରୁରେ ଭାରତର ସାମଗ୍ରୀ ଓ ଶକ୍ତି ପରିବହନ ଜାରି ରହିବା ଉପରେ ଗୁରୁତ୍ୱ ଦେଇଥିଲେ।

## ଦକ୍ଷିଣ କୋରିଆରେ ଅଗ୍ନିକାଣ୍ଡ: ଜଳିଗଲେ ୧୦ ଶ୍ରମିକ

ନୂଆଦିଲ୍ଲୀ, ୨୧।୩: ଦକ୍ଷିଣ କୋରିଆର ମଧ୍ୟଭାଗରେ ଥିବା ଦେଜେଓନ୍ ସହରର ଏକ ଅଟୋ ପାର୍ଟସ୍ ଫ୍ୟାକ୍ଟ୍ରିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଗତକାଲି ଘଟିଥିବା ଭୟଙ୍କର ବିସ୍ଫୋରଣ ଓ ଅଗ୍ନିକାଣ୍ଡରେ ପାଖାପାଖି ୧୦ ଜଣଙ୍କର ମୃତ୍ୟୁ ଘଟିଛି । ଶନିବାର ଦିନ ଉଦ୍ଧାରକାରୀ ଦଳ ଜଳିଯାଇଥିବା ମାଂସପିଣ୍ଡୁଳା ଓ ଭଙ୍ଗା ମାଟିତଳୁ ମୃତଦେହଗୁଡ଼ିକୁ ଉଦ୍ଧାର କରିଛନ୍ତି । ଏହି ଦୁର୍ଘଟଣାରେ ଅନ୍ୟ ୫୯ ଜଣ ଆହତ ହୋଇଥିବା ବେଳେ ଏବେ ମଧ୍ୟ ୪ ଜଣ ଶ୍ରମିକ ନିଖୋଜ ଅଛନ୍ତି । ଫାୟାର ଚିଫ୍ ନାମ ଡ୍ୟୁକ-ଓ୍ୱୁଙ୍କ ସୂଚନା ଅନୁଯାୟୀ, ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ପ୍ରଥମେ ଅଗ୍ନିଶମବାହିନୀ ଭିତରକୁ ପ୍ରବେଶ କରିପାରିନଥିଲେ । ପରବର୍ତ୍ତୀ ସମୟରେ ଖୋଜାଖୋଜି ବେଳେ ଜଣେ ଶ୍ରମିକଙ୍କ ମୃତଦେହ ଦ୍ୱିତୀୟ ମହଲାରୁ ମିଳିଥିବା ବେଳେ ଅନ୍ୟ ୯ ଜଣଙ୍କ ଶବ ତୃତୀୟ ମହଲାରେ ଥିବା ଏକ ଜିମ୍ ଭିତରୁ ମିଳିଛି । ମୃତକଙ୍କ ମଧ୍ୟରୁ କେବଳ ଜଣଙ୍କୁ ଚିହ୍ନଟ କରାଯାଇଛି, ଅନ୍ୟମାନଙ୍କ ପାଇଁ ଡିଏନ୍‌ଏ ଟେଷ୍ଟିଂ କରାଯାଉଛି । ଦକ୍ଷିଣ କୋରିଆ ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଆହତ ୫୯ ଜଣଙ୍କ ମଧ୍ୟରୁ ୨୫ ଜଣଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି । ସେମାନଙ୍କ ମଧ୍ୟରୁ କେତେକ ପ୍ରାଣ ହରାଇବାର ଆଶଙ୍କା ମଧ୍ୟ ରହିଛି ।

## ୟୁଏଇକୁ ୭୦୦ କୋଟି ଡଲାରର ଅସ୍ତ୍ରଶସ୍ତ୍ର ଦେବ ଆମେରିକା

ୱାଶିଂଟନ, ୨୧।୩: ଯୁକ୍ତରାଷ୍ଟ୍ର ଆମେରିକା ଏହାର ସହଯୋଗୀ ରାଷ୍ଟ୍ର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ୭୦୦ କୋଟି ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ଯୋଗାଇ ଦେବାକୁ ଅନୁମୋଦନ କରିଛି। ଏହା ପୂର୍ବରୁ ଗୁରୁବାର ପଶ୍ଚିମ ଏସିଆର ୩ଟି ରାଷ୍ଟ୍ରକୁ ଆମେରିକା ୧୬୫୦ କୋଟି ଡଲାରର ଅସ୍ତ୍ରଶସ୍ତ୍ର ଯୋଗାଇ ଦେବାକୁ ଅନୁମୋଦନ କରିଥିଲା। ମାତ୍ର ୟୁଏଇ ପାଇଁ ଆମେରିକା ଅତିରିକ୍ତ ୭୦୦ କୋଟି ଡଲାରର ଅସ୍ତ୍ରଶସ୍ତ୍ର ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛି। ୟୁଏଇକୁ ଯୋଗାଇ ଦିଆଯିବାକୁ ଥିବା ଅସ୍ତ୍ରଶସ୍ତ୍ର ମଧ୍ୟରେ ରହିଛି ପାଟ୍ରିଅଟ୍ ପିଏସି-୩ କ୍ଷେପଣାସ୍ତ୍ର। ଯାହାର ମୂଲ୍ୟ ୫୬୦ କୋଟି ଡଲାର। ଏହା ଆକାଶରୁ ଆସୁଥିବା ଶତ୍ରୁ ମିସାଇଲକୁ ଧ୍ୱଂସ କରିବାରେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ବ୍ୟବସ୍ଥା। ଏହା ସହିତ ୧୩୨ କୋଟି ଡଲାର ମୂଲ୍ୟର ଚିକୁନ ହେଲିକପ୍ଟର। ଏହି ହେଲିକପ୍ଟରଗୁଡ଼ିକ ସାମରିକ ସାମଗ୍ରୀ ଓ ସୈନ୍ୟ ପରିବହନ ପାଇଁ ବ୍ୟବହୃତ ହେବ। ଆମେରିକା ଚଳାଇଥିବା ଯୁଦ୍ଧର ପ୍ରତିଶୋଧ ନେବା ଲାଗି ଇରାନ ଏବେ ୟୁଏଇକୁ ଟାର୍ଗେଟ କରିବାରେ ଲାଗିଛି।

## ଖାତରେ ପଡ଼ି ୮ ବର୍ଷର ବାଳକର ମୃତ୍ୟୁ

ନୂଆଦିଲ୍ଲୀ, ୨୧।୩: ମୁମ୍ବାଇର ମଲାଡ ଅଞ୍ଚଳରେ ବସ୍ତି ପୁନର୍ବାସ ପ୍ରାଧିକରଣ (ଏସ୍‌ଆରଏ)ର ନିର୍ମାଣାଧୀନ କାର୍ଯ୍ୟସ୍ଥଳରେ ରହିଥିବା ପାଣି ଭର୍ତ୍ତି ଖାତରେ ପଡ଼ି ଜଣେ ୮ ବର୍ଷର ଶିଶୁର ମୃତ୍ୟୁ ହୋଇଛି। ଖାତରେ ପଡ଼ିଯାଇଥିବା ଏକ ବଲ୍ ଆଣିବାକୁ ଚେଷ୍ଟା କରୁଥିବା ସମୟରେ ପିଲାଟି ଖସି ପଡ଼ିଥିଲା। ବିଲ୍ଡରଙ୍କ ଅବହେଳା ଯୋଗୁ ଖାତଟି ବିପଜ୍ଜନକ ଅବସ୍ଥାରେ ଖୋଲା ରହିଥିଲା । ଫଳରେ ପିଲାଟି ଖସି ପଡ଼ିଥିଲା ବୋଲି କହି ସ୍ଥାନୀୟ ଲୋକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମୃତ ଶିଶୁ ଦିବ୍ୟାଂଶ ମୌର୍ଯ୍ୟ ଦ୍ୱିତୀୟ ଶ୍ରେଣୀରେ ପଢୁଥିବାବେଳେ ନିକଟରେ ତାଙ୍କ ପରିବାର ରହୁଥିଲେ। ଦିବ୍ୟାଂଶଙ୍କ ବାପା ରାଜେଶ ମୌର୍ଯ୍ୟ କରୁର୍ ମେଟ୍ରୋ ଷ୍ଟେସନ ନିକଟରେ ଏକ ଷ୍ଟୋର ଚଳାଉଥିଲେ। ଦିବ୍ୟାଂଶ ଗୁରୁବାର ନିଖୋଜ ହୋଇଯାଇଥିଲେ। ପରିବାର ଓ ପଡ଼ୋଶୀ ତାଙ୍କୁ ବହୁ ଖୋଜାଖୋଜି କରି ନପାଇବାରୁ ପୁଲିସରେ ଖବର ଦେଇଥିଲେ । ତେବେ ଶୁକ୍ରବାର ମଧ୍ୟରାତ୍ରି ୩ଟା ବେଳେ ଦିବ୍ୟାଂଶଙ୍କୁ ଖାତରୁ ଉଦ୍ଧାର କରି କାଣ୍ଡିଭଲ୍ଲିର ଏକ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ବିଏନ୍‌ଏସ୍ ଧାରା ୧୦୬ (୧)ରେ ଏମ୍/ଏସ୍ ମୈଲି ସାଇ ଡେଭଲପର୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର ସାଇଟ୍ ଇଞ୍ଜିନିୟର ଏବଂ ଠିକାଦାରଙ୍କ ବିରୋଧରେ ଅବହେଳା ଯୋଗୁଁ ମୃତ୍ୟୁ ଘଟାଇବା ନେଇ ଏତଲା ରୁଜୁ କରିଛି। ତେବେ ମୃତ ଶିଶୁଙ୍କ ପରିବାର ପକ୍ଷରୁ ବିଲ୍ଡର ସୁନିଲ ବରାଡକରଙ୍କ ବିରୋଧରେ ଏତଲା ରୁଜୁ କରିବାକୁ କୁହାଯାଇଛି।

# ମୋବାଇଲ ଫୋନ୍‌ଧାରୀ ମୁକ୍ତ ବିଚାର ପାଇଁ ବିପଦ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୧।୩: ସୁପ୍ରିମକୋର୍ଟ ପୁଲିସ ଦ୍ୱାରା ଅଭିଯୁକ୍ତ ବ୍ୟକ୍ତିଙ୍କ ଫଟୋକୁ ସେମାନଙ୍କ ସରକାରୀ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ପୋଷ୍ଟ କରିବା ଉପରେ ମାର୍ଗଦର୍ଶିକା ଜାରି ପାଇଁ ଏକ ଆବେଦନର ସମାଧାନ କରିଛନ୍ତି। କୋର୍ଟ ଉଲ୍ଲେଖ କରିଛନ୍ତି ଯେ, ସାମ୍ପ୍ରତିକ ଅନ୍ୟ ଏକ ପିୟୁସିଏଲ ମାମଲାରେ, ପୁଲିସ ଦ୍ୱାରା ଗଣମାଧ୍ୟମ ବ୍ରିଫିଂ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଜାରି କରାଯାଇଥିଲା। କୋର୍ଟ କହିଛନ୍ତି ଯେ, ସେହି ମାର୍ଗଦର୍ଶିକା ସୋସିଆଲ ମିଡିଆ ପୋଷ୍ଟିଂକୁ ମଧ୍ୟ କଭର କରିପାରିବ। ତେଣୁ କୋର୍ଟ ପରାମର୍ଶ ଦେଇଛନ୍ତି ଯେ, ଆବେଦନକାରୀ ନିର୍ଦ୍ଦେଶାବଳୀର ଫଳାଫଳକୁ ଅପେକ୍ଷା କରନ୍ତୁ। ସୁପ୍ରିମକୋର୍ଟ ମାମଲାର ଶୁଣାଣିବେଳେ ମୋବାଇଲ ଫୋନକୁ ମୁକ୍ତ ବିଚାର କ୍ଷେତ୍ରରେ ବିପଦ ବୋଲି କହିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ଶୁକ୍ରବାର ଏହି ମାମଲାର ବିଚାର କରି ଗମ୍ଭୀର ଚିନ୍ତା ପ୍ରକଟ କରି କହିଥିଲେ ଯେ, ଯେଉଁ ଲୋକ ହାତରେ ଏବେ ମୋବାଇଲ ଫୋନ୍ ଅଛି ସେ ଗଣମାଧ୍ୟମ ପରି ସଙ୍ଗେ ସଙ୍ଗେ ଭିଡିଓ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଅପଲୋଡ କରିଦେଉଛନ୍ତି, ଏପରି କାର୍ଯ୍ୟକଳାପ ଅଭିଯୁକ୍ତଙ୍କ ନିରପେକ୍ଷ ବିଚାର ପାଇଁ ଗୁରୁତର ବିପଦ ସୃଷ୍ଟି କରୁଛି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଜନସ୍ୱାର୍ଥ ମାମଲାର ବିଚାର କରି ଏହି ରାୟ ଦେଇଛନ୍ତି। ଜନସ୍ୱାର୍ଥ ମାମଲାରେ ଅଭିଯୋଗ ହୋଇଥିଲା ଯେ, ପୁଲିସ ଗିରଫ ଅଭିଯୁକ୍ତଙ୍କ ଭିଡିଓ ଓ ଫଟୋ ନିଜ ସାମାଜିକ ଗଣମାଧ୍ୟମ ହ୍ୟାଣ୍ଡେଲରେ ଅପଲୋଡ କରୁଛି, ଯଦ୍ୱାରା ଲୋକଙ୍କ ମନରେ ପୂର୍ବାଗ୍ରହ ସୃଷ୍ଟି ହୋଇଥାଏ। ପରେ ପ୍ରମାଣ ଅଭାବରୁ ଦୋଷମୁକ୍ତ ହେଲେ ନ୍ୟାୟପାଳିକାକୁ ଦୋଷାରୋପ କରାଯାଇଥାଏ। ଖଣ୍ଡପୀଠ ବରିଷ୍ଠ ଓକିଲ ଗୋପାଳ ଶଙ୍କରନାରାୟଣନଙ୍କ କଥାରେ ସହମତି ପ୍ରକାଶ କରିଥିଲା ଯେ, ମୋବାଇଲ ରଖୁଥିବା ପ୍ରତ୍ୟେକ ବ୍ୟକ୍ତି ଗଣମାଧ୍ୟମ ହୋଇଯାଇଛି। କୌଣସି ଦୁର୍ଘଟଣା ଘଟିଲେ ଲୋକଟି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିବାବେଳେ ଅନ୍ୟମାନେ ମୋବାଇଲ ଫୋନ ବାହାର କରି ଭିଡିଓ କରୁଛନ୍ତି। ଜଷ୍ଟିସ ବାଗଚୀ ଆବେଦନକାରୀଙ୍କୁ କହିଥିଲେ ଯେ, ପୁଲିସ ସାମାଜିକ ଗଣମାଧ୍ୟମ ହ୍ୟାଣ୍ଡେଲରେ ସୂଚନା ଦେବା ଅପେକ୍ଷା ପାରମ୍ପରିକ ଓ ସାମାଜିକ ଗଣମାଧ୍ୟମ ପାଇଁ ଏକ ବ୍ୟାପକ ବ୍ୟବସ୍ଥା ଖୋଜିବା ଉଚିତ୍। ଜଷ୍ଟିସ୍ ବାଗଚି ବରିଷ୍ଠ ଓକିଲ ଶଙ୍କରନାରାୟଣନଙ୍କୁ କହିଥିଲେ ଯେ, ପୁଲିସକୁ ମିଡିଆ ବ୍ରିଫିଂ ଉପରେ ମାର୍ଗଦର୍ଶିକା (ଏସ୍‌ଓପି) ପ୍ରସ୍ତୁତ କରିବାକୁ ତିନି ମାସ ସମୟ ଦିଆଯାଇଛି। ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି ଯେ, ଯେହେତୁ ନିରପେକ୍ଷ ବିଚାର ପ୍ରସଙ୍ଗ ପାଇଁ ଏକ ବ୍ୟାପକ ଆଭିମୁଖ୍ୟ ଆବଶ୍ୟକ, ତେଣୁ ଏପ୍ରିଲ ପରେ ପୁଲିସ ପାଇଁ ନିର୍ଦ୍ଦେଶାବଳୀ କିମ୍ବା ଏସ୍‌ଓପି କାର୍ଯ୍ୟକାରୀ ହେବା ପରେ ଆବେଦନ ପୁନଃଦାଖଲ କରାଯିବା ଭଲ ହେବ। କୋର୍ଟଙ୍କ ପରାମର୍ଶ ପରେ ଶଙ୍କରନାରାୟଣନ୍ ତାଙ୍କ ଆବେଦନ ପ୍ରତ୍ୟାହାର କରିନେଇଥିଲେ।

## ପାକ୍ ସେନାମୁଖ୍ୟଙ୍କ ବିରୋଧରେ ବିଦ୍ରୋହ
# ସିଆ ଧର୍ମଗୁରୁଙ୍କୁ ଅପମାନ ପରେ ଦେଶରେ ଉତ୍ତେଜନା



ନୂଆଦିଲ୍ଲୀ, ୨୧।୩ : ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ପାକିସ୍ତାନର ଆଭ୍ୟନ୍ତରୀଣ ସ୍ଥିତି ବିଗିଡ଼ିବାରେ ଲାଗିଛି, ସେନାମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ ବିରୋଧରେ ଦେଶର ସିଆ ସମ୍ପ୍ରଦାୟ ଏକ ବଡ଼ ଧରଣର ମୋର୍ଚ୍ଚା ଖୋଲିଛନ୍ତି । ଗତ ମାର୍ଚ୍ଚ ୧୯ ତାରିଖରେ ଆୟୋଜିତ ଏକ ହାଇ-ପ୍ରୋଫାଇଲ୍ ଇଫତାର ପାର୍ଟି ସମୟରେ ଜେନେରାଲ ମୁନିର ଶୀର୍ଷ ସିଆ ଧର୍ମଗୁରୁମାନଙ୍କୁ ସର୍ବସାଧାରଣରେ ଅପମାନିତ କରିବା ସହ ସେମାନଙ୍କୁ 'ଇରାନର ବିଶ୍ୱସ୍ତ' ଓ 'ପାକିସ୍ତାନ ବିରୋଧୀ' ବୋଲି କହିବା ପରେ ସମଗ୍ର ଦେଶରେ ଅସନ୍ତୋଷ ଦେଖିବାକୁ ମିଳିଛି । ଏକ ରିପୋର୍ଟ ଅନୁଯାୟୀ, ସେନାମୁଖ୍ୟ ପ୍ରାୟ ଏକ ଘଣ୍ଟା ଧରି ସିଆ ନେତାମାନଙ୍କୁ ଭର୍ତ୍ସନା କରିଥିଲେ ଏବଂ ସେମାନଙ୍କୁ କୌଣସି ପକ୍ଷ ରଖିବାକୁ ସୁଯୋଗ ନଦେଇ 'ଯଦି ଇରାନକୁ ଏତେ ଭଲ ପାଉଛ, ତେବେ ସେଠାକୁ ଚାଲିଯାଅ' ବୋଲି କହି ଦେଶର ଏହି ବଡ଼ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଗଭୀର ଆଘାତ ଦେଇଛନ୍ତି । ଇଫତାର ପାର୍ଟିରେ ଉପସ୍ଥିତ ଧର୍ମଗୁରୁ ମହମ୍ମଦ ଶିଫାନ ଜାଫି ଓ ହସନୈନ ଆବାସ ଗରଦେଜି ଅଭିଯୋଗ କରିଛନ୍ତି ଯେ, ଜେନେରାଲ ମୁନିରଙ୍କ ସ୍ୱର ଓ ଶବ୍ଦ ଅତ୍ୟନ୍ତ ଅବମାନଜନକ ଥିଲା । ସେନାମୁଖ୍ୟ ସିଆ ମୁସଲମାନମାନଙ୍କୁ ପାକିସ୍ତାନ ସହିତ ବିଶ୍ୱାସଘାତକତା କରୁଥିବାର ଦୋଷାରୋପ କରିଥିଲେ। କାର୍ଯ୍ୟକ୍ରମ ପରେ ସେମାନଙ୍କୁ ଆଉ ଏକ ଆଲୋଚନା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ, ଅସୀମ ମୁନିର ସେମାନଙ୍କୁ ସମୟ ନଦେଇ ଚାଲିଯାଇଥିଲେ । ଏହି ଘଟଣା ପରେ ସିଆ ସମ୍ପ୍ରଦାୟ ନିଜକୁ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ଅନୁଭବ କରୁଛନ୍ତି ଏବଂ ସେନାର ଏହି ଏକଛତ୍ରବାଦୀ ନୀତିକୁ ନିନ୍ଦା କରିଛନ୍ତି, ଏବଂ ଅସୀମ ମୁନିରଙ୍କୁ କଡ଼ା ଜବାବ ଦେଇ ସିଆ ନେତାମାନେ କହିଛନ୍ତି ଯେ, ପାକିସ୍ତାନ ସୃଷ୍ଟିରେ ସେମାନଙ୍କର ଅବଦାନ ଅତୁଳନୀୟ। ଦେଶର ପ୍ରତିଷ୍ଠାତା ମହମ୍ମଦ ଅଲି ଜିନ୍ନା ନିଜେ ଜଣେ ସିଆ ଥିଲେ ଏବଂ ସ୍ୱାଧୀନତା ସଂଗ୍ରାମ ସମୟରେ ଏହି ସମ୍ପ୍ରଦାୟ ଆର୍ଥିକ ସମ୍ବଳ ଯୋଗାଇଥିଲା। ମକ୍କା, ମଦିନା ଓ ଇରାନ-ଇରାକର ପବିତ୍ର ସ୍ଥଳ ସହ ସେମାନଙ୍କର ଶତାବ୍ଦୀ ପୁରୁଣା ଧାର୍ମିକ ସଂଯୋଗ ରହିଛି, ଯାହାକୁ ସେନାମୁଖ୍ୟ 'ଦେଶ ବିରୋଧୀ' ବୋଲି କହିବା ସମ୍ପୂର୍ଣ୍ଣ ଭୁଲ ।

## ସର୍ବକାଳୀନ ନିମ୍ନ ସ୍ତରକୁ ଖସିଲା ଡଲାର



ନୂଆଦିଲ୍ଲୀ, ୨୧।୩: ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ମଧ୍ୟରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଏହାର ସର୍ବକାଳୀନ ନିମ୍ନ ସ୍ତରକୁ ଖସିଆସିଛି। ମୁଦ୍ରା ବିନିମୟ ବଜାର ଖୋଲିବାର କିଛି ସମୟ ପରେ ଏକ ଡଲାର ମୂଲ୍ୟ ୯୩ ଟଙ୍କାରୁ ଅଧିକ ହୋଇଯାଇଥିଲା। କାରବାର ଶେଷ ବେଳକୁ ତାହା ୯୩ ଟଙ୍କା ୭୧ ପଇସା ହୋଇଥିଲା। ଗୋଟିଏ ଦିନରେ ଡଲାର ଦାମ୍ ୮୨ ପଇସା ବଢ଼ିଛି। ବିଶେଷ କରି ଇରାନ ବନାମ ଇସ୍ରାଏଲରେ -ଆମେରିକା ଯୁଦ୍ଧ ସମୁଦ୍ରପଥରେ ତୈଳ ଓ ଗ୍ୟାସ୍ ପରିବହନକୁ ପ୍ରଭାବିତ କରିଥିବାରୁ ବିଶ୍ୱର ଏକ ପ୍ରମୁଖ ଅର୍ଥନୀତି ଭାବେ ବିବେଚିତ ହେଉଥିବା ଭାରତ ପ୍ରତି ବଡ଼ ବିପଦ ସୃଷ୍ଟି ହୋଇଛି। ଗତ ବୁଧବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୨ ଟଙ୍କା ୬୩ ପଇସା ଥିଲା। ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଡଲାର ତୁଳନାରେ ଟଙ୍କା ୨ ପ୍ରତିଶତରୁ ଅଧିକ ଦୁର୍ବଳ ହୋଇଛି । ଅଧିକ ଦିନ ଯୁଦ୍ଧ ଲାଗି ରହିଲେ ଅଶୋଧିତ ତୈଳ ଦର ଓ ମୁଦ୍ରାସ୍ଫୀତି ବଢ଼ିବା ଓ ଦେଶର ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଇବା ଆଶଙ୍କା ସୃଷ୍ଟି ହୋଇଛି। ତେଲ ଦର ବଢୁଥିବାରୁ ବିଦେଶୀ ନିବେଶକମାନେ ଭାରତୀୟ ଇକ୍ୱିଟି ବଜାରରୁ ୮୦୦ କୋଟି ଡଲାର ପ୍ରତ୍ୟାହାର କରିଛନ୍ତି। ଯୁଦ୍ଧ ଶେଷ ହେବାର କୌଣସି ସମ୍ଭାବନା ଦେଖାଯାଉ ନ ଥିବାରୁ ଭବିଷ୍ୟତରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୫ ଟଙ୍କା ସ୍ତର ଅତିକ୍ରମ କରିବା ଆଶଙ୍କା କରାଯାଉଛି। ଗତକାଲି ଅଶୋଧିତ ତୈଳ ଦର ୧୨୦ ଡଲାର ପାଖାପାଖି ବୃଦ୍ଧି ପାଇଥିଲା। ଆଜି ସେଥିରେ ସୁଧାର ଘଟିଛି । ତେଲ ଦର ପୁଣି ଥରେ ୧୦୦ ଡଲାର ପାଖାପାଖି ହ୍ରାସ ପାଇଛି ।

## ଆସାମ ବିଧାନସଭା ନିର୍ବାଚନ
## ଟିଏମସିର ୧୭ ଜଣିଆ ପ୍ରଥମ ପ୍ରାର୍ଥୀ ତାଲିକା

ନୂଆଦିଲ୍ଲୀ, ୨୧।୩ : ଆସାମ ବିଧାନସଭା ନିର୍ବାଚନର ତାରିଖ ଘୋଷଣା କରାଯାଇଛି । ନିର୍ବାଚନ ଗୋଟିଏ ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ଏହାରି ଭିତରେ ରାଜନୈତିକ ଦଳ ସେମାନଙ୍କ ପ୍ରସ୍ତୁତି ଜୋରଦାର କରିଛନ୍ତି । ନିର୍ବାଚନ ପୂର୍ବରୁ ରାଜନୈତିକ କାର୍ଯ୍ୟକଳାପ ତୀବ୍ର ହୋଇଛି । ଅଖିଳ ଭାରତୀୟ ତୃଣମୂଳ କଂଗ୍ରେସ ଆସାମ ବିଧାନସଭା ନିର୍ବାଚନ ପାଇଁ ୧୭ ଜଣିଆ ପ୍ରଥମ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଏହି ତାଲିକାରେ ୧୭ ଜଣ ପ୍ରାର୍ଥୀଙ୍କ ନାମ ରହିଛି ଯେଉଁମାନେ ଆସାମରେ ବିଭିନ୍ନ ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ଆସାମରେ ବିଜେପି ଏବଂ କଂଗ୍ରେସ ସହିତ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା କରିବ ଟିଏମସି ।ଏହି ପ୍ରାର୍ଥୀମାନଙ୍କ ନାମ ଘୋଷଣା- ଟିଏମସି ଦ୍ୱାରା ପ୍ରକାଶିତ ପ୍ରାର୍ଥୀଙ୍କ ତାଲିକାରେ ସମୁଦାୟ ୧୭ଟି ନାମ ଅଛି । ତେବେ ଆସାମରେ ସରକାରଙ୍କ କାର୍ଯ୍ୟକାଳ ୨୦ ମଇ ୨୦୨୬ରେ ଶେଷ ହେବ । ନିର୍ବାଚନ କମିଶନ ଆସାମରେ ନିର୍ବାଚନ ନେଇ ଘୋଷଣା କରିଛନ୍ତି । ଆସାମରେ ବିଧାନସଭା ନିର୍ବାଚନ ସହିତ ଜଡିତ ତାରିଖ ମଧ୍ୟ ଘୋଷଣା କରାଯାଇଛି ।

## ପାଣି ସୁଅରେ ଭାସିଗଲେ ୫ ସାଙ୍ଗ

ଆନ୍ଧ୍ର ୨୧।୩ : କଲେଜ ଛୁଟି ହେଲା । ଏକାଠି ସାଙ୍ଗ ହୋଇ ୭ ଜଣ ବୁଲିବାକୁ ଯାଇଥିଲେ । ନଦୀ କୂଳରେ ବୁଲିବା ହେଲା ସମସ୍ତଙ୍କ ପାଇଁ କାଳ। ନଦୀ କୂଳରେ ବୁଡ଼ିଲା ସମୟରେ ହଠାତ୍ ଖସିଗଲା ଗୋଡ଼ । ପାଞ୍ଚ ଜଣ ଛାତ୍ର ନଦୀର ଗଭୀର ସ୍ରୋତରେ ଭାସିଯାଇଥିଲେ । ଯାହାକୁ ଦେଖି ସ୍ଥାନୀୟ ଲୋକ ତୁରନ୍ତ ଉଦ୍ଧାରକାରୀ ଦଳକୁ ଖବର ଦେଇଥିଲେ । ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଆରମ୍ଭ କରିଥିଲେ ସର୍ଚ୍ଚ ଅପରେସନ । ହେଲେ ସେତେବେଳକୁ ହୋଇସାରିଥିଲା ବହୁ ବିଳମ୍ବ । ଖବର ଅନୁଯାୟୀ, ଆନ୍ଧ୍ର ଅମରାବତୀ ସ୍ଥିତ ଏସଆରଏମ କଲେଜର ୫ଜଣ ଛାତ୍ର । ଭଦ୍ରାଞ୍ଚଳମରେ ଥିବା ନିଜ ସାଙ୍ଗ ଶ୍ରୀକରଙ୍କ ଘରକୁ ଉଗାଡି ଉତ୍ସବ ପାଳନ ନିମନ୍ତେ ଆସିଥିଲେ।

## ଠକେଇରେ ବ୍ୟବହୃତ ହ୍ୱାଟ୍ସଆପ୍ ଡିଭାଇସ୍ ବନ୍ଦ ହେବ



ନୂଆଦିଲ୍ଲୀ, ୨୧।୩: କେନ୍ଦ୍ର ସରକାର ହ୍ୱାଟ୍ସଆପ୍ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଡିଜିଟାଲ୍ ଗିରଫ ଠକେଇରେ ବ୍ୟବହୃତ ହ୍ୱାଟ୍ସଆପ୍ ଡିଭାଇସ୍ ଆଇଡି ଗୁଡ଼ିକୁ ରୋକିବା ପାଇଁ ସରକାର ସେମାନଙ୍କୁ ବ୍ଲକ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କଠୋର ଆଭିମୁଖ୍ୟ ଗ୍ରହଣ କରି, ସରକାର ସମସ୍ତ ଡିଭାଇସ୍ ଅବରୋଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁଥିରେ ସାଇବର ଅପରାଧୀମାନେ ହ୍ୱାଟ୍ସଆପ୍ ଆକାଉଣ୍ଟ ଖୋଲନ୍ତି ଏବଂ ନିରୀହ ଲୋକଙ୍କୁ ଡିଜିଟାଲ୍ ଗିରଫ କରି ସେମାନଙ୍କ ଟଙ୍କା ଠକି ନିଅନ୍ତି।କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏହାର ସାଇବର ଶାଖା, ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେସନ୍ ସେଣ୍ଟରର ଏକ ରିପୋର୍ଟ ଆଧାରରେ ଏହି ନିଷ୍ପତ୍ତି ନେଇଛି। ରିପୋର୍ଟ ଅନୁଯାୟୀ, ଠକମାନେ ଇନଷ୍ଟାଣ୍ଟ ମେସେଜିଂ ଆପ୍ ହ୍ୱାଟ୍ସଆପରେ ଆକାଉଣ୍ଟ ତିଆରି କରନ୍ତି । ଏବଂ ଲୋକଙ୍କୁ ଡିଜିଟାଲ୍ ଭାବରେ ଗିରଫ କରିବା ପାଇଁ ହ୍ୱାଟ୍ସଆପ୍ ଫୋନ୍ ଏବଂ ଭିଡିଓ କଲ୍ କରନ୍ତି। ପରେ ସେମାନେ ମେସେଜ୍ ପଠାନ୍ତି ଏବଂ ଲୋକମାନଙ୍କୁ ନିଜ ଫାଶରେ ଫସାଇ ଦିଅନ୍ତି। ପ୍ରତ୍ୟେକ ନୂତନ ଠକେଇ ପାଇଁ ସେମାନେ ନୂତନ ଆଇଡି ସୃଷ୍ଟି କରନ୍ତି। ତେଣୁ, କେବଳ ସେହି ଫୋନ୍ ଗୁଡିକୁ ବନ୍ଦ କରାଯିବ , ଯେଉଁଥିରେ ବାରମ୍ବାର ହ୍ୱାଟ୍ସଆପ୍ ଆଇଡି ସୃଷ୍ଟି କରାଯାଏ।

## ଯୁଦ୍ଧକୁ ଡେଇଁଲା ବ୍ରିଟେନ୍

ଲଣ୍ଡନ, ୨୧।୩: ବ୍ରିଟିଶ ସରକାର ହର୍ମୁଜ ଷ୍ଟ୍ରେଟରେ ଆମେରିକା ଜାହାଜକୁ ଟାର୍ଗେଟ କରୁଥିବା ଇରାନୀ କ୍ଷେପଣାସ୍ତ୍ର ସ୍ଥାନଗୁଡ଼ିକ ଉପରେ ଆକ୍ରମଣ କରିବା ପାଇଁ ବ୍ରିଟିଶରେ ଅବସ୍ଥିତ ସାମରିକ ଘାଟି ବ୍ୟବହାର କରିବାକୁ ଅନୁମତି ଦେଇଛନ୍ତି। ଡାଉନିଂ ଷ୍ଟ୍ରିଟର ଏକ ବିବୃତ୍ତି ଅନୁଯାୟୀ, ଇରାନ ସହିତ ସମ୍ଭାବ୍ୟ ସଂଘର୍ଷ ଏବଂ ଇରାନ ଦ୍ୱାରା ହର୍ମୁଜ ଷ୍ଟ୍ରେଟକୁ ଅବରୋଧ କରିବାର ସମ୍ଭାବନା ବିଷୟରେ ଆଲୋଚନା କରିବା ପାଇଁ ବ୍ରିଟିଶ ମନ୍ତ୍ରୀମାନେ ଶୁକ୍ରବାର ସାକ୍ଷାତ କରିଥିଲେ। ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମର ପୂର୍ବରୁ ଆମେରିକୀୟ ସେନାକୁ କେବଳ ପ୍ରତିରକ୍ଷା କାର୍ଯ୍ୟ ପାଇଁ ଏହି ଘାଟିଗୁଡ଼ିକୁ ବ୍ୟବହାର କରିବାକୁ ଅନୁମତି ଦେଇଥିଲେ। ବିଶେଷକରି ଇରାନକୁ ବ୍ରିଟିଶ ସ୍ୱାର୍ଥ କିମ୍ବା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରୁଥିବା କ୍ଷେପଣାସ୍ତ୍ର ନିକ୍ଷେପ କରିବାରୁ ରୋକିବା ପାଇଁ ଏହା ବ୍ୟବହୃତ ହୋଇପାରୁଥିଲା। ଏହି ଅନୁମୋଦନର ପରିସର ହର୍ମୁଜ ଷ୍ଟ୍ରେଟରେ ଜାହାଜଗୁଡ଼ିକର ସୁରକ୍ଷାକୁ କଭର କରିବା ପାଇଁ ବିସ୍ତାରିତ ହୋଇଛି। ଡାଉନିଂ ଷ୍ଟ୍ରିଟ କହିଛି ଯେ, ସଂଘର୍ଷ ସମ୍ପର୍କରେ ବ୍ରିଟେନର ମୌଳିକ ନୀତି ଅପରିବର୍ତ୍ତିତ ରହିଛି: ଏହା ସିଧାସଳଖ ଏହି ଆକ୍ରମଣରେ ସାମିଲ ହେବ ନାହିଁ। ମନ୍ତ୍ରୀମାନେ ଉତ୍ତେଜନାକୁ ତୁରନ୍ତ ହ୍ରାସ କରିବା ଏବଂ ସଂଘର୍ଷର ଶୀଘ୍ର ସମାଧାନ ପାଇଁ ସେମାନଙ୍କର ଇଚ୍ଛା ଉପରେ ମଧ୍ୟ ଜୋର ଦେଇଥିଲେ। ପ୍ରଧାନମନ୍ତ୍ରୀ ଷ୍ଟାରମର୍ ଚଳିତ ସପ୍ତାହର ଆରମ୍ଭରେ କହିଥିଲେ ଯେ, ବ୍ରିଟେନ ଇରାନ ସହିତ ଯୁଦ୍ଧରେ ଫସିବ ନାହିଁ। ସେ ପ୍ରଥମେ ଇରାନ ବିରୋଧରେ ଆକ୍ରମଣ ପାଇଁ ବ୍ରିଟିଶ ଘାଟି ବ୍ୟବହାର କରିବାକୁ ଆମେରିକାର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲେ, ଯୁକ୍ତି ଦେଇଥିଲେ ଯେ, ତାଙ୍କୁ ପ୍ରଥମେ ଏପରି କୌଣସି ସାମରିକ କାର୍ଯ୍ୟାନୁଷ୍ଠାନର ବୈଧତା ଯାଞ୍ଚ କରିବାକୁ ପଡିବ।

## ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ସହ ୫୦ଟି ଆଇଇଡି ଜବତ

ନୂଆଦିଲ୍ଲୀ, ୨୧।୩: ମଣିପୁରର ବିଭିନ୍ନ ପାର୍ବତ୍ୟ ଓ ସମତଳ ଜିଲ୍ଲାଗୁଡ଼ିକରେ ସୁରକ୍ଷା ବାହିନୀ ପକ୍ଷରୁ କରାଯାଇଥିବା ଏକ ବ୍ୟାପକ ସର୍ଚ୍ଚ ଅପରେସନରେ ୨୯ଟି ବନ୍ଧୁକ, ବିପୁଳ ପରିମାଣର ଗୁଳିଗୋଳା ଓ ୫୦ଟି ଆଇଇଡି ଜବତ କରାଯାଇଛି । ଶନିବାର ପୋଲିସ ପକ୍ଷରୁ ଜାରି ଏକ ବିବୃତ୍ତି ଅନୁଯାୟୀ, କାକଚିଙ୍ଗ୍, ତେଙ୍ଗନୋପାଲ, ପଶ୍ଚିମ ଇମ୍ଫାଲ ଓ ଥୌବାଲ୍ ଜିଲ୍ଲାରୁ ଏକ ଏକେ-୫୬ ରାଇଫଲ୍, ୧୧ଟି ପିସ୍ତଲ ଓ ଗ୍ରେନେଡ୍ ଲଞ୍ଚର ସମେତ ଅନେକ ମାରଣାସ୍ତ୍ର ଜବତ କରାଯାଇଛି। ସୁରକ୍ଷା ବାହିନୀ ପକ୍ଷରୁ ସମସ୍ତ ବିସ୍ଫୋରକ ଜବତ କରାଯିବା ସହ ନିରାପତ୍ତା ପ୍ରୋଟୋକଲ୍ ଅନୁଯାୟୀ ଘଟଣାସ୍ଥଳରେ ଅନେକ ଆଇଇଡିକୁ ନଷ୍ଟ କରିଦିଆଯାଇଛି, ଯାହା ଏକ ବଡ଼ ଧରଣର ଅଘଟଣକୁ ଏଡ଼ାଇବାରେ ସଫଳ ହୋଇଛି।

## ଭାରତୀୟ ନୌସେନାକୁ ସାମିଲ ହେବ ଆଇଏନଏସ ତାରାଗିରି

ନୂଆଦିଲ୍ଲୀ, ୨୧।୩: ବିଶ୍ୱରେ ବଢୁଥିବା ଭୂ-ରାଜନୈତିକ ସଙ୍କଟକୁ ଲକ୍ଷ୍ୟରେ ରଖି ଭାରତୀୟ ନୌସେନା ଏହାର ଶକ୍ତି ଏବଂ କ୍ଷମତାରେ ଲଗାତାର ବୃଦ୍ଧି କରିବାରେ ଲାଗିଛି। ଏହିକ୍ରମରେ ନୌସେନା ଖୁବ୍ ଶୀଘ୍ର ଅତ୍ୟାଧୁନିକ ସୁବିଧା ଥିବା ଜାହାଜକୁ ସାମିଲ କରିବାକୁ ଯାଉଛି। ସ୍ୱଦେଶୀ ଜ୍ଞାନକୌଶଳରେ ତିଆରି ହୋଇଥିବା ଏହି ଆଧୁନିକ ଷ୍ଟେଲଥ ଫ୍ରିଗେଟ ଆଇଏନଏସ ତାରାଗିରି ଜାହାଜ, ଆସନ୍ତା ଏପ୍ରିଲ ୩ ତାରିଖରେ ଭାରତୀୟ ନୌସେନାରେ ସାମିଲ ହେବ। ଏଥିପାଇଁ ଏକ ସ୍ୱତନ୍ତ୍ର ସମାରୋହ ଆୟୋଜନ କରାଯାଇଥିବା ବେଳେ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏଥିରେ ମୁଖ୍ୟ ଅତିଥି ହେବେ। ଆଇଏନଏସ ତାରାଗିରି ପ୍ରୋଜେକ୍ଟ ୧୭ଏ ଅନୁସାରେ ତିଆରି କରାଯାଇଥିବା ଚତୁର୍ଥ ଯୁଦ୍ଧପୋତ। ପ୍ରାୟ ୬,୬୭୦ ଟନ୍ ଓଜନର ଏହି ଜାହାଜ ମେକ ଇନ ଇଣ୍ଡିଆ ଅଭିଯାନର ଏକ ମଜଭୁତ ଉଦାହରଣ।

# ଇରାନ ଉପରୁ କଟକଣା ହଟାଇଲେ ଟ୍ରମ୍ପ୍



ୱାଶିଂଟନ/ତେହରାନ୍, ୨୧।୩: ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହୁ ହୁ ହୋଇ ବଢ଼ି ଚାଲିଥିବାବେଳେ ଏହାକୁ ପ୍ରଶମିତ କରିବା ପାଇଁ ଆମେରିକା ସମୁଦ୍ରରେ ଅଟକି ରହିଥିବା ଇରାନୀୟ ତୈଳ ବିକ୍ରି ଉପରୁ ସାମୟିକ ଭାବେ କଟକଣା ହଟାଇଛି। ମାସକ ପାଇଁ କଟକଣା । ହଟାଯାଇଥିବାବେଳେ ବିଶ୍ୱ ବଜାରେ ୧୪୦ ନିୟୁତ ବ୍ୟାରେଲ୍ ଇରାନୀୟ ତୈଳ ଉପଲବ୍ଧ ହେବ ବୋଲି ଆମେରିକା ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ କହିଛନ୍ତି। ତେବେ ଏହି ସାମୟିକ ରିହାତି କେବଳ ଜାହାଜରେ ଲୋଡ୍ ହୋଇଥିବା ତୈଳ ପାଇଁ ସୀମିତ। ନୂଆ କ୍ରୟ କିମ୍ବା ଉତ୍ପାଦନକୁ ଅନୁମତି ମିଳିବ ନାହିଁ ବୋଲି ବେସେଣ୍ଟ ଏକ୍ସରେ ଲେଖିଛନ୍ତି। ଇରାନ ଯୁଦ୍ଧ ପୂର୍ବରୁ ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳ ଦର ବ୍ୟାରେଲ୍ ପ୍ରତି ୭୦ ଡଲାର ରହିଥିବାବେଳେ ଏବେ ତାହା ୧୧୯.୫୦ ଡଲାରରେ ପହଞ୍ଚିଛି। ଦର ହ୍ରାସ ଲକ୍ଷ୍ୟରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ ସୀମିତ ସମୟ ପାଇଁ ଇରାନ ତୈଳ ଉପରୁ କଟକଣା ହଟାଇଥିବାରୁ ଭାରତୀୟ ରିଫାଇନେରି କମ୍ପାନୀଗୁଡ଼ିକ ସେଠାରୁ ତୈଳ କିଣା ଆରମ୍ଭ କରିବାକୁ ଯୋଜନା କରୁଛନ୍ତି। ଭାରତ ଏବେ ସମୁଦ୍ରରେ ଅଟକି ରହିଥିବା ରୁଷିଆ ତୈଳ କିଣୁଛି। ସେହିପରି ଅନ୍ୟ କେତେକ ଦେଶ ମଧ୍ୟ ଇରାନ ତୈଳ କିଣିବାକୁ ଆଗ୍ରହୀ ଥିବାବେଳେ ଅନ୍ତର୍ଜାତୀୟ କ୍ରେତାମାନଙ୍କ ପାଇଁ ସମୁଦ୍ରରେ ତେହରାନର ବଳକା ଅଶୋଧିତ ତୈଳ ଗଚ୍ଛିତ ନ ଥିବା ଏହାର ମନ୍ତ୍ରଣାଳୟ କହିଛି। ମୁମ୍ବାଇରେ ଥିବା ଇରାନ ବାଣିଜ୍ୟିକ ଦୂତାବାସ ପକ୍ଷରୁ ଏକ ବିବୃତି ଜରିଆରେ କୁହାଯାଇଛି, ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରରେ ଯୋଗାଇବା ପାଇଁ ତେହରାନ୍ ପାଖରେ ଅତିରିକ୍ତ ତୈଳ ମହଜୁଦ ନାହିଁ। ତୈଳ କିଣୁଥିବା ଦେଶଗୁଡ଼ିକୁ ପୁନର୍ବାର ଆଶ୍ୱାସନା ଦେବା ଏବଂ ବଜାର ମନୋଭାବ ପରିଚାଳନା କରିବା ଲକ୍ଷ୍ୟରେ ଆମେରିକା ଟ୍ରେଜେରି ବିଭାଗ କଟକଣା ହଟାଇବା କଥା କହିଥିବା ଇରାନ କନସୁଲେଟ୍ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ କଟକଣା ଲାଗିଥିବା ଇରାନ ତୈଳକୁ ଚାଇନା ଶସ୍ତାରେ ମହଜୁଦ କରି ରଖିଥିବା ଆମେରିକୀୟ ଅଧିକାରୀ ଅଭିଯୋଗ କରିଛନ୍ତି।

### ଗ୍ୟାସ୍ ଫିଲିଂ ବେଳେ ଅଘଟଣ
# ଏକାଧିକ ସିଲିଣ୍ଡର ବିସ୍ଫୋରଣ: ୨ ସ୍କୁଟର ଜଳିଗଲା

ଭୁବନେଶ୍ୱର, (ନିପ୍ର): ରାଜଧାନୀ ଭୁବନେଶ୍ୱର କଳିଙ୍ଗ ନଗର ଅଞ୍ଚଳରେ ଏଲପିଜି ସିଲିଣ୍ଡର ରିଫିଲିଂ ସମୟରେ ଏକାଧିକ ବିସ୍ଫୋରଣ ଘଟଣା ସାମ୍ନାକୁ ଆସିଛି। ବିସ୍ଫୋରଣରେ ଦୁଇଟି ସ୍କୁଟର ପୋଡ଼ି ଯାଇଥିବାବେଳେ ରିପୋର୍ଟ ଲେଖା ହେବା ସୁଦ୍ଧା କୌଣସି ପ୍ରାଣହାନି ନାହିଁ।ପୋଲିସ ସୂଚନା ଅନୁଯାୟୀ, ଟାଟା ଆରିଆନା ନିକଟରେ ଥିବା ରାସ୍ତାକୂଳର ହୋଟେଲଗୁଡ଼ିକରେ ଏଲପିଜି ଗ୍ୟାସ୍ ସିଲିଣ୍ଡର ରିଫିଲିଂ କରୁଥିବା ସମୟରେ ଏକାଧିକ ସିଲିଣ୍ଡର ବିସ୍ଫୋରଣ ହୋଇଛି। ଏହି ବିସ୍ଫୋରଣ ପରେ ନିଆଁ ଚାରିପାଖରେ ଲାଗିବାରୁ କିଛି ସମୟ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଗ୍ୟାସ୍ ଭର୍ତ୍ତି କାର୍ଯ୍ୟ ଚାଲୁ ଥିବା ବେଳେ ଅବହେଳା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରୁ ମିଳିଥିବା ସୂଚନା ଅନୁଯାୟୀ, ହଠାତ୍ ଏକ ସିଲିଣ୍ଡର ବିସ୍ଫୋରଣ ହେବା ପରେ ଏକାଧିକ ସିଲିଣ୍ଡର ପରପର ବିସ୍ଫୋରଣ ହୋଇଥିଲା। ଫଳରେ ନିଆଁ ଶୀଘ୍ର ବ୍ୟାପି ଯାଇ ନିକଟସ୍ଥ ହୋଟେଲ ଏବଂ ଦୋକାନଗୁଡ଼ିକୁ ପ୍ରଭାବିତ କରିଥିଲା। ବ୍ୟସ୍ତ ରାସ୍ତା ନିକଟରେ ପାର୍କ କରିଥିବା ଦୁଇଟି ସ୍କୁଟର ସମ୍ପୂର୍ଣ୍ଣ ଭାବେ ପୋଡ଼ି ଯାଇଛି। ଧୂଆଁ ଦେଖି ସ୍ଥାନୀୟ ବାସିନ୍ଦା ଓ ଦୋକାନୀମାନେ ନିଜ ନିଜ ଜୀବନ ବଞ୍ଚାଇବା ପାଇଁ ଚାରିପାଖକୁ ଦୌଡ଼ିଯାଇଥିଲେ। ଘଟଣାସ୍ଥଳରେ ବ୍ୟାପକ ଆତଙ୍କ ସୃଷ୍ଟି ହୋଇଥିଲା। ସୂଚନା ପାଇ ତୁରନ୍ତ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଫାୟାର୍ ବ୍ରିଗେଡ୍ କର୍ମଚାରୀଙ୍କ ତ୍ୱରିତ ପ୍ରୟାସରେ ନିଆଁକୁ କିଛି ସମୟ ମଧ୍ୟରେ ନିୟନ୍ତ୍ରଣ କରାଯାଇପାରିଥିଲା। ଅଗ୍ନି ନିୟନ୍ତ୍ରଣ ପାଇଁ ବ୍ୟବହୃତ ପାଣି ଏବଂ ଫୋମ୍ ଯୋଗୁଁ ଆଖପାଖ ଅଞ୍ଚଳରେ ବ୍ୟାପକ ପାଣି ଜମା ହୋଇଥିଲା। ଘଟଣା ପରେ ସ୍ଥାନୀୟ ପୋଲିସ୍ ଏବଂ ପ୍ରଶାସନିକ ଅଧିକାରୀଙ୍କ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏପର୍ଯ୍ୟନ୍ତ କୌଣସି ପ୍ରାଣହାନି ହୋଇନାହିଁ ବୋଲି ଜଣାପଡ଼ିଛି। କେହି ଗୁରୁତର ଆହତ ହୋଇନାହାନ୍ତି। ତେବେ ସିଲିଣ୍ଡର ବିସ୍ଫୋରଣ ଓ ଅଗ୍ନିକାଣ୍ଡ ଯୋଗୁଁ ହୋଟେଲ ଗୁଡ଼ିକର ଆସବାବପତ୍ର, କିଛି ଖାଦ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ଜିନିଷ କ୍ଷତିଗ୍ରସ୍ତ ହୋଇଛି। କ୍ଷୟକ୍ଷତିର ପୂର୍ଣ୍ଣ ପରିମାଣ ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇନାହିଁ। ପୋଲିସ୍ ଏବଂ ଅଗ୍ନିଶମ ଅଧିକାରୀଙ୍କ ରାସ୍ତାକଡ଼ ହୋଟେଲରେ ଅନଧିକୃତ ଭାବେ ଗ୍ୟାସ୍ ରିଫିଲିଂ କରାଯାଉଥିବା ସନ୍ଦେହ କରୁଛନ୍ତି। ଏଲପିଜି ସିଲିଣ୍ଡର ଭର୍ତ୍ତି ସମୟରେ ସୁରକ୍ଷା ନିୟମ ପାଳନ କରାଯାଉ ନଥିଲା ବୋଲି ପ୍ରାଥମିକ ତଥ୍ୟରୁ ଜଣାପଡ଼ିଛି।

## ଜନଗଣନା ୨୦୨୭ ପରିପ୍ରେକ୍ଷୀରେ ବାଲୁକାକଳା ପ୍ରଦର୍ଶିତ




ପୁରୀ(ନିପ୍ର): ଆଗାମୀ ୨୦୨୭ ଜନଗଣନା ପାଇଁ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟ ରେ ଆଜି ଅପରାହ୍ଣ ରେ ପୁରୀ ନିଳାଦ୍ରୀ ବିଚ ଠାରେ ଏକ ବାଲୁକାକଳା ପ୍ରଦର୍ଶିତ ହୋଇଥିଲା। ଚଳିତ ଜନଗଣନା ଭାରତର ପ୍ରଥମ ଡିଜିଟାଲ ଜନଗଣନା।ଏହାର ଉଦ୍ଦେଶ୍ୟ ଜନଗଣନାରୁ ଜନକଲ୍ୟାଣ। ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଓ ଗୃହ ଗଣନା ଚଳିତ ବର୍ଷ ଅପ୍ରେଲ ୧୬ ରୁ ମଇ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ମସିହା ଫେବୃଆରୀ ୯ ରୁ ୨୮ ପର୍ଯ୍ୟନ୍ତ ଜନଗଣନା ଅନୁଷ୍ଠିତ ହେବ ବୋଲି ଜନଗଣନା ଅଧିକାରୀ ଅବଗତ କରାଇଛନ୍ତି। ଏଥିରେ ଅନ୍ତର୍ଜାତୀୟ ବାଲୁକା କଳା ଶିଳ୍ପୀ ତଥା ଜନଗଣନା ର ବ୍ରାଣ୍ଡ ଆମ୍ବାସଡର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଜନଗଣନା ର ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂ,ସହକାରୀ ନିର୍ଦ୍ଦେଶକ ଲକ୍ଷଣ ମୁଖୀ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପ୍ରମୁଖ ଉପସ୍ଥିତ ଥିଲେ।

## ପାରିବାରିକ କଳହରୁ ଦେହରେ ନିଆଁ ଲଗାଇ ଦେଲେ ଯୁବକ

ଭୁବନେଶ୍ୱର,(ନିପ୍ର): ରାଜଧାନୀ ଭୁବନେଶ୍ୱରର ବିଟ୍ ରାସ୍ତାରେ ଏକ ଅଘଟଣୀୟ ଘଟଣା ଘଟିଛି। ପାରିବାରିକ କଳହକୁ ନେଇ ଜଣେ ଯୁବକ ନିଜ ଦେହରେ ନିଆଁ ଲଗାଇ ଦେଇଛନ୍ତି। ଗୁରୁତର ଆହତ ଅବସ୍ଥାରେ ଯୁବକଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଲକ୍ଷ୍ମୀସାଗର ଥାନା ପୋଲିସ୍ ଘଟଣାର ଛାନଭିନ୍ କରୁଛି। ସୂଚନା ଅନୁଯାୟୀ, ସକାଳୁ ଭୁବନେଶ୍ୱରର ବିଟ୍ ରାସ୍ତାରେ ଏହି ଘଟଣା ଘଟିଥିଲା। ପାରିବାରିକ କଳହ ଯୋଗୁଁ ମାନସିକ ଚାପରେ ଥିବା ଯୁବକ ଜଣକ ହଠାତ୍ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଆଖପାଖରେ ଥିବା ଲୋକେ ଦେଖି ତୁରନ୍ତ ଛୁଟି ଆସି ନିଆଁ ଲିଭାଇବାରେ ଲାଗିଥିଲେ ଓ ଯୁବକଙ୍କୁ ଉଦ୍ଧାର କରି ହସ୍ପିଟାଲ୍ ପଠାଇଥିଲେ। ଯୁବକଙ୍କ ଅବସ୍ଥା ଗୁରୁତର ବୋଲି ଡାକ୍ତରଙ୍କ ପକ୍ଷରୁ କୁହାଯାଇଛି। ଲକ୍ଷ୍ମୀସାଗର ଥାନା ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପରିବାରର ସଦସ୍ୟଙ୍କୁ ପଚାରାଉଚରା କରାଯାଉଛି। ପୋଲିସ୍ କହିଛି, ପାରିବାରିକ କଳହ ଯୋଗୁଁ ଯୁବକ ଏହି ଚରମ ପଦକ୍ଷେପ ନେଇଥିବା ପ୍ରାଥମିକ ତଥ୍ୟ ମିଳିଛି। ପୂରା ଘଟଣାର ଛାନଭିନ୍ ଚାଲିଥିବାବେଳେ ଯୁବକଙ୍କ ପରିବାର ସଦସ୍ୟଙ୍କୁ ଥାନାକୁ ଡକାଯାଇଛି।

### ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାର ପ୍ରସଙ୍ଗ
# ମୁହଁ ଖୋଲିଲେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ

କଟକ, (ନିପ୍ର): ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାର ପ୍ରସଙ୍ଗରେ ମୁହଁ ଖୋଲିଲେ ବିଧାୟକ ସୌଭିକ ବିଶ୍ୱାଳଙ୍କ ପିତା ପ୍ରଭାତ ବିଶ୍ୱାଳ। ପ୍ରଭାତ ବିଶ୍ୱାଳ କହିଛନ୍ତି, ପୁଅ କିମ୍ବା ସେ ମତଦାନ ପାଇଁ ଗୋଟିଏ ଟଙ୍କା ବି ନେଇ ନାହାନ୍ତି। ରାଜ୍ୟସଭା ନିର୍ବାଚନ ପୂର୍ବରୁ ମୋତେ ନବୀନ ନିବାସରେ ଅପମାନିତ କରାଯାଇଥିଲା ବୋଲି ପ୍ରଭାତ କହିଛନ୍ତି। ସବୁ ବିଧାୟକଙ୍କ ସାମନାରେ ମୋତେ ଅପମାନିତ କରାଯାଇଥିଲା ବୋଲି ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ କହିଛନ୍ତି। ସେହି ଅପମାନର ପ୍ରତିଶୋଧ ନେଲା ପୁଅ ସୌଭିକ। ମୋର ଓ ପୁଅର ରାଜନୈତିକ ଭବିଷ୍ୟତ ଚୌଦ୍ୱାର-କଟକ ଭୋଟର ନିର୍ଦ୍ଧାରଣ କରିବେ। ପ୍ରଭାତ ଆହୁରି କହିଛନ୍ତି ଯେ, ସନ୍ତୃପ୍ତ ମିଶ୍ର ଟ୍ରଷ୍ଟ ସଂପର୍କରେ ମିଛ କହିଥିଲେ। ଆହୁରି ବି ନବୀନ ଟ୍ରଷ୍ଟ ଗଠନକୁ ସ୍ୱୀକାର କରିଛନ୍ତି। ଦଳ ପାଇଁ ସେ କେତେ ରାତି ଅନିଦ୍ରା ହୋଇଛନ୍ତି, ତାହା ନବୀନ ଜାଣିଛନ୍ତି। ଏବେ ନବୀନ ବାବୁ ସବୁ ପାଶୋରି ଦେଇଛନ୍ତି ବୋଲି ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସୂଚନା ଥାଉକି, ରାଜ୍ୟସଭା ନିର୍ବାଚନରେ ବିଜେଡ଼ିର କିଛି ବିଧାୟକ କ୍ରସଭୋଟିଂ କରିଥିଲେ। ସେମାନଙ୍କ ମଧ୍ୟରୁ ବିଜେଡ଼ିରୁ ନିଲମ୍ବିତ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଅନ୍ତର୍ଭୁକ୍ତ। ସେମାନେ ଦଳର ସ୍ୱୀକୃତପ୍ରାପ୍ତ ପ୍ରାର୍ଥୀଙ୍କୁ ଭୋଟ ଦେଇନଥିଲେ। ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ସେମାନେ ଭୋଟ ଦେଇଥିଲେ। ଏହାଛଡ଼ା ବିଜେଡ଼ିର ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀରଂଜନ ତ୍ରିପାଠୀ, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ବସ୍ତା ବିଧାୟିକା ସୁବାସିନୀ ଜେନା, ତିର୍ତୋଲ ବିଧାୟକ ରମାକାନ୍ତ ଭୋଇ ଓ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଆଦି ଦଳୀୟ ସ୍ୱୀକୃତପ୍ରାପ୍ତ ପ୍ରାର୍ଥୀଙ୍କୁ ଭୋଟ ଦେଇନଥିଲେ।

## ଜମିଜମା ବିବାଦକୁ ନେଇ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ରଶଙ୍ଗଧ): ଜମିଜମା ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ସୁକାନ୍ତ କୁମାର ବେଜ୍ ଓରଫ ଗୁନା। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଏନେଇ ହୃଷୀକେଶ ବେଜ୍ ଥାନାରେ ଏତଲା ଦେଇଥିଲେ। ସୂଚନାଯୋଗ୍ୟ ଯେ, ଗତ ୧୯୭୧ ମସିହାରେ ତିନି ଭାଇ ମିଶି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରୋକଟା ଅଞ୍ଚଳରେ ପ୍ଲଟ କିଣିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପାରିବାରିକ ବିଶୃଙ୍ଖଳା ତଥା ଜମି ବଣ୍ଟନକୁ କେନ୍ଦ୍ର କରି ବିବାଦ ସୃଷ୍ଟି ହୋଇଥିଲା। ଫଳରେ ତିନିଭାଇଙ୍କ ନାମରେ ଥିବା ଜମିର ପାର୍ଟିସନ ମଧ ହୋଇପାରି ନଥିଲା

## ବାମରାରେ ଗଣ ଗୌର ପର୍ବ ଉଦ୍‌ଯାପିତ



କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ବାମରାରେ ୧୮ ଦିନ ଧରି ପରିଚାଳିତ ହୋଇ ଆସୁଥିବା ମହିଳାଙ୍କ ସୁହାଗ, ସମୃଦ୍ଧି ,ଆସ୍ଥା ଏବଂ ବିଶ୍ୱାସର ଗଣ ଗୌର ପର୍ବ ଉଲ୍ଲାସର ସହ ସମ୍ପନ୍ନ ହୋଇଯାଇଛି । ପାରମ୍ପରିକ ବସ୍ତ୍ର ପରିଧାନ କରି ସଧବା ମହିଳାମାନେ ଲୋକ ଗୀତ ମାଧ୍ୟମରେ ୧୬ ଗୋଟି କୂଅରୁ ପାଣି ସଂଗ୍ରହ କରି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ଶନିବାର ଉଦଯାପନୀ ଦିବସରେ ବହୁ ସଂଖ୍ୟକ ରାଜସ୍ଥାନୀ ମହିଳା ଏକତ୍ରିତ ହୋଇ ସନ୍ଧ୍ୟାରେ ଗୌରୀ ଓ ଶିବଙ୍କ ପ୍ରତିମା ବିସର୍ଜନ କରିଥିଲେ। ଏହି ଅବସରରେ ସଧବା ମହିଳାମାନେ ଅଖଣ୍ଡ ସୌଭାଗ୍ୟବତୀ ଏବଂ କୁଆଁରୀ କନ୍ୟା ମାନେ ମନ ପସନ୍ଦର ବର ପାଇଁ କାମନା କରିଥାନ୍ତି। ଫାଲଗୁନ ପୂର୍ଣ୍ଣିମା ପରଦିନ ଠାରୁ ଚୈତ୍ର ଶୁକ୍ଳ ପକ୍ଷ ତୃତୀୟା ତିଥି ପର୍ଯ୍ୟନ୍ତ ଏହି ପର୍ବ ପାଳିତ ହୋଇଥାଏ। ବାମରାରେ ଲାଠ ପରିବାରରେ ଗଣ ଗୌର ସ୍ଥାପିତ ହୋଇଥିବା ବେଳେ ପୂର୍ବାହ୍ନ ଓ ଅପରାହ୍ନରେ ମହିଳା ଏବଂ କୁଆଁରୀ କନ୍ୟାମାନେ ଏଥିରେ ଭାଗ ନେଇଥାନ୍ତି । ଗଣଗୌର ଆମର ସଂସ୍କୃତି ତଥା ପରମ୍ପରାର ପ୍ରତୀକ ବୋଲି ରାଧିକା ଲାଠ ଅଗ୍ରୱାଲ,ଜାଗୃତି ଲାଠ ପୋଦ୍ଦାର,ତନିଶା ଖଣ୍ଡେଲୱାଲ, ମାନସୀ ଖଣ୍ଡେଲୱାଲ ପ୍ରମୁଖ ପ୍ରକାଶ କରିଛନ୍ତି।

## ଦ୍ୱିତୀୟ ଅଯୋଧ୍ୟା ମହୋତ୍ସବ ଚତୁର୍ଥ ଦିନରେ ରାମ ପ୍ରବଚନ

ଭାପୁର (ନିପ୍ର): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ଫତେଗଡ଼ ଗ୍ରାମରେ ଅବସ୍ଥିତ ଦ୍ୱିତୀୟ ଅଯୋଧ୍ୟା ମହୋତ୍ସବର ରାମନବମୀ ପାଳନ ଅବସରରେ ଚତୁର୍ଥ ଦିନ ପ୍ରତ୍ୟେକ ଦିନ ଭଳି ପୂଜାପାଠ ସହିତ ଯଜ୍ଞ ଏବଂ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବଚକ ତ୍ରିଦଣ୍ଡି ସ୍ୱାମୀ ଭକ୍ତି ଗୌରବ ସଚିଦାନନ୍ଦ ମହାରାଜଙ୍କ ଧନୁ ଭଗ୍ନ ଓ ସୀତାରାମଙ୍କ ବିବାହ ଉପରେ ପ୍ରବଚନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶହଶହ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରବଚନ ଶୁଣିଥିଲେ।

## ଶ୍ରେଷ୍ଠ ହେଲା ମାଲୁଦ ପଞ୍ଚୁଦୋଳ ତାଳତୋଳା ମେଢ଼ ପୁରସ୍କୃତ

କୃଷ୍ଣପ୍ରସାଦତା, (ନି ପ୍ର ): ପୁରୀଜିଲ୍ଲାକୃଷ୍ଣପ୍ରସାଦ ବ୍ଲକରେ ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ଆଜି ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଚିଲିକା ର ପାଣିରେ ଶୋଭାଯାତ୍ରା ଆଜି ସାରା ଦେଶ ରେ ଦର୍ଶକ ଙ୍କୁ ଆକର୍ଷିତ କରିଛି। ପୁରୀ ସାଂସଦ ଡ଼ଃ ସମ୍ବିତ ପାତ୍ରଙ୍କ ଦ୍ୱାରା ପଞ୍ଚୁଦୋଳ ଯାତ୍ରା ର ଫଟୋ ଭି ଡି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଖି ଖୁବ ପ୍ରଶଂସା କରିଥିଲେ। ପଞ୍ଚୁଦୋଳ କୁ ଆସୁଥିବା କାରୁକାର୍ଯ୍ୟ ପୂର୍ଣ୍ଣ ମେଢ଼ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ। ଚଳିତ ବର୍ଷ କୃଷ୍ଣପ୍ରସାଦ ବ୍ଲକ ବଜ୍ରକୋଟ ପଞ୍ଚାୟତ ତାଳତୋଳା ଗ୍ରାମର ରାଧାକୃଷ୍ଣଙ୍କ ମେଢ଼ ଶ୍ରେଷ୍ଠ ପୁରସ୍କାର ପାଇଥିବା ଜଣାଯାଇଛି। ରାଧାକୃଷ୍ଣ କ୍ଲବର କଳାକାରଙ୍କ ଦ୍ୱାରା ବଡ଼ ଠାକୁର ଚକାଆଖିଙ୍କ ମେଢ଼ ଉଚ୍ଚ ପ୍ରଶଂସିତ ହୋଇଛି। ମାଲୁଦରେ ଥିବା ନନ୍ଦିଘୋଷ ଫର୍ନିଚର ସମ୍ବର୍ଦ୍ଧନା ସଭା ର ଆୟୋଜନ କରି ଉକ୍ତ କ୍ଲବ ର ସକ୍ରିୟ ସଭ୍ୟଙ୍କୁ ଉପଢୌକନ ଦେବା ସହ ୩ ହଜାର ଟଙ୍କାର ଏକ ଚେକ, ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଦେଇ ପୁରସ୍କୃତ କରିଛନ୍ତି। ସମ୍ବର୍ଦ୍ଧନା ସଭା ରେ ମାଲୁଦ ଫାଣ୍ଡି ଅଧିକାରୀ ଧ୍ରୁବଚରଣ ଲେଙ୍କା, ଶିକ୍ଷା ବିତ ପ୍ରଦୀପ କୁମାର ଦାସ, ବିଦ୍ୟାଧର ପଲେଇ, ଶିକ୍ଷା ବିତ ଜୟରାମ ଦାସ, ମହେନ୍ଦ୍ର କୁମାର ବେହେରା, ସୁରେଶ ପଲେଇ, ସତ୍ୟ ବ୍ରତ ବିଶ୍ୱାଳ ପ୍ରମୁଖ ବହୁ ଅତିଥି ଯୋଗ ଦେଇ ସମ୍ମାନିତ କରିବା ସହ ଉଚ୍ଚ ପ୍ରଶଂସା କରିଥିଲେ। ରାଧାକୃଷ୍ଣ କ୍ଲବ ର ସଭ୍ୟ ତଥା କଳାକାର ବିଚ୍ଛନ୍ଦ ଜେନା, ଅମିନ ପ୍ରଧାନ, ଦୀପକ କୁମାର ପ୍ରଧାନ, ବିଚିତ୍ରା ନନ୍ଦ ବିଶ୍ୱାଳ ପ୍ରମୁଖ ପୁରସ୍କାର ଗ୍ରହଣ କରିଥିଲେ। ନନ୍ଦିଘୋଷ ମାଲିକ ଲକି ବାରିକି, ମ୍ୟାନେଜର ସୁକାନ୍ତ କୁମାର ବିଶ୍ୱାଳ ଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। କଳାକାର ଙ୍କୁ ସମ୍ମାନିତ କରିଥିବାରୁ ନନ୍ଦିଘୋଷ ର ଉତ୍ତରୋତ୍ତର ଉର୍ନତି କାମନା କରିଥିଲେ।

## ବୁଗୁଡ଼ା ବନାଞ୍ଚଳରୁ ପୁରୀକୁ ଗଲା ରଥ କାଠ



ବୁଗୁଡ଼ା(ନିପ୍ର): ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ତିଆରି ସକାଶେ ପୁରୀକୁ ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ବୁଗୁଡ଼ା ବନାଞ୍ଚଳରୁ ରଥ କାଠ ପ୍ରେରଣ କରାଗଲା ଓ ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ଖରିଡା, ବଡଖୋଲି ଓ ସାନଖୋଲି ଅଞ୍ଚଳରୁ ୧୬ ଜଣ ଧାର୍ମିକ ବ୍ୟକ୍ତି ଉକ୍ତ ୧୬ଟି ବୃହତ ଫାଶି ଗଛ ରଥ ନିର୍ମାଣ ସକାଶେ ଦାନ କରିଥିଲେ । ପୂଜାପାଠ ସମ୍ପାଦନ କଲାପରେ କାଠଗୁଡିକୁ ସମ୍ମାନ ସ୍ଥାନୀୟ ବଡଦାଣ୍ଡସ୍ଥିତ ଶ୍ରୀ ବଳଦେବଜୀଉ ମନ୍ଦିର ସମ୍ମୁଖକୁ ଅଣାଯାଇଥିଲା ।

## ଘରେ ତାଲା ଭାଙ୍ଗି ଚୋରି: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ନିପ୍ର): ଘରେ ପଶି ଚୋରି କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ନିଲୁ ବେହେରା ଓରଫ ବାଜା। ଏନେଇ ପୁଲିସ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ସର୍ବେଶ୍ୱର ମାଝି ପରିବାର ସହ ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡର ତୈଳ ସାହିରେ ରୁହନ୍ତି । ଗତ ୧୮.୦୩.୨୦୨୬ ରେ ସେ ପତ୍ନୀଙ୍କ ସହ ମିଶି ଓଲ୍ଡ ଟାଉନ ଅଞ୍ଚଳରେ ଥିବା ଭାଇଙ୍କ ଘରକୁ କୌଣସି ଏକ ଜରୁରୀ କାମରେ ଯାଇଥିଲେ ଏବଂ ସେହିଦିନ ରାତିରେ ସେହିଠାରେ ରହିଯାଇଥିଲେ। ଏପଟେ ଘରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ନିଲୁ ବେହେରା ଓରଫ ବାଜା ବିଳମ୍ବିତ ରାତିରେ ଅଭିଯୋଗକାରୀଙ୍କ ଘରର ତାଲା ଭାଙ୍ଗି ଭିତରେ ପଶିବା ସହ ଭିତରେ ଲାଗିଥିବା ଏକ ଏଲଇଡି ଟିଭି, ଦୁଇଟି ମ୍ୟୁଜିକ ବକ୍ସ, ଦୁଇଟି ଗ୍ରାଇଣ୍ଡର, ଦୁଇଟି ଷ୍ଟାଣ୍ଡ ଫ୍ୟାନ, ଗୋଟିଏ ମୋଟର ପାଣିପମ୍ପ ଏବଂ ନଗଦ ୧୫,୦୦୦ ଟଙ୍କା ଚୋରିକରି ଫେରାର ହୋଇଯାଇଥିଲେ। ତା ପରଦିନ ଅର୍ଥାତ ୧୯.୦୩.୨୦୨୬ ସକାଳେ ଅଭିଯୋଗକାରୀ ଘରେ ଆସି ପହଞ୍ଚିବା ପରେ, ଘର ଭିତରୁ ମୁଲ୍ୟବାନ ସାମଗ୍ରୀ ସବୁ ଚୋରୀ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ।

## ଗୋଷ୍ଠୀ ବିବାଦକୁ ନେଇ ଆକ୍ରମଣ, ଦୁଇ ଗିରଫ

ଭୁବନେଶ୍ୱର, (ନିପ୍ର): ଦୁଇ ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟ ମଧ୍ୟରେ ଗୋଷ୍ଠୀ ବିବାଦକୁ ନେଇ ଆକ୍ରମଣ ଘଟଣାରେ ଭରତପୁର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଚନ୍ଦନ କୁମାର ଭୋଇ ଓରଫ ଚନ୍ଦ୍ରିକା ଏବଂ ତପନ କୁମାର ମଲ୍ଲିକ ଓରଫ ସୋନି। ଏମାନଙ୍କ ବିରୋଧରେ ପୁଲିସ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଲିପ୍ସିତା କର ଓ ଅଭିଯୁକ୍ତମାନେ ସମସ୍ତେ ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟର। ତଦନ୍ତରୁ ଏହା ଜଣାପଡ଼ିଛି ଯେ, ଏହି ଘଟଣା ଭରତପୁର ଅଞ୍ଚଳର ଦୁଇଟି ଟ୍ରାନ୍ସଜେଣ୍ଡର ଗୋଷ୍ଠୀ ମଧ୍ୟରେ ଦୀର୍ଘଦିନର ବିବାଦର ପରିଣାମ। ପୀଡିତା ଲିପ୍ସିତା କର ପ୍ରାୟ ୫ ବର୍ଷ ପୂର୍ବରୁ ଅଭିଯୁକ୍ତ ମାନଙ୍କ ଗୋଷ୍ଠୀର ସଦସ୍ୟା ଥିଲେ, କିନ୍ତୁ ପରେ ସେ ସେହି ଗୋଷ୍ଠୀ ଛାଡ଼ି ଦେଇଥିଲେ। ଗତ ୧୧.୦୩.୨୦୨୬ ଦିନ ପ୍ରାୟ ୧୨.୩୦ ବେଳେ, ଯେତେବେଳେ ପୀଡିତା ଭରତପୁରରେ ତାଙ୍କ ଭଡା ଘରେ ଏକାକୀ ଥିଲେ, ସେତେବେଳେ ଚନ୍ଦନ କୁମାର ଭୋଇ ଓରଫ ଚନ୍ଦ୍ରିକା ଏବଂ ତପନ କୁମାର ମଲ୍ଲିକ ଓରଫ ସୋନିଙ୍କ ସହିତ ଅନ୍ୟ ଅଭିଯୁକ୍ତମାନେ ସେଠାରେ ଯାଇ ପହଞ୍ଚିଥିଲେ। ପୀଡିତାଙ୍କୁ ପୁଣି ଥରେ ତାଙ୍କ ଗୋଷ୍ଠୀରେ ଯୋଗଦେବା ପାଇଁ ସେମାନେ ଯାଇ ତାଙ୍କର ଘର କବାଟ ବାଡେଇଥିଲେ। ପୀଡିତା କବାଟ ଖୋଲିନଥିଲେ।ଏହାପରେ ଅଭିଯୁକ୍ତମାନେ ବଳପୂର୍ବକ କବାଟ ଭାଙ୍ଗି ଘରଭିତରକୁ ପ୍ରବେଶ କରି ପୀଡିତାଙ୍କୁ ଆକ୍ରମଣ କରିଥିଲେ।

## ଚଳନ୍ତା ଟ୍ରେନ୍‌ରୁ ୫ ନାବାଳକ ଉଦ୍ଧାର ବିହାରରୁ ବେଙ୍ଗାଲୁରୁ ଚାଲାଣ ବିଫଳ

ଭୁବନେଶ୍ୱର,(ନିପ୍ର): ରେଳବାଇ ସୁରକ୍ଷା ବଳ (ଆରପିଏଫ୍) ଏବଂ ରୁଚିକା ସୋସିଆଲ୍ ସର୍ଭିସ୍ ଅର୍ଗାନାଇଜେସନର ତ୍ୱରିତ ଓ ସମନ୍ୱିତ ଅଭିଯାନରେ ଭୁବନେଶ୍ୱର ନିକଟରେ ଏକ ଚଳନ୍ତ ଟ୍ରେନରୁ ୫ ଜଣ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ଏହି ଅଭିଯାନରେ ଶିଶୁ ଶ୍ରମିକ ଚାଲାଣ ବୃହତ୍ତର ଚକ୍ରାନ୍ତକୁ ବିଫଳ କରିବା ସହ ୫ ଜଣ ନାବାଳକଙ୍କ ଜୀବନ ରକ୍ଷା କରାଯାଇଛି। ଅଧିକାରୀମାନେ କହିଛନ୍ତି ଯେ, ବିହାରର ଜଣେ ଠିକାଦାର ଏହି ପାଞ୍ଚ ନାବାଳକଙ୍କୁ ବେଙ୍ଗାଲୁରୁ ନେଇ ସେମାନଙ୍କୁ ଶିଶୁ ଶ୍ରମରେ ଲଗାଇବା ପାଇଁ ଚେଷ୍ଟା କରୁଥିଲେ। ସୂଚନା ଅନୁଯାୟୀ, ଆରପିଏଫ୍ ଓ ରୁଚିକା ସୋସିଆଲ୍ ସର୍ଭିସ୍ ଅର୍ଗାନାଇଜେସନର ଟିମ୍ ଗୁପ୍ତ ସୂଚନା ଆଧାରରେ ଭୁବନେଶ୍ୱର ଓ ଖୋର୍ଦ୍ଧା ମଧ୍ୟରେ ଚଳୁଥିବା ଏକ ଟ୍ରେନରେ ରେଡ୍ କରିଥିଲେ। ଟ୍ରେନ୍ ଚଳନ୍ତା ଅବସ୍ଥାରେ ହିଁ ଏହି ଅଭିଯାନ ଚାଲିଥିଲା ଏବଂ ସମୟୋଚିତ ହସ୍ତକ୍ଷେପ ଯୋଗୁଁ ୫ ଜଣ ନାବାଳକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏହି ନାବାଳକମାନେ ସମସ୍ତେ ବିହାରର ବାସିନ୍ଦା ବୋଲି ଜଣାପଡ଼ିଛି ଏବଂ ସେମାନଙ୍କୁ ବେଙ୍ଗାଲୁରୁ ନେଇ ନିର୍ମାଣ କାର୍ଯ୍ୟରେ ଲଗାଇବାର ପରିକଳ୍ପନା ଥିଲା।ଉଦ୍ଧାର ପରେ ରୁଚିକା ସୋସିଆଲ୍ ସର୍ଭିସ୍ ଅର୍ଗାନାଇଜେସନ୍ ଏହି ୫ ଜଣ ନାବାଳକଙ୍କୁ ଖୋର୍ଦ୍ଧା ଜିଲ୍ଲା ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି) ନିକଟକୁ ଉପସ୍ଥାପିତ କରିଛି। ସେମାନଙ୍କ ସୁରକ୍ଷା, ଚିକିତ୍ସା ଓ ଆଇନଗତ ପ୍ରକ୍ରିୟା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ସହ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଶିଶୁ କଲ୍ୟାଣ ସମିତି ଏହି ନାବାଳକଙ୍କୁ ସୁରକ୍ଷିତ ଆଶ୍ରୟ ପ୍ରଦାନ କରିବା ସହ ସେମାନଙ୍କ ପରିବାର ସହ ଯୋଗାଯୋଗ କରିବାର ପ୍ରକ୍ରିୟା ଆରମ୍ଭ କରିଛି।

## ମଙ୍ଗଳା ମହୋତ୍ସବ ପାଇଁ ପ୍ରସ୍ତୁତି

କାକଟପୁର (ନିପ୍ର):ଶନିବାର ଦିନ କାକଟପୁର ସ୍ଥିତ ଜଳସେଚନ ଡାକବଙ୍ଗଳା ଠାରେ ୧୮ ତମ ମଙ୍ଗଳା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବ ଆସନ୍ତା ଏପ୍ରିଲ ୨୪, ୨୫, ୨୬ ତାରିଖ ରେ ହେବାପାଇଁ ସର୍ବସମ୍ମତିକ୍ରମେ ନିଷ୍ପତି ନିଆଯାଇଛି। ଏହି ମହୋତ୍ସବକୁ ପ୍ରତିବର୍ଷ ଠାରୁ ଚଳିତ ବର୍ଷ ଆହୁରି ବର୍ଣ୍ଣାଢ୍ୟ ଓ ରୁଚିବନ୍ତ କରାଯିବା ସହିତ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ, ଓଡ଼ିଶାର ପାରମ୍ପରିକ ନୃତ୍ୟ ଓ ହସ୍ୟଭିନେତା ମାନଙ୍କୁ ସ୍ଥାନ ଦିଆଯିବ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ଆୟୋଜକ କମିଟି ର ସଭାପତି ମାନ୍ୟବର ବିଧାୟକ ଇଂ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ତଥା କମିଟି ସମ୍ପାଦକ ସ୍ୱାଧୀନ ନାୟକ,କାର୍ଯ୍ୟକାରୀ ସଭାପତି ସ୍ୱପ୍ନେଶ୍ୱର ସାହୁ,ଅଭ୍ୟର୍ଥନା କମିଟି ମୁଖ୍ୟ ତଥା କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଜ୍ୟୋତିର୍ମୟ ଦଳାଇ,ସମାଜସେବୀ ଜ୍ଞାନରଞ୍ଜନ ସାହୁ,ହିମାଂଶୁ ଭୂଷଣ ଦୀକ୍ଷିତ, ସମରେନ୍ଦ୍ର ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, କମଳ ଲୋଚନ ଦୀକ୍ଷିତ, କ୍ଷେତ୍ରମୋହନ ଦାସ,ପ୍ରଦୀପ୍ତ କୁମାର ଦୀକ୍ଷିତ, ମାନସ ଦୀକ୍ଷିତ,ଶିବପ୍ରସାଦ ପାତ୍ର, ସରୋଜ ସାମଲ, ଶଙ୍କର ଦାସ, ମାନସ ସାମଲ,ଆଦିତ୍ୟ ରାଉତ, ଭାଗବତ ସ୍ୱାଇଁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ମହୋତ୍ସବ କିଭଳି ଭାବେ କାକଟପୁର ରେ ଏକ ସ୍ୱତନ୍ତ୍ର ପରିଚୟ ପାଇ ପାରିବ ସେ ଦିଗରେ ଆଲୋକ ପାତ କରିଥିଲେ ।

# ପ୍ରତାପ ଜେନାଙ୍କ ବାସଭବନରେ ହୋହଲ୍ଲା, ଦୁଇ ଗିରଫ
### ସୋସିଆଲ ମିଡିଆରେ ଆବେଦନ ପରେ ପୋଲିସ୍ ମୁତୟନ



ଭୁବନେଶ୍ୱର,(ନିପ୍ର): ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଭୁବନେଶ୍ୱର ୟୁନିଟ-୬ ସ୍ଥିତ ବାସଭବନରେ ହଙ୍ଗାମା କରିବା ସହ ସୁରକ୍ଷାକର୍ମୀଙ୍କୁ ମାଡ ମାରିବା ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସିଦ୍ଧାର୍ଥ ସ୍ୱାଇଁ ଓ ଦେବୀ ପ୍ରସାଦ ଲେଙ୍କା। ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଏଥିସହିତ ଶ୍ରୀଜେନାଙ୍କ ଘର ସାମ୍ନାରେ ସୁରକ୍ଷା ବ୍ୟବସ୍ଥା ବହୁଳ ମାତ୍ରାରେ ବଢ଼ାଯାଇଛି। କମିଶନରେଟ ପୋଲିସ୍ ପକ୍ଷରୁ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିବାରୁ ଗୋଟିଏ ନୂତନ ଘଟଣା ସାମ୍ନାକୁ ଆସିଛି। ନେତା ପ୍ରତାପ ଜେନା ନିଜେ ସୋସିଆଲ ମିଡିଆରେ ନିରାପତ୍ତା ନେଇ ଉଦବେଗ ପ୍ରକାଶ କରି ଆବେଦନ କରିଥିବା ପରେ ଏହି ପଦକ୍ଷେପ ନିଆଯାଇଛି ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ୟୁନିଟ-୬ ସ୍ଥିତ ପ୍ରତାପ ଜେନାଙ୍କ ବାସଭବନ ଆଗରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଯଦିଓ ନେତାଙ୍କ ପକ୍ଷରୁ ନିରାପତ୍ତା ନେଇ କୌଣସି ନିର୍ଦ୍ଦିଷ୍ଟ ଧମକ ବା ଘଟଣାର ଉଲ୍ଲେଖ କରାଯାଇ ନାହିଁ, ତଥାପି ସୋସିଆଲ ମିଡିଆରେ ତାଙ୍କ ପୂର୍ବ ଆବେଦନକୁ ଆଧାର କରି ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପ୍ରତାପ ଜେନା ବିଜୁ ଜନତା ଦଳ (ବିଜେଡି) ର ବରିଷ୍ଠ ନେତା ଭାବେ ପରିଚିତ। ସେ ପୂର୍ବରୁ ରାଜ୍ୟ ସରକାରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିଛନ୍ତି। ତାଙ୍କ ବାସଭବନ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିବା ପାଇଁ ପୋଲିସ୍ ପକ୍ଷରୁ କେଉଁ କେଉଁ ପଦକ୍ଷେପ ନିଆଯାଇଛି ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ, କିନ୍ତୁ ସୁରକ୍ଷା କର୍ମୀମାନେ ସମ୍ପୂର୍ଣ୍ଣ ସତର୍କ ଅବସ୍ଥାରେ ରହିଛନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। ଏହି ଘଟଣା ଓଡ଼ିଶା ରାଜନୀତିରେ ନେତାଙ୍କ ନିରାପତ୍ତା ନେଇ ଉଠୁଥିବା ପ୍ରଶ୍ନକୁ ପୁନର୍ବାର ଉପରକୁ ଆଣିଛି। ସୋସିଆଲ ମିଡିଆରେ ନେତାମାନେ ନିଜର ଉଦବେଗ ପ୍ରକାଶ କରୁଥିବା ସମୟରେ ପ୍ରଶାସନ କେତେ ତୁରନ୍ତ ପ୍ରତିକ୍ରିୟା ଦେଉଛି ତାହାର ଏକ ଉଦାହରଣ ହୋଇ ରହିଛି ଏହି ଘଟଣା। ବର୍ତ୍ତମାନ ପର୍ଯ୍ୟନ୍ତ ପୋଲିସ୍ ପକ୍ଷରୁ କୌଣସି ଆଧିକାରିକ ବିବୃତ୍ତି ପ୍ରକାଶ ପାଇନାହିଁ, କିନ୍ତୁ ପରିସ୍ଥିତି ସମୀକ୍ଷା କରାଯାଉଛି ବୋଲି ସୂଚନା ମିଳିଛି।

## ଘରୋଇ ବସ୍ ଧକ୍କାରେ ୱାଟକୋ କର୍ମଚାରୀ ମୃତ

ଭୁବନେଶ୍ୱର, (ନିପ୍ର): ସାମନ୍ତରାପୁର ଲୁଇସ୍ ରୋଡ୍‌ରେ ଶନିବାର ଦୁର୍ଘଟଣା ଘଟିଛି। ଏକ ଘରୋଇ ବସ୍ ଧକ୍କାରେ ଭୁବନେଶ୍ୱର ଜଳ ଯୋଗାଣ ଓ ପରିଷ୍କାର ସଂସ୍ଥା (ୱାଟକୋ)ର ଜଣେ କର୍ମଚାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକଙ୍କ ନାମ ମନମୋହନ ମଲ୍ଲିକ। ସ୍ଥାନୀୟ ସୂଚନା ଅନୁସାରେ, ଦୁର୍ଘଟଣା ପରେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଘରୋଇ ବସକୁ ଜବତ କରିଛି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଦୁର୍ଘଟଣା କେଉଁ ପରିସ୍ଥିତିରେ ଘଟିଥିଲା ଏବଂ କାହାର ଦୋଷ ଥିଲା ତାହା ପୋଲିସ ଖୋଜୁଛି। ଏହି ଦୁର୍ଘଟଣା ଖବର ପାଇ ସ୍ଥାନୀୟ ଲୋକେ ଶୋକ ପ୍ରକାଶ କରିଛନ୍ତି। ଏଭଳି ଦୁର୍ଘଟଣା ରୋକିବା ପାଇଁ ରାସ୍ତାରେ ଯାତ୍ରୀ ଓ ଚାଳକମାନେ ଅଧିକ ସତର୍କ ହେବା ସହ ଟ୍ରାଫିକ୍ ନିୟମ ପାଳନ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ କରିଛନ୍ତି।




ବିଶ୍ୱ ବନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଆୟୋଜିତ ଫଟୋ ଚିତ୍ର ପ୍ରଦର୍ଶନୀ ବୁଲି ଦେଖୁଛନ୍ତି । (ଫଟୋ-ଦିନଲିପି)

# ଆଇପିଏଲ୍ ପୂର୍ବରୁ କେକେଆର୍‌କୁ ବଡ଼ ଝଟ୍‌କା

କୋଲକାତା,୨୧।୩: ଭାରତ ସିମର ଆକାଶ ଦୀପ୍‌ଙ୍କ ପିଠିର ନିମ୍ନ ଭାଗରେ ଆଘାତ ଲାଗିଛି । ଫଳରେ ସେ ଅତି କମ୍‌ରେ ୮ ସପ୍ତାହ ଖେଳିପାରିବେନି । ଫଳରେ ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସେ ଖେଳିବା ନେଇ ଏକ ପ୍ରକାର ଅନିଶ୍ଚିତତା ଦେଖାଦେଇଛି । ଏହାର କୋଲକାତା ନାଇଟ୍ ରାଇଡର୍ସ(କେକେଆର) ପେସ୍ ବାହିନୀକୁ ଆଉ ଏକ ବଡ଼ ଝଟ୍‌କା ଲାଗିଛି । ଏହି ଡାହାଣହାତୀ ପେସ୍ ବୋଲର ଜୁନ୍ ପ୍ରାରମ୍ଭରେ ଆଫଗାନିସ୍ତାନ ବିପକ୍ଷରେ ଖେଳାଯିବାକୁ ଥିବା ଏକମାତ୍ର ଟେଷ୍ଟ ମ୍ୟାଚ ପାଇଁ ଉପଲବ୍ଧ ହେବେକି ନାହିଁ ତାକୁ ନେଇ ସନ୍ଦେହ ଦେଖାଦେଇଛି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ସୂତ୍ରରୁ ଜଣାଯାଇଛି । ୨୯ ବର୍ଷୀୟ ଏହି ବେଙ୍ଗଲ ପେସ୍ ବୋଲର ଗତଥର ଜମ୍ମୁ କଶ୍ମୀର ରଣଜୀ ଟ୍ରଫି ସେମିଫାଇନାଲ ଖେଳିଥିଲେ । ସେତେବେଳେ ସେ ସମ୍ପୂର୍ଣ୍ଣ ଫିଟ୍‌ଥିବା ଭଳି ମନେ ହେଉ ନ ଥିଲେ । ପ୍ରଥମ ଇନିଂସରେ ସେ ୧୩ ଓଭର ଓଭର ଏବଂ ଦ୍ୱିତୀୟ ଇନିଂସରେ ୭ ଓଭରରୁ କମ୍ ବୋଲିଂ କରିଥିଲେ । ଏହାପରଠାରୁ ସେ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ରିହାବିଲେଟେଶନରେ ଅଛନ୍ତି । ବୁଧବାର କେକେଆରର ପ୍ରସ୍ତୁତି କ୍ୟାମ୍ପ ଆରମ୍ଭ ହୋଇଛି । ଆକାଶ ଦୀପ୍




ଏଥିରେ ଯୋଗ ଦେଇ ନ ଥିଲେ । ଡାହାଣ ଆଣ୍ଠୁରେ ଲିଗାମେଣ୍ଟ ଇଞ୍ଜୁରି ପାଇଁ ହର୍ଷିତ ରାଣା ଏବଂ ୧୮କୋଟି ଟଙ୍କାରେ କ୍ରୟ ହୋଇଥିବା ଶ୍ରୀଲଙ୍କାର ମାଥିଶା ପଥିରାଣା ଗ୍ରୋଇନ୍ ଇଞ୍ଜୁରୀ ପାଇଁ ପୂର୍ବରୁ ଟୁର୍ନାମେଣ୍ଟରୁ ବାହାର ହୋଇ ସାରିଛନ୍ତି । ଫଳରେ ଦଳରେ ପେସ ବୋଲରଙ୍କ ଅଭାବ ଦେଖା ଦେଇଛି । ଆକାଶ ଦୀପ୍ ଓ ହର୍ଷିତଙ୍କ ଅନୁପସ୍ଥିତିରେ ସେମାନଙ୍କ ସ୍ଥାନ ଘରୋଇ ବିକଳ୍ପ ବୈଭବ ଆରୋରା, କାର୍ତ୍ତିକ ତ୍ୟାଗୀ ଏବଂ ପୁନର୍ବାର ଫିଟ୍ ହୋଇ ଫେରିଥିବା ଉମରାନ ମଲିକ୍‌ଙ୍କ ଉପରେ ନିର୍ଭରଶୀଳ ହେବ ।

## ଇଂ ଅମିତ୍ କୁମାର ପରିଡାଙ୍କୁ ଡକ୍ଟରେଟ ପ୍ରାପ୍ତ



ନିଆଳୀର ବରିଷ୍ଠ ଚିକିତ୍ସକ ଅଧିରାଜ କୁମାର ପରିଡା ଏବଂ ସୁଲେଖିକା ପୁଷ୍ପା ପରିଡାଙ୍କ ଜ୍ୟେଷ୍ଠ ପୁତ୍ର ଅମିତ୍ କୁମାର ପରିଡା ସମ୍ପ୍ରତି International Tamil University United States of America ଠାରୁ Doctor of Letters (D.Litt) ଡିଗ୍ରୀ ଅର୍ଜନ କରିଛନ୍ତି । ବିଶ୍ୱବିଦ୍ୟାଳୟର ମାନନୀୟ ଚାନ୍ସେଲର ତାଙ୍କୁ ସମ୍ମାନ ପୂର୍ବକ ସାର୍ଟିଫିକେଟ ପ୍ରଦାନ କରି ଡକ୍ଟର ଉପାଧିରେ ଭୂଷିତ କରିଛନ୍ତି । ଏହି ଗୌରବମୟ ସଫଳତା ତାଙ୍କର ପରିଶ୍ରମ, ନିଷ୍ଠା ଏବଂ ସଫଳତା ପ୍ରତି ଅତୁଟ ସମର୍ପଣତାର ପ୍ରତିଫଳନ । ଉକ୍ତ ସମ୍ମାନ ପାଇବା ପରେ ଉକ୍ତ ଅଂଚଳରେ ଆନନ୍ଦର ଲହରୀ ଖେଳିଯାଇଛି ।

## ଅଖା ଭିତରେ ନିଖୋଜ ଛାତ୍ରୀଙ୍କ ମୃତଦେହ

କରଞ୍ଜିଆ/ଭୁବନେଶ୍ୱର,୨୧।୩: ଅଖା ଭିତରୁ ମିଳିଲା ଜଣେ ନିଖୋଜ ଛାତ୍ରୀଙ୍କ ମୃତଦେହ । ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । କରଞ୍ଜିଆ ଏନଏସି ୱାର୍ଡ ନ ୧୫ ବଣସାହି ନିକଟରେ ଅଖା ଭିତରୁ ମିଳିଲା ନିଖୋଜ ନାବାଳିକାଙ୍କ ମୃତଦେହ । ନିଖୋଜ ହୋଇଥିବା ନେଇ ଗତକାଲି ବିଳମ୍ବିତ ରାତିରେ ଥାନାରେ ଏତଲା କରିଥିଲେ ପରିବାର ଲୋକେ । ଆଜି ସକାଳୁ ଘର ଠାରୁ ୨୦୦ମିଟର ଦୂରରେ ଏକ ଅଖା ଭିତରୁ ଛାତ୍ରୀ ଜଣକ ମୃତଦେହ ମିଳିଛି । ଛାତ୍ରୀ ଜଣକ ୮ମ ଶ୍ରେଣୀରେ ପଢୁଥିଲେ । ଏନେଇ କରଞ୍ଜିଆ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହେଇଛି । ସୂଚନାଯୋଗ୍ୟ, ନିକଟରେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ସାରୁଆଳି ଗାଁ ଜଙ୍ଗଲ ନିକଟରୁ ଜଣେ କଲେଜ ଛାତ୍ରୀଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ହୋଇଥିଲା । ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ କରାଯାଇଥିଲା । ଭୁବନ ଥାନା ଅଞ୍ଚଳର ଛାତ୍ରୀ କାମାକ୍ଷାନଗର ମହିଳା ମହାବିଦ୍ୟାଳୟରେ ପାଠ ପଢୁଥିଲେ । ଗତକାଲି କଲେଜରେ ପରୀକ୍ଷା ଦେବାପରେ ଘରକୁ ଫେରିନଥିଲେ । ରାତିରେ ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ଆଜି ସକାଳୁ ଛାତ୍ରୀଙ୍କ ମୃତଦେହ ସାରୁଆଳି ଜଙ୍ଗଲ ଭିତରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ଛାତ୍ରୀଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବା ବେଳେ ପାରିପାର୍ଶ୍ୱିକ ସ୍ଥିତିରୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅନୁମାନ କରାଯାଉଥିଲା । ପୋଲିସ ତଦନ୍ତ କ୍ରମେ ଶନିବାର ମୁଖ୍ୟ ଅଭିଯୁକ୍ତ ଗଙ୍ଗାଧର ପାତ୍ର ଓରଫ ଜଗା ଧରାପଡ଼ିଛି । ଘର ସାଆନ୍ତରାପୁର ଗ୍ରାମ ।

## ନାଲକୋ ପକ୍ଷରୁ ଭୁବନେଶ୍ୱରରେ ଦିବ୍ୟାଙ୍ଗଜନଙ୍କ ପାଇଁ ସହାୟକ ଉପକରଣ ବଣ୍ଟନ

ଭୁବନେଶ୍ୱର,୨୧।୩: ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ)ର ସିଏସଆର ଶାଖା, 'ନାଲକୋ ଫାଉଣ୍ଡେସନ' ମାଧ୍ୟମରେ ଭୁବନେଶ୍ୱର ସ୍ଥିତ ନାଲକୋନଗରଠାରେ ଦିବ୍ୟାଙ୍ଗଜନଙ୍କ ପାଇଁ ଏକ ସହାୟକ ଉପକରଣ ବଣ୍ଟନ ଶିବିର ଆୟୋଜନ କରାଯାଇଛି । ଏହି ଶିବିରରେ ଭୁବନେଶ୍ୱରସ୍ଥିତ ନାଲକୋ କର୍ପୋରେଟ୍ କାର୍ଯ୍ୟାଳୟ ପାରିପାର୍ଶ୍ୱିକ ଅଂଚଳରେ ଥିବା ସାଲିଆସାହି ବସ୍ତିରୁ ଚିହ୍ନଟ ହୋଇଥିବା ୬୪ ଜଣ ହିତାଧିକାରୀଙ୍କୁ ମୋଟ ୧୦୦ଟି ସହାୟକ ଉପକରଣ ବଣ୍ଟନ କରାଯାଇଛି ।



ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ) ଏହି ଶିବିରର ଉଦ୍ଘାଟନ କରିଥିଲେ । ଆଶୁତୋଷ ରଥ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ), ନାଲକୋ ତଥା ନାଲକୋ ଫାଉଣ୍ଡେସନ ଏବଂ ଭାରତୀୟ କୃତ୍ରିମ ଅଙ୍ଗ ଉତ୍ପାଦନ ନିଗମ (ଆଲିମକୋ) ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ ଯେ, ଦିବ୍ୟାଙ୍ଗଜନଙ୍କ ଚଳପ୍ରଚଳକୁ ସୁଗମ କରିବା ନିମନ୍ତେ କମ୍ପାନୀ ପକ୍ଷରୁ ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ୟୁନିଟଗୁଡ଼ିକରେ ସହାୟକ ଉପକରଣ ବଣ୍ଟନ ଶିବିରଗୁଡ଼ିକ ଆୟୋଜିତ ହୋଇଯାଇଛି । ଏହି କ୍ରମରେ, ମୋଟ ୪୯୦ ଜଣ ବ୍ୟକ୍ତିଙ୍କୁ ପ୍ରାୟ ୮୨୦ଟି ସହାୟକ ଉପକରଣ ବଣ୍ଟନ କରାଯାଇଛି ଯାହାର ମୂଲ୍ୟ ପ୍ରାୟ ୭୫ ଲକ୍ଷ ଟଙ୍କା ଅଟେ । ଦିବ୍ୟାଙ୍ଗଜନଙ୍କ ଗତିଶୀଳତା, ସୁଗମତା ଏବଂ ଜୀବନ ଧାରଣର ମାନକୁ ଉନ୍ନତ କରିବା ଏବଂ ସ୍ୱତନ୍ତ୍ର ସିଏସଆର ହସ୍ତକ୍ଷେପ ମାଧ୍ୟମରେ ନାଲକୋ ଏହାର ପାରିପାର୍ଶ୍ୱିକ ଅଂଚଳରେ ବସବାସ କରୁଥିବା ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ଅଟେ ।

**AFFIDAVIT**

By virtue of an affidavit sworn before The Executive Magistrate, Uditnagar, Rourkela dtd 12.03.2026. I, Gita Bhagat W/o-Ramanand Bhagat, At-Dumerjor, Kansbahal, Ps-Biramitrapur, Dist-Sundargarh, Odisha do hereby declare that in my RPLI Policy No.R-OR-EA-472488 where my maiden name is mentioned as Geeta Oram in place of my married name Gita Bhagat as per my Aadhar No.332297943260. Hence both the names stand for one and the same person.

Sd/-Gita Bhagat

**AFFIDAVIT**

By virtue of an affidavit sworn before The Executive Magistrate, Nimapara affidavit no.09 dated 20.03.2026, I Prafula Behera S/o-Bhramar Behera At-Ampora, Po-Chhanijanga, Ps-Charichhak, Dist-Puri, Odisha, Pin-752113 do hereby declare that I have changed my son's name from Ronan Behera to Rohan Behera. Henceforth he will be known as Rohan Behera for all purposes.

Sd/-Prafula Behera

### ଅସହାୟ ପରିବାର ପାଇଁ 'ଦେବଦୂତ' ସାଜିଲା ମାରୁତି ସେନା

## କଟକଣା ଗ୍ରାମର ଦୃଷ୍ଟିହୀନ ଜିତୁଙ୍କୁ ମିଳିଲା ସାହାରା



କାକଟପୁର,୨୧।୩(ନିପ୍ର): ବିଧିର ବିଧାନ ବଡ଼ ବିଚିତ୍ର । ଜନ୍ମରୁ ୮୦ ପ୍ରତିଶତ ଦିବ୍ୟାଙ୍ଗ ଥାଇ ମଧ୍ୟ ଯେଉଁ ହାତ ଦିନେ ପରିବାର ପ୍ରତିପୋଷଣ ପାଇଁ ଗୁପଚୁପ ବିକୁଥିଲା ଆଜି ସେହି ହାତ ଅସହାୟ । ଦୁର୍ଭାଗ୍ୟବଶତଃ ଦୃଷ୍ଟିଶକ୍ତି ହରାଇବା ପରେ ଅନ୍ଧାର ଭିତରକୁ ଠେଲି ହୋଇଯାଇଥିବା କାକଟପୁର ବ୍ଲକ କଟକଣା ଗ୍ରାମର ଜିତୁ ଜେନାଙ୍କ ପରିବାର ପାଇଁ ଏବେ ସାହାଯ୍ୟର ଆଶାବାଡ଼ି ସାଜିଛି ସାମାଜିକ ସଂଗଠନ 'ମାରୁତି ସେନା' । ସୂଚନାଯୋଗ୍ୟ ଯେ, ଜିତୁ ଜେନା ଜଣେ କର୍ମଠ ବ୍ୟକ୍ତି ଥିଲେ । ଶାରୀରିକ ଅକ୍ଷମତା ସତ୍ତ୍ୱେ ସେ ମୂଲ ମଜୁରି ଓ ଗୁପଚୁପ୍ ବିକ୍ରି କରି ସ୍ତ୍ରୀ ଓ ଦୁଇ ସନ୍ତାନଙ୍କ ମୁହଁରେ ଦାନା ଦେଉଥିଲେ । ମାତ୍ର ୪ ବର୍ଷ ତଳେ ଏକ ଦୁର୍ଘଟଣା ତାଙ୍କ ଜୀବନକୁ ଓଲଟପାଲଟ କରିଦେଲା । ଅର୍ଥ ଅଭାବ ଓ ଚିକିତ୍ସା ଅବହେଳାରୁ ସେ ସମ୍ପୂର୍ଣ୍ଣ ଦୃଷ୍ଟିହୀନ ହୋଇପଡ଼ିଲେ । ରୋଜଗାରକ୍ଷମ ବ୍ୟକ୍ତି ଜଣକ ଶଯ୍ୟାଶାୟୀ ହେବା ପରେ ପରିବାର ଉପରେ ଦୁଃଖର କଳାବାଦଲ ଘୋଟି ଆସିଥିଲା । ଏହି ଖବର ପାଇବା ପରେ 'ମାରୁତି ସେନା'ର ରାଜ୍ୟ ସଭାପତି ପପୁ ଦଳବେହେରା ଓ ଜିଲ୍ଲା ସଭାପତି ବଳରାମ ବାରିକଙ୍କ ନିର୍ଦ୍ଦେଶକ୍ରମେ ସଂଗଠନର ଏକ ସ୍ୱତନ୍ତ୍ର ଟିମ୍ ଜିତୁଙ୍କ କୁଡ଼ିଆରେ ପହଞ୍ଚିଥିଲେ । ଚାଉଳ, ପରିବା ଓ ଆବଶ୍ୟକ ରାସନ ସାମଗ୍ରୀ ଯୋଗାଇବା ସହ ପିଲାମାନଙ୍କୁ ପାଠପଢ଼ା ପାଇଁ ବହି, ଖାତା, କଲମ ଓ ବ୍ୟାଗ୍ ପ୍ରଦାନ କରିଥିଲେ । ଚିକିତ୍ସା ଓ ମାସିକ ଔଷଧ ଖର୍ଚ୍ଚ ପାଇଁ ନଗଦ ଅର୍ଥ ପ୍ରଦାନ କରିଥିଲେ । ସଂଗଠନର ଏଭଳି ମାନବିକତାକୁ ସ୍ଥାନୀୟ ଅଞ୍ଚଳରେ ଉଚ୍ଚ ପ୍ରଶଂସା କରାଯାଇଛି ।



ଭୁବନେଶ୍ୱର:ଇଦ୍-ଉଲ୍-ଫିତର ଅବସରରେ ମୁସଲମାନ ସଂପ୍ରଦାୟ ପକ୍ଷରୁ ସମୂହ ନମାଜ ପାଠ । (ଫଟୋ-ଦିନଲିପି)

## ଦୁର୍ଘଟଣାରେ ଓଏସ୍‌ଆରଟିସି ଡ୍ରାଇଭର ମୃତ, କ୍ଷତିପୂରଣ ଦାବିରେ ପ୍ରତିବାଦ

ଭୁବନେଶ୍ୱର,୨୧।୩: ଦୁର୍ଘଟଣାରେଓଏସ୍‌ଆରଟିସି ଡ୍ରାଇଭର ମୃତ । ଗତକାଲି ରାତିରେ କଲିକତା ମେଦିନପୁର ପାଖରେ ଘଟିଛି ଦୁର୍ଘଟଣା । ମୃତକ ହେଉଛନ୍ତି କଟକ ଜିଲ୍ଲା ବାଙ୍କୀ ବୈଦେଶ୍ୱରର ପ୍ରମୋଦ କୁମାର ମହାପାତ୍ର । ଦୁର୍ଘଟଣା ପରେତାଙ୍କୁ ଡାକ୍ତରଖାନା ନିଆଯାଇନଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଓଏସ୍‌ଆରଟିସି ଅଫିସ ଆଗରେ ଶବ ରଖି ପ୍ରତିବାଦ କରୁଛନ୍ତି ପରିବାର ଲୋକ । କ୍ଷତିପୂରଣ ସହ ପରିବାର ସଦସ୍ୟଙ୍କୁ ଚାକିରୀ ଦାବିକରୁଛନ୍ତି ତାଙ୍କ ସ୍ତ୍ରୀ ଓ ଝିଅ । ୨୫ ବର୍ଷ ହେଲା ଓଏସ୍‌ଆରଟିସିରେ କାମ କରୁଥିଲେ । ପରିବାରରଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ । ସେପଟେ ମୃତକ ପ୍ରମୋଦଙ୍କ ଭଣଜା ଅଭିଯୋଗ କରିଛନ୍ତି ଯେ ଆକ୍ସିଡେଣ୍ଟ ପରେ ଓଏସ୍‌ଆରଟିସି ଅଫିସର ମାନେପ୍ରମୋଦଙ୍କ ସହଯୋଗୀଙ୍କୁ ଗାଡ଼ି ନେଇ ଫେରି ଆସିବାକୁ ନିର୍ଦ୍ଦେଶ ଦେଇଥିଲେ । ଆକ୍ସିଡେଣ୍ଟପରେ ତାଙ୍କୁ ହସ୍ପିଟାଲରେ ଭର୍ତି ପାଇଁ କାହିଁକି କୁହାଗଲା ନାହିଁ । ହୁଏତ ବଞ୍ଚି ଯାଇ ପାରିଥାନ୍ତେ । କିନ୍ତୁ ସେମାନେ ଏହା କଲେ ନାହିଁ । ବରଂ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ରାସ୍ତାକଡରେ ଛାଡି ଦେଇ ପଳେଇ ଆସିବାକୁ ନିର୍ଦ୍ଦେଶ ଦିଆଗଲା । ଯାହା ଲଜ୍ଜାଜନକ ବୋଲି ମୃତକଙ୍କ ସଂପର୍କୀୟ କହିଛନ୍ତି । ଅନ୍ୟପଟେ କ୍ଷତିପୂରଣ ଦାବିରେ ଓଏସ୍‌ଆରଟିସି ଅଫିସ ଆଗରେ ପ୍ରତିବାଦ । ମୃତଦେହ ଅଫିସ ଆଗରେ ରଖି ଶତାଧିକ ଯୁବକ ଶବ ରଖି କରୁଛନ୍ତି ପ୍ରତିବାଦ ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2026013, ତା.12.03.2026ରିଖ

**କାର୍ଯ୍ୟର ନାମ :** ରାଜଆଠଗଡ଼ ରୁ ରାଧାକିଶୋରପୁର ଏବଂ ରାଧାକିଶୋରପୁର ରୁ ମଞ୍ଚାପୁରକୁ ସଂଯୋଗ କରୁଥିବା ରେଳ ଫ୍ଲାଏଓଭର ସମ୍ବନ୍ଧୀୟ ସମ୍ପୃକ୍ତ ବିଭାଗ / ମନ୍ତ୍ରଣାଳୟର ପ୍ରଚଳିତ ଅଧିନିୟମ / ନିୟମାବଳୀ ଅନୁଯାୟୀ ଜଙ୍ଗଲ ଜମିର ପରିବର୍ତ୍ତନ ନିମନ୍ତେ ଜମି ଅଧିଗ୍ରହଣ ପ୍ରସ୍ତାବର ପ୍ରସ୍ତୁତି ଓ ଦାଖଲ, ଯେଉଁଥିରେ ଜମି ବାଉଣ୍ଡରୀ ପୋଷ୍ଟ ପ୍ରଦାନ କରିବା ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଅନ୍ତର୍ଭୁକ୍ତ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 55.98 ଲକ୍ଷ, EMD : ₹ 1,12,000/-, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.07.04.2026ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-310/CI/25-26

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

## ବୈଦ୍ୟୁତିକ ଉପକରଣ ନିୟମିତ ଯାଞ୍ଚ କରିବାକୁ ଗୁରୁତ୍ୱ

- ଅଦ୍ୟାବଧି ରାଜସ୍ୱ ଆଦାୟ ଲକ୍ଷ୍ୟ ପ୍ରାୟ ୭୮.୭୭ ପ୍ରତିଶତ
- ୪୧,୦୬୩ଟି ପଦବୀ ପୂରଣ ହୋଇଛି
- ବିସିପିପିଆର ଲକ୍ଷ୍ୟ ଓ କାର୍ଯ୍ୟକାରିତା ନେଇ ପଦକ୍ଷେପ

ଭୁବନେଶ୍ୱର,୨୧।୩(ହିସ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଶନିବାର ସଚିବ ସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରି ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକର ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ନିକଟରେ ବିଭିନ୍ନ ସ୍ଥାନରେ ଘଟିଥିବା ଅଗ୍ନି ଦୁର୍ଘଟଣା ପ୍ରସଙ୍ଗରେ ଆଲୋଚନା କରି ସମସ୍ତ ସରକାରୀ ବିଭାଗୀୟ କୋଠାରେ ବିଦ୍ୟୁତ୍ ୱାୟାରିଂ ତନଖି କରାଯିବା, ବୈଦ୍ୟୁତିକ ଉପକରଣ ନିୟମିତ ଯାଂଚ କରିବା, ଆବଶ୍ୟକ ଉନ୍ନତିକରଣ କାର୍ଯ୍ୟ ସହ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ବୈଠକରେ ଅର୍ଥ ବିଭାଗ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଅଦ୍ୟାବଧି ହୋଇଥିବା ଆର୍ଥିକ ସ୍ଥିତି ଉପସ୍ଥାପନ କରାଯାଇଥିଲା । ଏହି ଆର୍ଥିକ ବର୍ଷରେ ବଜେଟ ଅନୁମୋଦନ ଅନୁସାରେ ଅଦ୍ୟାବଧି ବିଭିନ୍ନ ବିଭାଗ ଦ୍ୱାରା ହୋଇଥିବା ଖର୍ଚ୍ଚ ଓ ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟପୂରଣ ସଂପର୍କିତ ଆଲୋଚନା କରାଯାଇଥିଲା । କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ସମବାୟ ଓ ଶକ୍ତି ବିଭାଗ ସମେତ ସାମାଜିକ କ୍ଷେତ୍ର ସଂପର୍କିତ ବିଭିନ୍ନ ବିଭାଗରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ଖର୍ଚ୍ଚ ହାର ଗତ ବର୍ଷ ଏହି ସମୟ ତୁଳନାରେ ଅଧିକ ବୃଦ୍ଧି ଘଟିଛି । ବୈଠକରେ ବିଭିନ୍ନ କ୍ଷେତ୍ରରୁ ଅଦ୍ୟାବଧି ରାଜସ୍ୱ ଆଦାୟ ଲକ୍ଷ୍ୟ ପ୍ରାୟ ୭୮.୭୭ ପ୍ରତିଶତ ହୋଇଥିବା ଜଣାଯାଇଛି । ଚଳିତ ମାସ ଶେଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟ ଅଗ୍ରଗତି ସହ ଓ ଖର୍ଚ୍ଚ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଭିତିଭୂମି ବିକାଶ କ୍ଷେତ୍ର ସଂପର୍କିତ ଅନ୍ୟ ବିଭାଗ ସମେତ ଅନ୍ୟ ବିଭାଗମାନଙ୍କରେ ଅଦ୍ୟାବଧି ଖର୍ଚ୍ଚ ସ୍ଥିତି ଉପସ୍ଥାପନ କରାଯାଇଥିଲା । 'ଆମେ ଜାଣିବା ଆମ ବଜେଟ' କାର୍ଯ୍ୟକ୍ରମରେ ୨୦୨୬-୨୭ବଜେଟସମ୍ପର୍କରେ ବିଭିନ୍ନ ସ୍ତରରେ ଜନସାଧାରଣଙ୍କୁ ସୂଚନାପ୍ରଦାନ କରିବାକୁ ଆଲୋଚନା ହୋଇଛି । ରାଜ୍ୟ ବଜେଟ୍ ଏବଂ କେନ୍ଦ୍ର ସରକାରଙ୍କ ଓଡ଼ିଶା ସମ୍ପର୍କିତ ବିକାଶମୂଳକ ଏବଂ ଲୋକାଭିମୁଖୀ କାର୍ଯ୍ୟକ୍ରମ ଗୁଡ଼ିକ ସଂପର୍କରେ ରାଜ୍ୟ ମୁଖ୍ୟାଳୟଠାରୁ ଆରମ୍ଭ କରି ଜିଲ୍ଲା, ପୌରାଂଚଳ, ବ୍ଲକ ଓ ଗ୍ରାମ ସଭା ସ୍ତରରେ "ବଜେଟ୍ ସଭା" ଆୟୋଜନ କରାଯାଇ ଜନସାଧାରଣଙ୍କୁ ସୂଚନା ଦେବାକୁ ପଦକ୍ଷେପ ନିଆଯିବ । ଏହା ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଦକ୍ଷ ଓ ସ୍ୱଚ୍ଛତାର ସହ କାର୍ଯ୍ୟାନ୍ୱୟନ ହୋଇପାରିବ ବୋଲି ଏ ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସଂପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଆଗାମୀ ଜୁନ୍ ମାସ ସୁଦ୍ଧା ରାଜ୍ୟ ସରକାର ବିଭିନ୍ନ ବିଭାଗରେ ଖାଲିଥିବା ୬୫ ହଜାର ପଦବୀ ପୂରଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ବେଳେ ତନ୍ମଧ୍ୟରୁ ୪୧,୦୬୩ଟି ପଦବୀ ପୂରଣ ହୋଇଛି ଏବଂ ଅବଶିଷ୍ଟ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଇ ଥିବା ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ।

## ପ୍ରଥମ ଶ୍ରେଣୀ ଛାତ୍ର ପ୍ରତି ଅମାନୁଷିକ କାଣ୍ଡ

କେନ୍ଦୁଝର,୨୧।୩: ଜଣେ ପ୍ରଥମ ଶ୍ରେଣୀ ଛାତ୍ରକୁ ଚତୁର୍ଥ ଶ୍ରେଣୀର କିଛି ଛାତ୍ର ଅମାନୁଷିକ ନିର୍ଯାତନା ଦେଇଛନ୍ତି । ତାହାର ଗୁପ୍ତାଙ୍ଗରେ ଜରି ବାନ୍ଧି ନିଆଁ ଲଗାଇ ଦେଇଛନ୍ତି । କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ତୋରାଣୀ ପୋଖରୀ ଆଶ୍ରମ ବିଦ୍ୟାଳୟରେ ଏଭଳି ଅଭାବନୀୟ ଘଟଣା ଘଟିଛି । ବିଜୁ ମୁଣ୍ଡାଙ୍କ ପୁଅ ତୋରାଣୀ ପୋଖରୀ ଆଶ୍ରମ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପାଠ ପଢ଼ନ୍ତି । ଗୁରୁବାର ସନ୍ଧ୍ୟା ୭ଟାରୁ ୮ ମଧ୍ୟରେ ଚତୁର୍ଥ ଶ୍ରେଣୀର କିଛି ଛାତ୍ର ଜଣେ ପ୍ରଥମ ଶ୍ରେଣୀର ଛାତ୍ରକୁ ଅମାନୁଷିକ ନିର୍ଯାତନା ଦେଇଛନ୍ତି । କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ଝଗଡା ହେବାରୁ ଛାତ୍ର ଜଣକୁ ଉପର ଶ୍ରେଣୀର ଛାତ୍ରମାନେ ପ୍ରଥମେ ମାଡ଼ ମାରିଥିଲେ । ତାର ଆଖି ପତାରେ ଗଭୀର ଆଘାତ ଲାଗିଛି । ଏ ନେଇ ଶିକ୍ଷକ ଜାଣିବା ପରେ ତୁରନ୍ତ ମେଡ଼ିକାଲରେ ଭର୍ତ୍ତି କରିଥିଲେ । ଡାକ୍ତରଖାନା କର୍ତ୍ତୃପକ୍ଷ ତୁରନ୍ତ ଘଟଗାଁ ପୋଲିସକୁ ଖବର ଦେବା ପରେ ତଦନ୍ତ ଆରମ୍ଭ ହୋଇଛି । ଆହତ ଛାତ୍ରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇ ଅଧିକ ଚିକିତ୍ସା କରାଯାଉଛି ।

Adv No 24/81 /2026 Date: 19.03.2026 10001/135/2526

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER: RAYAGADA

**SHORT TENDER CALL NOTICE**

SEALED TENDERS ARE INVITED BY SUPERSCRIPTING ON THE TOP OF THE ENVELOPE FOR FINALISATION THE RATE CONTRACT OF NON INVASIVE HAEMOGLOBINO METER FOR A PERIOD OF ONE YEAR OR UNTIL FINALIZATION OF NEW TENDER FROM THE DATE OF APPROVAL OF TENDER IN FAVOUR OF CHIEF DISTRICT MEDICAL & PUBLIC HEALTH OFFICER, RAYAGADA. THE TENDER PAPERS WITH ALL TERMS AND CONDITIONS MAY BE OBTAINED DURING OFFICE HOUR (10.A.M TO 5.30 P.M) FROM THE OFFICE OF THE CDM & PHO RAYAGADA FROM 19.03.2026 TO 25.03.2026 ON PAYMENT OF Rs. 5000/- IN SHAPE OF BANK DRAFT DRAWN IN FAVOUR OF CDM & PHO, RAYAGADA FROM ANY NATIONALIZED / SCHEDULED BANK.PAYABLE AT RAYAGADA. THE LAST DATE OF RECEIPT OF TENDER IS 25.03.2026 UPTO 5.30P.M. THE SAME WILL BE OPENED AT 11.00 A.M ON 26.03.2026. IN THE OFFICE CHAMBER OF CDM & PHO, RAYAGADA. THE PARTIES /AUTHORIZED REPRESENTIVES MAY BE PRESENT BEFORE THE TENDER OPENING TIME. THE UNDERSIGNED RESERVES THE RIGHT TO REJECT ANY OR ALL THE TENDERS WITHOUT ASSIGNING ANY REASON THEREOF.

Sd/- Dr. V.SAROJINI DEVI
Chief District Medical &
Public Health Officer, Rayagada

OIPR-10001/10035/1/25-26/0007

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ